ନବ ସାହିତ୍ୟ

ସହଚର

ଦ୍ୱିତୀୟ ଭାଗ

ପଞ୍ଚମ ଶ୍ରେଣୀ ଛାତ୍ରମାନଙ୍କ ନିମନ୍ତେ

Digitized by srujanika@gmail.com

ନବ ସାହିତ୍ୟ

ସହଚର

ଦ୍ୱିତୀୟ ଭାଗ

(୫ମ ଶ୍ରେଣୀ ନିମନ୍ତେ)

ସଙ୍କଳକ:—

(ଜନୈକ ପ୍ରବୀଣ ଶିକ୍ଷକ)

ପ୍ରକାଶକ:—

ଶ୍ରୀ ସତ୍ୟନାରାୟଣ ମିଶ୍ର

ଓଡ଼ିଶା ପବ୍ଲିଶିଂ ହାଉସ

ବ୍ରହ୍ମପୁର—କଟକ—ସମ୍ବଲପୁର

ମୂଲ୍ୟ ଦଶ ଅଣା ମାତ୍ର

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ଆତକଷ୍ଣଙ୍କ ଏକାଗ୍ରତା	୧
୨ । ଉଡ଼ି ନ ପାରିବା ପକ୍ଷୀ	୬
୩ । ମୋ ଜନ୍ମ-ଭୂମି	୧୦
୪ । ସ୍ୱାଧୀନତା ଲଢ଼େଇର ନେତା	୧୪
୫ । ଦୁଇଟି ଗ୍ରହ ବନ୍ଧୁ (୧)	୨୩
୬ । ଦୁଇଟି ଗ୍ରହ ବନ୍ଧୁ (୨)	୨୭
୭ । ଉଇ ଓ ମହୁମାଛି	୩୦
୮ । ଔଷଧ ଉଦ୍ଭିଦ	୩୪
୯ । ଭୂତ-ଉପାଖ୍ୟାନ	୩୯
୧୦ । ଉଦ୍ୟମ	୪୩
୧୧ । ପୁରାତନ ଓ ନୂତନ ଦିଲ୍ଲୀ	୪୭
୧୨ । ଛୋଟ ବୃକ୍ଷ ଓ ଛୋଟ ଶିଳ୍ପ	୫୧
୧୩ । ରାଜାଙ୍କ ନୂତନ ପରିଚ୍ଛଦ	୫୫
୧୪ । କାଠଯୋଡ଼ି କୂଳେ ଭ୍ରମଣ	୬୧
୧୫ । ଜବ ଇଭଚଲ୍	୬୬
୧୬ । ବାରଣ ବଢ଼େଇରେ ଦାସ—୧	୭୩
୧୭ । ବାରଣ ବଢ଼େଇରେ ଦାସ—୨	୭୭
୧୮ । ସମୁଦ୍ର ଓ ପର୍ବତ	୮୧
୧୯ । ଆମର ସାଧାରଣ ଖାଦ୍ୟ	୮୪
୨୦ । ସହଯୋଗ ଓ ଗ୍ରାମ ପଞ୍ଚାୟତ	୮୮
୨୧ । ବାଲ୍ମୀକ ମୋଢ	୯୪
୨୨ । ଲବଣ ଶିଳ୍ପ	୯୯
୨୩ । ବନ୍ଦୀଶାଳାର ଉନ୍ନତି	୧୦୨
୨୪ । ଛଅ ଗୋଟି ପ୍ରଧାନ ନଦୀ	୧୦୭
୨୫ । ଜଗତ ଧରାରୁ ନିଜ ଗୁଣେ ସୁଖମୟ	୧୧୧

—※—

Digitized by srujanika@gmail.com

ନବସାହିତ୍ୟ ସହଚର

ଦ୍ୱିତୀୟ ଭାଗ

ପଞ୍ଚମ ଶ୍ରେଣୀ ନିମନ୍ତେ

(୧) ଆଦିକବିଙ୍କ ଏକାଗ୍ରତା

ସାରକଥା—

ଅତି ପୂର୍ବକାଳରେ ରତ୍ନାକର ବୋଲି ଜଣେ ଦସ୍ୟୁ ପଥିକମାନଙ୍କୁ ଲୁଣ୍ଠନ କରି ଉଦର ପୋଷଣ କରୁଥିଲା । ଥରେ ଜଣେ ଋଷି ତାହାର ଏହି ମନ୍ଦ ସ୍ୱଭାବ ଦୂର କରିବା ପାଇଁ ତାହାକୁ ବୁଝାଇ ଦେଲେ ଯେ ଏକାଗ୍ରତା ଅବଲମ୍ବନ କଲେ ମନୁଷ୍ୟକୁ କ୍ଷୁଧା ତୃଷା ମଧ୍ୟ ବାଧିବ ନାହିଁ । ସାମାନ୍ୟ ପେଟ ପୋଷିବା ପାଇଁ ଡକାୟତି କରିବା କିମ୍ବା ମଣିଷ ମାରିବା ଘୋର ଅନ୍ୟାୟ ।

ରତ୍ନାକର ଋଷିଙ୍କୁ କ୍ଷୁଧା ତୃଷା ଜୟ କରିବାର ଉପାୟ ପଚାରିଲା । ଋଷି ଉପଦେଶ ଦେଲେ, "ତୁ ଏକ ସ୍ଥାନରେ ବସି ରାମନାମ ଜପ କର ।"

Digitized by srujanika@gmail.com

ରତ୍ନାକର ସେହିପରି କଲା । ପ୍ରଥମେ ଏକ ସ୍ଥାନରେ ବସି ଜପ କରିବାକୁ ତାକୁ ଅଡୁଆ ଲାଗିଲା । କିନ୍ତୁ କ୍ରମେ ଅଭ୍ୟାସ ବଳରେ ସେ ଏହା ସହଜରେ କରି ପାରିଲା । ତାର ଖାଇବା ପିଇବା ଇଚ୍ଛା ଅଳ୍ପେ ଅଳ୍ପେ ଏତେ କମିଗଲା ଯେ ସେ ବିନା ପାନାହାରରେ ସପ୍ତାହ ସପ୍ତାହ କଟାଇଦେଲା । ପରେ ଏକ ଆସନରେ ବସି ବର୍ଷ ବର୍ଷ ଧରି ରାମନାମ ଜପ କଲା । ବନର ହିଂସ୍ର ଜନ୍ତୁମାନେ ତା ଉପରେ ଚଢ଼ିଲେ ମଧ୍ୟ ସେ ଜାଣି ପାରିଲେ ନାହିଁ । ସେ ନିଜ ଦେହ କଥା ଏକବାରେ ଭୁଲିଗଲେ । କେତେ କାଳ ପରେ ତା ଉପରେ ଉଇମାନେ ହୁଙ୍କା କରିଦେଲେ ।

ଏହିପରି ଏକଲୟରେ ତପସ୍ୟା କରି କରି ରତ୍ନାକର ଜ୍ଞାନ ଲାଭ କଲେ । ଉଇ ହୁଙ୍କାକୁ ସଂସ୍କୃତରେ ବଲ୍ମୀକ କୁହାଯାଏ । ରତ୍ନାକର ଜପ କରୁ କରୁ ଉଇ ହୁଙ୍କା ହୋଇ ଯାଇଥିବାରୁ ସେ ବାଲ୍ମୀକି ଋଷି ନାମ ପାଇଲେ ।

ଦିନେ ବାଲ୍ମୀକି ଋଷି ନଦୀରେ ସ୍ନାନ ସାରି ଆସୁଥିଲେ । ଏହି ସମୟରେ ଗୋଟିଏ ବଗକୁ ଜଣେ ବ୍ୟାଧ ଶର ମାରିବାରୁ ସେ ଆହତ ହୋଇ ତାଙ୍କ ପାଦ ପାଖେ ପଡ଼ିଲା । ଏଣେ ମାଈ ବଗଟି ଅତି ବିକଳ ସ୍ୱରରେ ବୋବାଇ ତାଙ୍କ ମୁଣ୍ଡ ଉପରେ ଉଡ଼ିଲା । ଦିନେ ରତ୍ନାକର ମଣିଷ ମାରିବାକୁ କୁଣ୍ଠିତ ନଥିଲେ । କିନ୍ତୁ ଏବେ ବାଲ୍ମୀକି ଋଷି ହୋଇ ତାଙ୍କର ସ୍ୱଭାବ ଏକବାରେ ବଦଳି ଯାଇଥିଲା । ସେ ସାମାନ୍ୟ ବଗର ଏହି ଦୁଃଖ ଦେଖି ଦୟାରେ ତରଳି ଗଲେ । ସେ ଶର ମାରିଥିବା ବ୍ୟାଧକୁ ନିନ୍ଦାକରି ଯାହା କହିଲେ ତାହା ଗୋଟିଏ ଶ୍ଳୋକ ଆକାର ଧରିଥିଲା । ସେହି ଶ୍ଳୋକଟି ଜଗତରେ ପ୍ରଥମ କବିତା ବୋଲି କୁହାଯାଏ । ବାଲ୍ମୀକିଙ୍କ ମୁଖରୁ ତାହା ବାହାରି ଥିବାରୁ ସେ ଜଗତର ଆଦି କବି ରୂପେ ପରିଚିତ ।

Digitized by srujanika@gmail.com

ସେ ଯେଉଁ ବୃତ୍ତରେ ଏହି ଶ୍ଳୋକଟି କହିଥିଲେ, ସେହି ବୃତ୍ତରେ ସେ ସାତକାଣ୍ଡ ରାମାୟଣ ରଚନା କଲେ । ଭାରତରେ ତାଙ୍କ ସଂସ୍କୃତ ରାମାୟଣରେ ବିଶେଷ ଆଦର ଅଛି । ପୃଥିବୀର ଅନେକ ଭାଷାରେ ରାମାୟଣ ଅନୁବାଦ କରି ଯାଇଅଛି ।

ଏକାଗ୍ରତା ଦ୍ୱାରା ଦସ୍ୟୁ ରତ୍ନାକର ଆଦିକବି ବାଲ୍ମୀକି ହୋଇ ଜଗତରେ ପୂଜା ପାଉ ଅଛନ୍ତି ।

କଠିନ ଶବ୍ଦର ଅର୍ଥ—

ଏକାଗ୍ରତା—ଏକଲୟ ରଖି କୌଣସି କାର୍ଯ୍ୟ କରିବା; ଦସ୍ୟୁ-ବୃତ୍ତି—ଡକାୟତି ବ୍ୟବସାୟ; ଉଦର ପୋଷଣ—ପେଟ ପୋଷିବା; ଦୌରାତ୍ମ୍ୟ—ଅତ୍ୟାଚାର;ସଙ୍କୋଚ—ଲଜ୍ଜା; ନୃଶଂସ—ଅତି ନିଷ୍ଠୁର; କ୍ଷୁଧା ତୃଷା—ଭୋକ ଶୋଷ; କୌତୂହଳ—ଆଗ୍ରହ; ନିବାରଣ କରିବା—ବନ୍ଦ କରିବା; ମୁହୂର୍ତ୍ତି—ଅତି ଅଳ୍ପ ସମୟ; ବିଚରଣ—ଭ୍ରମଣ; ସରୀସୃପ— ସାପଜାତୀୟ ଜୀବ; ନିଶ୍ଚଳ— ସ୍ଥିର, ହଲଚଲ ହେଉ ନ ଥିବା; ନିର୍ଭୟ ହୋଇ—ଭୟ ନ କରି; ଶରବିଦ୍ଧ—ଶର ବାଜି ଥିବା; ପକ୍ଷିଣୀ—ମାଈପକ୍ଷୀ; ନିର୍ବିକାର ଚିତ୍ତରେ—ମନରେ ଟିକିଏ ସୁଦ୍ଧା ଘୃଣା ନ କରି; ବିଚଳିତ ହେଲି—ତରଳିଗଲି; ଭର୍ତ୍ସନା କରିବା—ଗାଳିଦେବା; ପ୍ରସିଦ୍ଧି—ଜଣାଶୁଣା; ଆଦିକବି—କବିମାନଙ୍କ ମଧ୍ୟରେ ପ୍ରଥମ; ଛନ୍ଦ—ବୃତ୍ତ; ସଂସ୍କୃତ—ସଂସ୍କୃତରେ; ପୂଜ୍ୟ—ପୂଜା ପାଇବାର ଯୋଗ୍ୟ ।

ସନ୍ଧି—

ରତ୍ନ+ଆକର=ରତ୍ନାକର; ଏକ+ଅଧିକ=ଏକାଧିକ; ଏକ+ଅଗ୍ର=ଏକାଗ୍ର; ପାନ+ଆହାର=ପାନାହାର; ନିଃ+ଚଳ =ନିଶ୍ଚଳ; ନିଃ+ଭୟ—ନିର୍ଭୟ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

Digitized by srujanika@gmail.com

ଜ୍ଞାନୀ—ଅଜ୍ଞାନ; ନ୍ୟାୟ—ଅନ୍ୟାୟ; ଅନାଦ—ବିଷାଦ; ପରିଚିତ—ଅପରିଚିତ ।

ଲିଙ୍ଗ ପରିବର୍ତ୍ତନ—

ନର—ନାରୀ; ପକ୍ଷୀ—ପକ୍ଷିଣୀ, ପୂଜ୍ୟ—ପୂଜ୍ୟା ।

ସରଳାର୍ଥ—

ନିର୍ବିକାର ଚିତ୍ତରେ······ହୋଇଗଲା । (ପୃ ୨ ପୃ)

ଦସ୍ୟୁ ରତ୍ନାକର ଏକାଗ୍ର ତପସ୍ୟାବଳରେ ବାଲ୍ମୀକି ଋଷି ହେଲେ । ଦିନେ ସେ ନଦୀରେ ଗାଧୋଇ ଆସୁଥିବାବେଳେ ଗୋଟିଏ ବଗ ତାଙ୍କ ଗୋଡ଼ ପାଖେ ପଡ଼ିଗଲା । ବଗଟିକୁ ଜଣେ ବ୍ୟାଧ ଶର ମାରିଥିବାରୁ ସେ ଆହତ ହୋଇଥିଲା । ମାଈ ବଗଟି ଆକୁଳ ହୋଇ ବୋବାଉ ଥିଲା । ଏହା ଦେଖି ବାଲ୍ମୀକିଙ୍କର ମନ ଦୁଃଖରେ ପୂରିଗଲା । ଦିନେ ସେ ଏତେ ନିଷ୍ଠୁର ଥିଲେ ଯେ ମନୁଷ୍ୟଙ୍କୁ ମାରିଦେଇ ତାର ଧନ ଲୁଟି ନେବାକୁ ଟିକିଏ କୁଣ୍ଠିତ ହେଉ ନ ଥିଲେ । କିନ୍ତୁ ଏବେ ସାମାନ୍ୟ ବଗର କଷ୍ଟ ଦେଖି ତାଙ୍କ ମନ ତରଳିଗଲା ।

କେବଳ ଏକାଗ୍ରତା ବଳରେ·· ହୋଇଅଛନ୍ତି ।

ଦସ୍ୟୁ ରତ୍ନାକର ଏକାଗ୍ର ଭାବରେ ରାମନାମ ଜପି ଶେଷରେ ଜ୍ଞାନ ଲାଭ କଲେ ଏବଂ ବାଲ୍ମୀକି ଋଷି ନାମରେ ପରିଚିତ ହେଲେ । ସେ ପ୍ରଥମେ କବିତା ରଚନା କରି ଥିବାରୁ ଆଦି କବି ବୋଲି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଅଛନ୍ତି । ତାଙ୍କର ଏହି ପରିବର୍ତ୍ତନର ପ୍ରଧାନ କାରଣ ହେଉଛି ଏକାଗ୍ରତା ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଅନ୍ୟ କଥାକୁ ଏକବାରେ ଭୁଲିଯାଇ କେବଳ ଗୋଟିଏ ବିଷୟରେ ଲକ୍ଷ୍ୟ ରଖିବାର ନାମ ଏକାଗ୍ରତା ।

Digitized by srujanika@gmail.com

ରତ୍ନାକର ଏକ ସ୍ଥାନରେ ବସି ରହି ରାମନାମ ଜପିବାକୁ ଚେଷ୍ଟାକଲା । ପ୍ରଥମେ ସେ ବେଶି ବେଳଯାଏ ଏକା ଆସନରେ ବସି ପାରୁ ନଥିଲା; କିନ୍ତୁ ଅଭ୍ୟାସ ଦ୍ୱାରା କ୍ରମେ ବେଶି ବେଶି ସମୟ ଏକସ୍ଥାନରେ ବସି ପାରିଲା । ସେ ଦିନ ମଧ୍ୟରେ ଦୁଇ ତିନିଥର ପାନାହାର କରୁଥିଲା । କ୍ରମେ ତିନି ଚାରିଦିନ ଅନ୍ତରରେ ଥରେ ପାନାହାର କଲା । ଏହାପରେ କ୍ରମେ ସେ ପାନାହାର ଛାଡ଼ି ଏକସ୍ଥାନରେ ବର୍ଷ ବର୍ଷ ଧରି ନାମ ଜପ କରି ପାରିଲା ଓ ତାହାର ଏକାଗ୍ରତା ଆସିଲା ।

୨ । କବିତା ଛନ୍ଦ ବା ବୃତ୍ତରେ ରଚିତ ହୋଇଥାଏ । ବାଲ୍ମୀକିଙ୍କ ପୂର୍ବରୁ କବିତା ନଥିଲା । ସେ ଗୋଟିଏ ଶରବିଦ୍ଧ ବକର କଷ୍ଟ ଦେଖି ବ୍ୟାଧକୁ ଯେଉଁ ଭର୍ତ୍ସନା କରିଥିଲେ ତାହା ବୃତ୍ତରେ ରଚିତ ଶ୍ଲୋକ ରୂପରେ ପ୍ରକାଶ ପାଇଥିଲା । ଏହି ଶ୍ଲୋକହିଁ ଜଗତର ପ୍ରଥମ କବିତା । ଯେ କବିତା ରଚନା କରନ୍ତି ସେ କବି । ବାଲ୍ମୀକି ପ୍ରଥମେ କବିତା ରଚନା କରିଥିବାରୁ ତାଙ୍କୁ ଆଦି କବି କୁହାଯାଏ ।

୩ । ଶରବିଦ୍ଧ—ଶର ଯାହାର ଦେହରେ ଫୁଟି ଯାଇଛି; ଅଧୀନ—ଅଧୀନ; ନିର୍ବିକାର—ଦୁଃଖ ନ ରଖିବା; ନରହତ୍ୟା—ମନୁଷ୍ୟ ମାରିବା; ଉଦର ପୋଷଣ—ପେଟ ପୋଷିବା; ନୃଶଂସ—ନିର୍ଦ୍ଦୟ; ସରୀସୃପ—ସାପ ଜାତୀୟ ପ୍ରାଣୀ (ଯେଉଁ ପ୍ରାଣୀ ଛାତିରେ ଭରାଦେଇ ଚାଲନ୍ତି) ।

୪ । ଜନନୀ—ପୁଂଲିଙ୍ଗ; ମନୁଷ୍ୟ—ପୁଂଲିଙ୍ଗ; ରାମ—ପୁଂଲିଙ୍ଗ; ଦସ୍ୟୁ—ପୁଂଲିଙ୍ଗ; ପକ୍ଷୀ—ପୁଂଲିଙ୍ଗ; ନଦୀ—ସ୍ତ୍ରୀଲିଙ୍ଗ; କବିତା—ସ୍ତ୍ରୀ ଲିଙ୍ଗ ।

—୦—

Digitized by srujanika@gmail.com

(୨) ଉଡ଼ି ନ ପାରିବା ପକ୍ଷୀ

ପକ୍ଷୀମାନେ ସାଧାରଣତଃ ଆକାଶରେ ଉଡ଼ିପାରନ୍ତି । କିନ୍ତୁ କେତେକ ପକ୍ଷୀ ଉଡ଼ି ପାରନ୍ତି ନାହିଁ । କୁକୁଡ଼ା ଓ କୁଜି ହଂସର ଡେଣା ଅଛି; ମାତ୍ର ସେମାନେ ପ୍ରାୟ ସର୍ବଦା ଭୂଇଁରେ ବୁଲନ୍ତି । ପ୍ରାଚୀନ ଯୁଗର କେତେକ ଉଡ଼ି ପାରୁ ନଥିବା ପକ୍ଷୀଙ୍କର ବଂଶ ଲୋପ ପାଇ ଗଲଣି । ମାଟି ଭିତରୁ ମିଳୁଥିବା କଙ୍କାଳରୁ ସେମାନଙ୍କ କଥା ଜଣାପଡ଼େ ।

ଆଜି କାଲି ଯେଉଁ ସବୁ ଉଡ଼ିପାରୁ ନ ଥିବା ପକ୍ଷୀ ଦେଖାଯାନ୍ତି ସେମାନଙ୍କ ଭିତରେ ଓଟ ପକ୍ଷୀ ସବୁଠାରୁ ବଡ଼ । ତାହାର ପାଦରେ ଖୁବ୍ ଜୋର ଥିବାରୁ ସେ ବେଗରେ ଦଉଡ଼ି ପାରେ । ଏଥିରେ ଆଘାତ କଲେ ଜଣେ ମନୁଷ୍ୟର ମୃତ୍ୟୁ ଘଟିପାରେ । ଏହି ପାଦ ସେମାନଙ୍କର ପ୍ରଧାନ ବଳ । ଏହାଦ୍ୱାରା ସେମାନେ ଶତ୍ରୁଠାରୁ ନିଜକୁ ରକ୍ଷା କରନ୍ତି ।

ମରୁଭୂମି ଓଟପକ୍ଷୀର ପ୍ରଧାନ ବାସଭୂମି । ଆଫ୍ରିକା, ଆରବ ସିରିଆ ପ୍ରଭୃତିରେ ଓଟପକ୍ଷୀମାନେ ଦେଖାଯାନ୍ତି । ଏମାନଙ୍କ ପାଦରେ ଦୁଇଟି ଲେଖାଏଁ ଅଙ୍ଗୁଳି ଥାଏ । ଓଟପକ୍ଷୀର ଉଚ୍ଚତା ନଅ ଫୁଟ ପର୍ଯ୍ୟନ୍ତ ହୁଏ । ଏମାନେ ଦଳବଦ୍ଧ ହୋଇ ରହନ୍ତି । ପ୍ରତି ଦଳରେ ଗୋଟିଏ ଅଣ୍ଡିରା ଓ ଅନେକ ଗୁଡ଼ିଏ ମାଈ ଓଟପକ୍ଷୀ ଥାନ୍ତି । ମାଈପକ୍ଷୀମାନେ ଗୋଟିଏ ସ୍ଥାନରେ ଡିମ୍ବ ଦଅନ୍ତି ଓ ଆହାର ଖୋଜିଗଲା ବେଳେ ତାକୁ ବାଲିରେ ଘୋଡ଼ାଇ ଦଅନ୍ତି । ଆଫ୍ରିକାର ଅଧିବାସୀମାନେ ଏହି ଡିମ୍ବ ଖୋଳକୁ ପାତ୍ର ରୂପେ ବ୍ୟବହାର କରନ୍ତି । ଓଟପକ୍ଷୀର ପର ମୂଲ୍ୟବାନ ହୋଇଥିବାରୁ ଆଫ୍ରିକା ଓ ଆମେରିକାରେ ଓଟପକ୍ଷୀ ପାଳନ କରାଯାଏ ।

Digitized by srujanika@gmail.com

ଗୋଟିଏ ଓଟପକ୍ଷୀ ରେଲଗାଡ଼ି ସହିତ ସମାନ ବେଗରେ ଦଉଡ଼ି ପାରେ । ଏହାର ଗତି ଘଣ୍ଟାକେ ପ୍ରାୟ ୬୦ ମାଇଲ୍ ଦେଖା ଯାଇଥାଏ । ଅଶ୍ୱାରୋହୀ ଶିକାରୀମାନେ ଆଗ ଓ ପଛ ଦୁଇ ଆଡୁ ଆକ୍ରମଣ କରି ଓଟପକ୍ଷୀ ଶିକାର କରନ୍ତି, କାରଣ କୌଣସି ଅଶ୍ୱ ଏହା ସଙ୍ଗେ ଦୌଡ଼ି ପାରିବ ନାହିଁ ।

ଦକ୍ଷିଣ ଆମେରିକାରେ ଓଟପକ୍ଷୀ ଜାତୀୟ 'ରିଆ'ନାମକ ଏକ ପ୍ରକାର ପକ୍ଷୀ ଅଛନ୍ତି । ଏମାନେ ପାଣିରେ ପହଁରି ପାରନ୍ତି । ଛୁଆ ଦିନରୁ ପାଳିଲେ ଏମାନେ ପୋଷା ମାନନ୍ତି ।

ଅଷ୍ଟ୍ରେଲିଆରେ ଦୁଇ ଜାତିର ଉଡ଼ି ପାରୁ ନ ଥିବା ପକ୍ଷୀ ଅଛନ୍ତି । ଏମାନଙ୍କର ନାମ କାସୋୱାରି ଏବଂ ଏମୁ । ଏମାନେ ଜଙ୍ଗଲରେ ଲୁଚି ରହନ୍ତି । ଶିକାରୀ ଦେଖିଲେ ପଳାଇ ଯାନ୍ତି ।

ନିଉଜିଲାଣ୍ଡରେ କୁକୁଡ଼ା ପରି ଏକ ପ୍ରକାର ପକ୍ଷୀ ଅଛନ୍ତି । ସେମାନଙ୍କୁ କିଉଇ କୁହାଯାଏ । ଏହା ଜଳାଶୟ ନିକଟରେ ରହେ ଓ କେବଳ ରାତିରେ ବାହାରକୁ ଯାଇ ଖାଦ୍ୟ ସଂଗ୍ରହ କରେ ।

ପେଙ୍ଗୁଇନମାନେ ଦକ୍ଷିଣ ମେରୁ ପ୍ରଦେଶରେ ବାସ କରନ୍ତି । ଅନ୍ୟ କେତେକ ସ୍ଥାନରେ ମଧ୍ୟ ସେମାନେ ଦେଖିବାକୁ ମିଳନ୍ତି । ପେଙ୍ଗୁଇନ ସାଢ଼େ ତିନିଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଧାଡ଼ି ଧାଡ଼ି ହୋଇ ଚାଲିଲା ବେଳେ ସେମାନେ ବାମନ ଜାତିର ମନୁଷ୍ୟ ପରି ଦେଖା ଯାଆନ୍ତି । ଦକ୍ଷିଣ ମେରୁରେ ଅତ୍ୟଧିକ ଶୀତ ହେଲେ ସେମାନେ ବରଫ ଉପରେ ହଜାର ହଜାର ମାଇଲ ଚାଲି ଉତ୍ତରାଞ୍ଚଳକୁ ଯାଆନ୍ତି ଓ ଶୀତ କମିଗଲେ ନିଜ ବାସସ୍ଥାନକୁ ଫେରି ଆସନ୍ତି । ଏମାନଙ୍କର ଚାଲିବା ଶକ୍ତି ଖୁବ ବେଶୀ ।

ଅନେକ ଜାତିର ପେଙ୍ଗୁଇନ ପକ୍ଷୀ ଅଛନ୍ତି । ଏମାନଙ୍କର ହାବଭାବ ଅନେକାଂଶରେ ମନୁଷ୍ୟପରି । ଏମାନେ ଆପଣା ଆପଣା

Digitized by srujanika@gmail.com

ଭାଗରେ ନମସ୍କାର କଲାପରି ମୁଣ୍ଡ ନୁଆନ୍ତି; କଥାବାର୍ତ୍ତା କଲାପରି ଭାବଭଙ୍ଗୀ ଦେଖାନ୍ତି । ମନୁଷ୍ୟ ଦେଖିଲେ ସେମାନେ ତାହା ସଙ୍ଗେ ସେହିପରି କରନ୍ତି । ପେଙ୍ଗୁଇନ୍ ଖୁବ ଭଲରୂପେ ପହଁରି ପାରେ ଓ ଅନେକବେଳ ଯାଏ ପାଣିରେ ବୁଡ଼ି ରହିପାରେ ।

କଠିନ ଶବ୍ଦମାନଙ୍କର ଅର୍ଥ—

ଭୂତଳରେ—ମାଟି ଉପରେ; ବିଚରଣ—ବୁଲିବା ଚାଲିବା; ଲୁପ୍ତ ହୋଇଅଛି—ଲୁଚି ଯାଇଅଛି; କଙ୍କାଳ—ଦେହର ହାଡ଼; ଆବିଷ୍କାର କରିବା—ବାହାର କରିବା; ଶକ୍ତି—ବଳ; ବିସ୍ତୀର୍ଣ୍ଣ—ବହୁଦୂରକୁ ବ୍ୟାପିଥିବା; ଅଧମ—ଅତି ପୁରୁଣା; ପାନ ଭୋଜନ—ଖାଇବା ପିଇବା; ଜୀର୍ଣ୍ଣଶକ୍ତି—ହଜମ କରିବା କ୍ଷମତା; ଦ୍ରୁତ—ଚଞ୍ଚଳ; ସନ୍ତରଣ—ପହଁରିବା; ସିଂହ ବିକ୍ରମରେ—ସିଂହ ପରି ବଳ ଦେଖାଇ; ଲୁକ୍କାୟିତ—ଲୁଚି ରହିଥିବା; ପଳାୟନ—ପଳାଇବା; ସାମଗ୍ରୀ—ଉପକରଣ; ଅଗ୍ରପଶ୍ଚାତ୍—ଆଗପଛ; ପଦାଘାତ କରିବା—ଗୋଇଠା ମାରିବା; ଘନ ଘନ—ବାରମ୍ବାର; ବୃହତ୍—ଅତିବଡ଼; ସବଳ—ବଳୁଆ; ପୁଷ୍ଟ—ମଜବୁତ; ଲୋମବର୍ଣ୍ଣ—ଲୋମରଙ୍ଗ; ନିର୍ଜନ—ଲୋକ ନଥିବା; ଦଳବଦ୍ଧ—ଦଳ ବାନ୍ଧିଥିବା; ପ୍ରାଦୁର୍ଭାବ—ଜୋର; ମନୁଷ୍ୟର ଭାଷାକୁ ଅନୁକରଣ କରନ୍ତି—ମନୁଷ୍ୟ କହିଲାପରି କହନ୍ତି; ଶବବାହକ—ଶବ ନେବା ଆଣିବା କରୁଥିବା; ଗତିବିଧି—ଚାଲିଚଳନ; ଅଗନ୍ତୁକ—ଆସିଥିବା ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଲୁକ୍କାୟିତ—ପ୍ରକଟିତ; ସବଳ—ଦୁର୍ବଳ; ଅଧିକ—ଅଳ୍ପ; କ୍ଷୁଦ୍ର—ବୃହତ୍; ଅଗ୍ର—ପଶ୍ଚାତ୍; ଊଣା—ଅଧିକ; ସୁନ୍ଦର—ଅସୁନ୍ଦର; ସ୍ଥଳ—ଜଳ ।

Digitized by srujanika@gmail.com

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଓଟପକ୍ଷୀମାନେ ସାଧାରଣତଃ ମରୁଭୂମିରେ ବାସ କରନ୍ତି । ଦକ୍ଷିଣ ଓ ପୂର୍ବ ଆଫ୍ରିକା, ଆରବ, ସିରିଆ ଏବଂ ମେସୋପଟେମିଆରେ ଏମାନେ ବହୁ ସଂଖ୍ୟାରେ ଦେଖା ଯାଆନ୍ତି । ଏମାନେ ଛୋଟ ଛୋଟ ଦଳ ବାନ୍ଧି ରହନ୍ତି । ପ୍ରତି ଦଳରେ ଗୋଟିଏ ଅଣ୍ଡିରା ଓଟପକ୍ଷୀ ଓ ପାଞ୍ଚ ଛଅଟି ମାଈ ଓଟପକ୍ଷୀ ଥାନ୍ତି । ମାଈ ଓଟପକ୍ଷୀମାନେ ସମସ୍ତେ ଗୋଟିଏ ବସାରେ ଡିମ୍ବ ଦଅନ୍ତି । ବସାଠାରୁ ଦୂରକୁ ଯିବାକୁ ହେଲେ ସେମାନେ ଡିମ୍ବଗୁଡ଼ିକୁ ବାଲିରେ ପୋତିଦେଇ ଯାଆନ୍ତି ।

ଓଟପକ୍ଷୀମାନେ ଯଥେଷ୍ଟ ପରିମାଣରେ ଯେ କୌଣସି ଜିନିଷ ଖାଇଥାନ୍ତି । କୌଣସି କୌଣସି ଓଟପକ୍ଷୀର ପେଟରୁ ଲୁହା, ପଥର, କାଠ, ଦଉଡ଼ି, ଲୁଗା, ମୁଦ୍ରା ପ୍ରଭୃତି ବାହାରିବାର ଦେଖା ଯାଇଅଛି ।

୨ । ଦକ୍ଷିଣ-ମେରୁ ପ୍ରଦେଶରେ, ଦକ୍ଷିଣ-ଆଫ୍ରିକା ଓ ଅଷ୍ଟ୍ରେଲିଆର ଉପକୂଳରେ ଏବଂ ଭାରତମହାସାଗରର କେତେକ ନିର୍ଜନ ଦ୍ୱୀପରେ ପେଙ୍ଗୁଇନ ପକ୍ଷୀ ଦେଖା ଯାଆନ୍ତି । ପେଙ୍ଗୁଇନର ଉଚ୍ଚତା ସାତରୁ ତିନିଫୁଟ ପର୍ଯ୍ୟନ୍ତ ହୁଏ । ଏମାନେ ଦଳବଦ୍ଧ ହୋଇ ବାସ କରନ୍ତି ଓ ମତ୍ସ୍ୟ ଶିକାର କରି ପ୍ରାଣ ଧାରଣ କରନ୍ତି । ଏମାନେ ମନୁଷ୍ୟ ପରି ମୁଣ୍ଡ ନୁଆଁଇ ପରସ୍ପରକୁ ନମସ୍କାର କରନ୍ତି ।

୩ । ବିପରୀତ ଲିଙ୍ଗ—

ପକ୍ଷୀ—ପକ୍ଷିଣୀ; ପଣ୍ଡିତ – ପଣ୍ଡିତା; ସିଂହ—ସିଂହୀ; ସ୍ତ୍ରୀ—ପୁରୁଷ ।

୪ । (କ) କୁମ୍ଭୀରର ଲାଞ୍ଜରେ ଅଧିକ ବଳ ଥାଏ ।

(ଖ) ପେଙ୍ଗୁଇନ ଦକ୍ଷିଣ-ମେରୁର ଏକ ଜାତୀୟ ପକ୍ଷୀ ।

(ଗ) ପେଙ୍ଗୁଇନ ପରସ୍ପର ନିକଟକୁ ଆସି କଥା ବାର୍ତ୍ତା କଲାପରି ବୋଧ ହୁଅନ୍ତି ।

Digitized by srujanika@gmail.com

(୩) ମୋ ଜନ୍ମ-ଭୂମି

ଉତ୍କଳ ମୋର ଜନ୍ମଭୂମି । ଏହି ଉତ୍କଳର ବାୟୁରେ ମୁଁ ଜୀବନ ପାଉଛି । ଏହାର ଜଳ ମୁଁ ପିଉଛି । ଏହାର ଆଲୋକ ମୁଁ ଜନ୍ମହେଲା ମାତ୍ରେ ଦେଖିଛି ଓ ଏହି ରାଜ୍ୟର ଓଡ଼ିଆଭାଷା ପ୍ରଥମେ ଶୁଣିଛି । ଏହି ଦେଶରେ ମୁଁ ବଢ଼ିଛି । ମୋର ମାତୃଭୂମି ଉତ୍କଳ ଧନ୍ୟ । (ଧାଡ଼ି ୧—୬)

ଆଜ ଉତ୍କଳମାତାଙ୍କ ପଦତଳେ ମୁଣ୍ଡ ନୁଆଁଇ ମୁଁ ପ୍ରତିଜ୍ଞା କରୁଛି ଯେ ମୋର କର୍ତ୍ତବ୍ୟ ସ୍ଥିର କରି ନେଇ ପୃଥିବୀରେ ଜଣେ ବଡ଼ଲୋକ ହେବି । କେତେବେଳେ ମୋ ମନରେ ଦୁଃଖ ଜାତ ହେବ, କେତେ-ବେଳେ ବା ମୋ ମନ ଆନନ୍ଦରେ ନାଚି ଉଠିବ । ମୋର ପୂର୍ବପୁରୁଷ-ମାନେ ମନ୍ଦିର ପ୍ରଭୃତି ଯେଉଁ କୀର୍ତ୍ତି କରି ଯାଇଥିଲେ ସେଥିରୁ ଅନେକ ଭାଙ୍ଗିରୁଜି ଯାଇଛି; କେତେକ ଏକବାରେ ମାଟିରେ ମିଶି ଯାଇଛି । ସେସବୁ ଦେଖିଲେ ମନରେ ଦୁଃଖଜାତ ହେବ । କିନ୍ତୁ ମୁଁ ସେହି ପୁରୁଣା କୀର୍ତ୍ତି ଧୂଳିମାଟି ଉପରେ ଆହୁରି ସୁନ୍ଦର କୀର୍ତ୍ତି ଗଢ଼ିବି । ମୁଁ ଯେଉଁଠି ରହୁଥାଏଁ, ଯେଉଁଠାକୁ ଯାଏଁ ସର୍ବଦା ଉଚ୍ଚ ଆଦର୍ଶକୁ ଆଗରେ ରଖି କାର୍ଯ୍ୟ କରିଯିବି । (ଧା ୭—୨୦)

ମୋର ଜନ୍ମଭୂମି ଉତ୍କଳ ସାମାନ୍ୟ ନୁହେ । ଏ ଦେଶରେ ରାସ୍ତାର ନାମ 'ବଡ଼ଦାଣ୍ଡ', ଦେଉଳ 'ବଡ଼ଦେଉଳ' ନାମ ପାଇ ଆକାଶକୁ ମଥା ଟେକିଛି । ସେହି ବଡ଼ଦେଉଳର ଆଗରେ ଯେଉଁ ଦୀପ ଜଳେ ତାର ନାମ ମହାଦୀପ । ଏହି ବଡ଼ଦେଉଳର ମହାଦୀପ ମୋତେ ତାହାରି ପରି ଉଚ୍ଚ ଓ ମହତ୍ ହେବାକୁ ଶିକ୍ଷା ଦେଉଅଛି । ବିଶାଳ 'ମହୋଦଧି' ମୋ ଦେଶର ପାଦକୁ ଧୋଉଛି । ଏ ଦେଶର ନଦୀ ମହାନଦୀ ନାମରେ ବହିଯାଇ ଦେଶକୁ ଜଳଦାନ କରୁଅଛି ।

Digitized by srujanika@gmail.com

ଏହି ଦେଶରେ କବି ଜଗନ୍ନାଥ ଦାସ ଅଛନ୍ତି ନାମରେ ପ୍ରସିଦ୍ଧ । ଏହିପରି ଉତ୍କଳ ଦେଶରେ ମୋର ଜନ୍ମ । ଏ ଦେଶର ମାଟି ମୋ ପକ୍ଷରେ ଅତି ଆଦରର ଜନିଷ । (ଧା ୨୧ — ୩୬)

ହେ ମାଆ ଉତ୍କଳ, ସବୁ କାରୁକାର୍ଯ୍ୟରେ, ଶିଳ୍ପ, କାବ୍ୟ, କବିତା, ସଙ୍ଗୀତ ପ୍ରଭୃତିରେ ତୋର ପ୍ରଶଂସା ଅଛି । ତୋର ସନ୍ତାନମାନଙ୍କୁ ଏହି ଶିକ୍ଷା ଦେ, ଯେପରି କି ସେମାନେ କି ଦୁଃଖରେ କି ସୁଖରେ ସର୍ବଦା ସଂସାରର କଠିନ କର୍ତ୍ତବ୍ୟ କରିବାକୁ ସମର୍ଥ ହୁଅନ୍ତୁ । ଯାହା-ହେଲେ ସେମାନଙ୍କ ଶକ୍ତି ବଢ଼ିବ ଓ ସେମାନେ ସଂସାରରେ କଠିନ କାର୍ଯ୍ୟ କରି ପାରିବେ । ତୋର ସନ୍ତାନମାନଙ୍କୁ ଶିକ୍ଷା ଦେ ଯେପରି ସେମାନେ ବଳଶାଳୀ ହୁଅନ୍ତୁ, କିନ୍ତୁ ଦୁର୍ବଳକୁ କଷ୍ଟଦେବାରେ ନିଜର ବଳକୁ ନ ଲଗାନ୍ତୁ । ଦୁଇ ବାହୁରେ ବଳ ଥିବା ଯାକେ ସେମାନେ କାର୍ଯ୍ୟ କରନ୍ତୁ । ଯେଉଁସବୁ ଗୁଣ ଥିଲେ ଲୋକେ ସାହସୀ ଓ ନିର୍ଭୀକ ହୁଅନ୍ତି ସେହିସବୁ ଗୁଣ ସେମାନେ ଶିକ୍ଷା କରନ୍ତୁ । ସେହିସବୁ ଗୁଣ ହେତୁରୁ ଦିନେ ଓଡ଼ିଆଜାତି ବଡ଼ ହୋଇଥିଲା ଓ ଯେ କୌଣସି ଜାତି ବଡ଼ ହୁଏ । (ଧା ୩୭ — ୫୨)

କଠିନ ଶବ୍ଦର ଅର୍ଥ—

ବାୟୁ—ପବନ; ବାଣୀ—କଥା; ନତକରି—ନୁଆଇଁ; ଶିର—ମଥା; ମହତ—ବଡ଼; କୀର୍ତ୍ତିରାଜି—କୀର୍ତ୍ତିସମୂହ; ଭାଲୁ—ମଥା; ଚୂଳ—ଅଗ୍ରଭାଗ; ବିତରଇ—ବାଣ୍ଟିଦିଏ; ମହାନ—ବଡ଼; ଅନୁକ୍ଷଣ ସର୍ବଦା; ମହୋଦଧି—ମହାସାଗର; ତଟିନୀ—ନଦୀ; ନିପୁଣ—ଧୁରନ୍ଧର; ତନୁଜ—ପୁଅ; ଅବସାଦ—ଦୁଃଖ; ବିପୁଳ—ଅଧିକ; କର୍ମବିହୀନ—କାର୍ଯ୍ୟଶୂନ୍ୟ ।

Digitized by srujanika@gmail.com

ପ୍ରତିଶବ୍ଦ—

ପବନ—ସମୀର; ଅନିଳ,ବାୟୁ; ବାଣୀ—କଥା,ଭାଷା, ବଚନ; ମୁଣ୍ଡ—ମସ୍ତକ, ଶିର, ମଥା; ସମୁଦ୍ର—ସାଗର, ପାରାବାର, ଉଦଧି ।

ଟିପ୍ପଣୀ—

ବଡ଼ଦାଣ୍ଡ—ପୁରୀସହରର ଜଗନ୍ନାଥଙ୍କ ପାଇଁ ବିଖ୍ୟାତ । ଏଠାରେ ଜଗନ୍ନାଥଙ୍କ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ଓସାରିଆ ଦାଣ୍ଡ ଅଛି । ଏହି ଦାଣ୍ଡର ନାମ ବଡ଼ଦାଣ୍ଡ । ରଥଯାତ୍ରା ବେଳେ ଏହି ବଡ଼ଦାଣ୍ଡ ବାଟେ ରଥ ଯିବା ଆସିବା କରେ ।

ମହାଦୀପ—କାର୍ତ୍ତିକ ଅମାବାସ୍ୟା ଦିନ ଦେଉଳ ଉପରେ ଗୋଟିଏ ଲେଖାଏଁ ଦୀପ କାଳିବାର ବିଧିଅଛି । ଏହି ଦୀପକୁ ମହାଦୀପ କହନ୍ତି ।

ମହୋଦଧି—ବଙ୍ଗସାଗର ଭାରତ ମହାସାଗରର ଗୋଟିଏ ଅଂଶ । ଆମ ଓଡ଼ିଶାର ପୂର୍ବକୁ ବଙ୍ଗସାଗର ଅଛି । ଏହାର ଲହରୀ-ମାଳା ଓଡ଼ିଶାର ଉପକୂଳକୁ ଧୋଉଅଛି ।

ମହାନଦୀ—ଏହା ଓଡ଼ିଶାର ବୃହତ୍ତମ ନଦୀ । ଏହି ନଦୀ ମଧ୍ୟପ୍ରଦେଶର ରାୟପୁର ଜିଲ୍ଲାରୁ ବାହାରି ବଙ୍ଗସାଗରରେ ପଡ଼ିଅଛି । ଏହି ନଦୀ ଥିବାରୁ ଓଡ଼ିଶାରେ ଭଲ ଫସଲ ହୁଏ । ଏବେ ଏହି ନଦୀରେ ହୀରାକୁଦଠାରେ ବନ୍ଧ ତିଆରି ହେଉଛି ।

ଅତିବଡ଼ୀ ଜଗନ୍ନାଥ—ପ୍ରାୟ ଚାରିଶ ବର୍ଷ ତଳେ ଓଡ଼ିଶାରେ ଜଗନ୍ନାଥ ଦାସ ନାମରେ ଜଣେ ବିଖ୍ୟାତ ଭକ୍ତ ଓ କବି ଥିଲେ । ସେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରିଥିଲେ । ତାଙ୍କ ଓଡ଼ିଆ ଭାଗବତ ଓଡ଼ିଶାର ଘରେ ଘରେ ପଢ଼ାଯାଏ । ଶ୍ରୀ ଚୈତନ୍ୟ ଦେବ ଓଡ଼ିଶାରେ ରହି ବୈଷ୍ଣବ ଧର୍ମ ପ୍ରଚାର କରୁଥିଲେ । ସେ ଜଗନ୍ନାଥ ଦାସଙ୍କ ଭକ୍ତି ଓ ପାଣ୍ଡିତ୍ୟ ଦେଖି ତାଙ୍କୁ 'ଅତିବଡ଼ୀ' କହୁଥିଲେ । ସେହିଦିନୁ ସେ ଅତିବଡ଼ୀ ଜଗନ୍ନାଥ ଦାସ ନାମରେ ପରିଚିତ ।

Digitized by srujanika@gmail.com

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଜନ୍ମଭୂମିର ଜଳ, ବାୟୁ ଓ ଆଲୋକଦ୍ୱାରା ଆମ୍ଭମାନଙ୍କ ଜୀବନରକ୍ଷା ହୋଇଛି । ଏହାଠାରୁ ଉତ୍ପନ୍ନ ଶସ୍ୟାଦିଦ୍ୱାରା ଆମ୍ଭମାନଙ୍କ ଶରୀର ପୁଷ୍ଟ ।

ଜନ୍ମ ଭୂମିର ମହତ୍ତ୍ୱ ରକ୍ଷା କରିବା ଓ ନିଜେ ମହାନ୍ ହେବା ଆମ୍ଭମାନଙ୍କର ପ୍ରଧାନ କର୍ତ୍ତବ୍ୟ । ବଳଶାଳୀ ହୋଇ ଅନ୍ୟର ଉପକାର କଲେ, ସାହସୀ ହେଲେ, ନିଜର କର୍ତ୍ତବ୍ୟ ସାଧନ କଲେ ଆମ୍ଭେମାନେ ଦେଶର ମହତ୍ତ୍ୱ ରକ୍ଷା କରିପାରିବା ।

୨ । ପୂର୍ବକାଳରେ ଓଡ଼ିଶା ଉଚ୍ଚସ୍ଥାନ ପାଇଥିଲା । ତାର ନଦୀ 'ମହାନଦୀ', ଦାଣ୍ଡ 'ବଡ଼ଦାଣ୍ଡ', ତାର ସମୁଦ୍ର—ମହୋଦଧି, ତାର ଦୀପ 'ମହାଦୀପ' । ପୂର୍ବେ ଓଡ଼ିଆମାନେ ଯେଉଁ ସବୁ କୀର୍ତ୍ତି କରି ଯାଇଥିଲେ ସେ ସବୁର ଧ୍ୱଂସାବଶେଷ ରହିଅଛି । ଶିଳ୍ପ, ସଙ୍ଗୀତ ପ୍ରଭୃତି କଳାରେ ମଧ୍ୟ ଓଡ଼ିଶାର ଲୋକେ ପ୍ରସିଦ୍ଧ ଥିଲେ ।

୩ । ଉତ୍କଳ ଜନନୀ ଆମ୍ଭମାନଙ୍କୁ ବଳୁଆ ହେବାକୁ ଶିଖାଇ । ସାଧାରଣତଃ ଦେଖାଯାଏ ଯେ ଯେଉଁମାନେ ବଳୁଆ ସେମାନେ ଦୁର୍ବଳଙ୍କ ଉପରେ ଅତ୍ୟାଚାର କରନ୍ତି । କିନ୍ତୁ ଆମେ ସେପରି ବଳୁଆ ହେବା ଚାହୁଁ ନାହୁଁ । ଦୁର୍ବଳ ଉପରେ ଅନ୍ୟାୟ ଅତ୍ୟାଚାର ନ କରି ତାକୁ ଦୁଃଖ କଷ୍ଟରୁ ଉଦ୍ଧାର କରିବା ପାଇଁ ଆମର ବଳ ଅଛି ।

୪ । (ଟିପ୍ପଣୀ ଦେଖ ।)

୫ । ପୁରୁଷ—ବହୁବଚନ; ତନୁକେ—ବହୁବଚନ; ଜୀବନେ —ଏକ ବଚନ; ଆନନ୍ଦ—ଏକବଚନ ।

— — —

Digitized by srujanika@gmail.com

(୪) ସ୍ୱାଧୀନତା ଲଢ଼େଇର ନେତା

ଭାରତକୁ ସ୍ୱାଧୀନ କରିବା ପାଇଁ କେତେ ଦେଶସେବକ ଜେଲ ଭୋଗିଥିଲେ, କେତେ ପ୍ରାଣ ପର୍ଯ୍ୟନ୍ତ ଦେଇଥିଲେ । ଏବେ ସେମାନଙ୍କ ଯୋଗେ ଭାରତ ସ୍ୱାଧୀନ ହୋଇ ପାରିଛି । ସେହି ଦେଶ-ସେବକମାନଙ୍କ ଭିତରୁ ଅନେକେ ଦେଶର ଶାସନ ଚଳାଉ ଅଛନ୍ତି ।

ଭାରତର ସ୍ୱାଧୀନତା ପାଇଁ ଯେଉଁ ଦେଶସେବକମାନେ ଇଂରେଜମାନଙ୍କ ସଙ୍ଗେ ଅହିଂସା ଲଢ଼େଇ କରିଥିଲେ ସେମାନଙ୍କ ଭିତରେ ଶ୍ରେଷ୍ଠ ବୀରପୁରୁଷ ହେଉଛନ୍ତି ମହାତ୍ମା ଗାନ୍ଧି ।

ଗାନ୍ଧିଜୀ ବିଲାତରେ ବାରିଷ୍ଟର ପାଶ୍ କରି ବମ୍ବେଇ ହାଇକୋର୍ଟରେ ବାରିଷ୍ଟର କରୁଥିଲେ । ଗୋଟିଏ ମକଦ୍ଦମା ନେଇ ସେ ଦକ୍ଷିଣ ଅଫ୍ରିକା ଯାଇଥିଲେ । ସେଠାରେ ଥିବା ଭାରତୀୟଙ୍କ ଉପରେ ଗୋରା-ମାନେ ବଡ଼ ଅନ୍ୟାୟ ଅତ୍ୟାଚାର କରୁଥିଲେ । ଏହାକୁ ଦୂର କରିବାପାଇଁ ସେ ସେଠାର ଭାରତୀୟମାନଙ୍କୁ ଏକାଠି କରି । ଆନ୍ଦୋଳନ ଚଳାଇଲେ । ଶତ୍ରୁମାନଙ୍କୁ ହିଂସା ନ କରି ଅହିଂସା ଦ୍ୱାରା ଜୟ କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା । ଏହିପରି ଆନ୍ଦୋଳନର ନାମ ସତ୍ୟାଗ୍ରହ । ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହରେ ଗାନ୍ଧିଙ୍କର ଜୟ ହେଲା । ଗୋରାମାନେ ଆଫ୍ରିକାର ଭାରତୀୟଙ୍କୁ ଅନେକ ସୁବିଧା ଦେଲେ ।

ଗାନ୍ଧିଜୀ ଅଫ୍ରିକାରୁ ଭାରତକୁ ଅସିଲେ । ଭାରତରେ ମଧ୍ୟ ସେହି ଗୋରାଜାତିର ଶାସନ ଚାଲିଥିଲା । ଗାନ୍ଧିଜୀ ଭାରତକୁ ସ୍ୱାଧୀନ କରିବାପାଇଁ ଗୋଟିଏ ଆନ୍ଦୋଳନ ଚଳାଇଲେ । ଏହାର ନାମ— ଅସହଯୋଗ ଆନ୍ଦୋଳନ । ଗାନ୍ଧିଜୀଙ୍କ ଉପଦେଶରେ ଭାରତର ଲୋକେ ବିଦେଶୀ ଜିନିଷ ବ୍ୟବହାର କଲେ ନାହିଁ, ପିଲମାନେ

Digitized by srujanika@gmail.com

ସରକାରୀ ସ୍କୁଲ କଲେଜ ଛାଡ଼ିଦେଲେ; ଓକିଲମାନେ ସରକାରୀ କଚେରୀରେ ଓକିଲାତି କଲେ ନାହିଁ; ଅନେକ ସରକାରୀ ଚାକରିରୁ ଇସ୍ତଫା ଦେଇଦେଲେ । ନିଜ ହାତକଟା ସୂତାରେ ଖଦଡ଼ ଲୁଗା ତିଆରି କରି ଲୋକେ ପିନ୍ଧିଲେ । ଏହି ଆନ୍ଦୋଳନ ୧୯୨୦ ମସିହାଠାରୁ ୧୯୪୭ ମସିହାଯାଏ ଚାଲିଥିଲା । ସରକାର ଆନ୍ଦୋଳନକୁ ଦବାଇବାକୁ ଚେଷ୍ଟା କଲେ । ଗାନ୍ଧିଜୀ ଓ ଆନ୍ଦୋଳନର ନେତାମାନଙ୍କୁ କେତେଥର ଜେଲ ଯିବାକୁ ପଡ଼ିଥିଲା । କେବେକେବେ ସରକାର ମିଳାମିଶାର ମଧ୍ୟ ଚେଷ୍ଟା କରୁଥାନ୍ତି । ଶେଷରେ ଇଂରେଜମାନେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତକୁ ସ୍ୱାଧୀନ ବୋଲି ସ୍ୱୀକାର କରି ନିଜ ଦେଶକୁ ଚାଲିଗଲେ ।

ଭାରତର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଗାନ୍ଧିଜୀଙ୍କର ଶିଷ୍ୟ ଥିଲେ । ତାଙ୍କ ପିତା ମୋତିଲାଲ ନେହେରୁ ଜଣେ ଧନୀ ଆଇନ ବ୍ୟବସାୟୀ ଥିଲେ । ଜବାହର ବିଲାତରେ ବାରିଷ୍ଟର ପାଶ୍ କରି ଭାରତରେ ଆଇନ ବ୍ୟବସାୟ ଆରମ୍ଭ କଲେ । କିନ୍ତୁ ଭାରତକୁ ସ୍ୱାଧୀନ କରିବାପାଇଁ ତାଙ୍କ ମନରେ ପ୍ରବଳ ଇଚ୍ଛା ଥାଏ । ସେ ସବୁସୁଖ ଛାଡ଼ି ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ମିଶିଲେ । ତାଙ୍କ ବାପା, ମାଆ, ସ୍ତ୍ରୀ, ଭଉଣୀ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଇ ଜେଲ ଗଲେ; ଅନେକ କଷ୍ଟ ଭୋଗିଲେ ।

ଗାନ୍ଧିଜୀ ତାଙ୍କୁ ବଡ଼ ପ୍ରଶଂସା କରୁଥିଲେ । ସେ ଆଠଥର ଜେଲ ଭୋଗିଥିଲେ । ଜେଲ ଭିତରେ ସେ କେତେ ଖଣ୍ଡି ପ୍ରସିଦ୍ଧ ଗ୍ରନ୍ଥ ଇଂରେଜୀ ଭାଷାରେ ଲେଖିଅଛନ୍ତି । ସେ ଜଣେ ପ୍ରସିଦ୍ଧ ଲେଖକ । ସେ ଉତ୍ତମ ବକ୍ତୃତା ଦେଇପାରନ୍ତି । ଭାରତର କୋଟି କୋଟି ଲୋକ ଦେଶର ଉନ୍ନତି ପାଇଁ ଆଶା କରି ତାଙ୍କୁ ଚାହିଁ ରହିଛନ୍ତି ।

Digitized by srujanika@gmail.com

ସ୍ୱାଧୀନତା ଆନ୍ଦୋଳନର ଆଉ ଜଣେ ପ୍ରଧାନ ନେତା ଥିଲେ—ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲା ବେଳକୁ ସେ ଓକିଲାତି କରୁଥିଲେ । ତାଙ୍କର ସତ୍ୟାଗ୍ରହରେ ବିଶ୍ୱାସ ନଥିଲା । କିନ୍ତୁ ଯେତେବେଳେ ବିହାରର ଚମ୍ପାରନ ଜିଲାରେ ଗାନ୍ଧିଜୀ ସତ୍ୟାଗ୍ରହ ଚଳାଇ ଗୋରାମାନେ ନୀଳ ଚାଷୀଙ୍କ ଉପରେ କରୁଥିବା ଅତ୍ୟାଚାର ବନ୍ଦ କରାଇ ପାରିଲେ ସେତିକିବେଳେ ତାଙ୍କର ମତ ବଦଳିଗଲା । ସେ ଗାନ୍ଧିଜୀଙ୍କ ସଙ୍ଗେ ମିଶି କାମ କଲେ ।

ବମ୍ବେଇ ପ୍ରଦେଶର କଇରା ଓ ବର୍ଦ୍ଦୋଲିଠାରେ ପ୍ରଜାମାନଙ୍କର ନେତା ହୋଇ ପଟେଲ ସତ୍ୟାଗ୍ରହ ଚଳାଇଲେ । ସରକାର ଖଜଣା ଅଦାୟ କରିପାରିଲେ ନାହିଁ । ପ୍ରଜାଙ୍କ ଘର ଦ୍ୱାର ସରକାର ନିଲାମ କଲେ, କିନ୍ତୁ କେହି ନିଲାମ ଡାକିଲେ ନାହିଁ । ପ୍ରଜାଙ୍କର ଜୟ ହେଲା ।

ଭାରତ ସ୍ୱାଧୀନ ହେବାପରେ ସେ ସହକାରୀ ପ୍ରଧାନ ମନ୍ତ୍ରୀ ହୋଇଥିଲେ । ତାଙ୍କର ଚେଷ୍ଟାରେ ଗଡ଼ଜାତ ଗୁଡ଼ିକ ଭାରତ ସଙ୍ଗରେ ମିଶିଥିଲା । ତାଙ୍କର ଟାଣପଣ ଯୋଗୁ ଲୋକେ ତାଙ୍କୁ 'ଲୁହାର ମଣିଷ' ବୋଲି କହୁଥିଲେ ।

ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ଯୁଦ୍ଧର ଆଉ ଜଣେ ବଡ଼ ବୀର । ସେ ଜଣେ ବଡ଼ ଓକିଲ ଥିଲେ, କିନ୍ତୁ ୧୯୨୦ ଖ୍ରୀଷ୍ଟାବ୍ଦରେ ସେ ଓକିଲାତି ଛାଡ଼ିଦେଇ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଲେ । ଦେଶ ସେବାକୁ ସେ ତାଙ୍କର ପ୍ରଧାନ କାମ ବୋଲି ମନେ କରନ୍ତି । କୌଣସିଠାରେ ଆପଦ ବିପଦ ପଡ଼ିଲେ ସେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି । ୧୯୩୪ ଖ୍ରୀଷ୍ଟାବ୍ଦରେ ବିହାରରେ

Digitized by srujanika@gmail.com

ଭୂମିକମ୍ପ ହେବାରୁ ଲୋକଙ୍କର ବହୁତ କ୍ଷତି ହୋଇଥିଲା । ରାଜେନ୍ଦ୍ର ପ୍ରସାଦ ସେମାନଙ୍କର ଦୁଃଖ ଦୂର କରିବାକୁ ପ୍ରାଣପଣେ ଉଦ୍ୟମ କରିଥିଲେ ।

ତାଙ୍କର ମଧୁର ସ୍ୱଭାବ ଓ ଦୟାଗୁଣ ଯୋଗୁ ସମସ୍ତେ ତାଙ୍କୁ ମାନ୍ୟ କରନ୍ତି । ଏବେ ସେ ସ୍ୱାଧୀନ ଭାରତର ରାଷ୍ଟ୍ରପତି ବା ପ୍ରଧାନ ଶାସନକର୍ତ୍ତା ।

କଠିନ ଶବ୍ଦମାନଙ୍କର ଅର୍ଥ—

ଅପସରିବା – ଚାଲିଯିବା; ଶହୀଦ—କୌଣସି ଭଲକାମ ପାଇଁ କଷ୍ଟ ସହିଥିବା ବା ପ୍ରାଣ ଦେଇଥିବା ବ୍ୟକ୍ତି; ସମର—ଯୁଦ୍ଧ; ନେତା —ଚାଳକ; ଶକ୍ତିଶାଳୀ—ବଳୁଆ; ଦୁର୍ବ୍ୟବହାର—ଖରାପ ବ୍ୟବହାର; କୁହୁକ—ଯାହାଦ୍ୱାରା ମଣିଷ ଅଦ୍ଭୁତ କାମ କରିପାରେ; ନିନାଦ— ଧ୍ୱନି; ଜାଗ୍ରତ ହେବା—ଚେଇଁ ଉଠିବା; ଆଖ୍ୟା—ନାମ; ଘୋଷଣା କଲେ—ଜଣାଇ ଦେଲେ; ଆକୃଷ୍ଟ ହେଲେ—ଟାଣି ହୋଇ ଆସିଲେ; ଝାସ ଦେଲେ—ଡେଇଁ ପଡ଼ିଲେ, ଉତ୍ତରାଧିକାରୀ—ଜଣେ ମରିଗଲେ ଯେ ତାର ସମ୍ପତ୍ତି ପାଏ (ଗାନ୍ଧୀଙ୍କ ଅନ୍ତେ ଜବାହାର ତାଙ୍କର କାର୍ଯ୍ୟକୁ ଚଳାଇବେ, ଏହି ଅର୍ଥରେ ଜବାହରଙ୍କୁ ଗାନ୍ଧୀଙ୍କର ଉତ୍ତରାଧିକାରୀ କୁହାଯାଇଛି); ସହକର୍ମୀ—ସାଥିରେ କାମ କରୁଥିବା ଲୋକ; ଉପହାସ—ଠଟ୍ଟା; ନୀଳଗୁଣ୍ଡ—ନୀଳରଙ୍ଗ ଯେଉଁ ଗଛରୁ ହୁଏ ସେହି ଗଛର ଗୁଣ୍ଡ; ଜବରଦସ୍ତି—ବଳ ପ୍ରୟୋଗ; ତତ୍ତ୍ୱାବଧାନ—ବୁଝାସୁଝା; ଦୁର୍ଦ୍ଦଶା—ମନ୍ଦ ଅବସ୍ଥା; ସୁପରିଚିତ—ଭଲରୂପେ ଜଣାଶୁଣା; ସହାନୁଭୂତି—ପରର ଦୁଃଖ ସୁଖକୁ ନିଜର ମନେ କରିବା; ନିଷ୍ଠୁର— ନିର୍ଦ୍ଦୟ; ରାଷ୍ଟ୍ରପତି—ଭାରତର ସର୍ବୋଚ୍ଚ ଶାସନକର୍ତ୍ତା, ପ୍ରେସିଡେଣ୍ଟ ।

Digitized by srujanika@gmail.com

ଲିଙ୍ଗ ପରିବର୍ତ୍ତନ—

ନେତା—ନେତ୍ରୀ; ବୀର—ବୀରା; ଶକ୍ତିଶାଳୀ—ଶକ୍ତିଶାଳିନୀ; ଦରିଦ୍ର—ଦରିଦ୍ରା; ଭାଇ—ଭଉଣୀ; ବାପା—ମା; ପୁରୁଷ—ସ୍ତ୍ରୀ; ଉତ୍ତରାଧିକାରୀ—ଉତ୍ତରାଧିକାରିଣୀ; ସହକର୍ମୀ—ସହକର୍ମିଣୀ ।

ସରଳ ବ୍ୟାଖ୍ୟା—

(କ) ଆଜି ଦେଶବାସୀ·····ପୂଜା କରୁଛନ୍ତି । (ପୃ ୧୫ ସ୍ତା)

ଭାରତରୁ ଇଂରେଜ ଶାସନ ଦୂର କରି ତାହାକୁ ସ୍ୱାଧୀନ କରିବା ପାଇଁ ଦେଶପ୍ରେମୀ ଲୋକେ ଅନେକ କାଳ ଲାଗି ଚେଷ୍ଟା କରିଥିଲେ । ସେମାନଙ୍କ ଭିତରୁ ଅନେକ ଜେଲ ଭୋଗିଥିଲେ; କେହି କେହି ଅବା ପ୍ରାଣ ହରାଇଥିଲେ । ସେହିସବୁ ଶହୀଦମାନଙ୍କ ଯୋଗୁଁ ଆଜି ଭାରତ ସ୍ୱାଧୀନ ହୋଇପାରିଛି । ଆଜି ଆମ୍ଭେମାନେ ସେମାନଙ୍କ ମହତ୍ କାର୍ଯ୍ୟ ମନେ ପକାଇ ସେମାନଙ୍କୁ ଧନ୍ୟ ଧନ୍ୟ କରୁଅଛୁ ।

(ଖ) ସେ ଉପଦେଶ ଦେଲେ ଯେ·····ଜୟ କରିବାକୁ ହେବ । (ପୃ ୧୫ ସ୍ତା)

ଦକ୍ଷିଣ ଆଫ୍ରିକାର ଗୋରାମାନେ ସେଠାରେ ଥିବା ଭାରତୀୟମାନଙ୍କ ପ୍ରତି ଘୋର ଅତ୍ୟାଚାର କରୁଥିଲେ । ସେମାନେ ଭାରତୀୟମାନଙ୍କର ଶତ୍ରୁ ଥିଲେ । ମହାତ୍ମା ଗାନ୍ଧୀ ଏହି ଗୋରାଙ୍କ ଅତ୍ୟାଚାର ଦୂର କରିବା ପାଇଁ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇଲେ । ସାଧାରଣତଃ ଆମ୍ଭେମାନେ ଶତ୍ରୁକୁ ଘୃଣା କରୁ ଓ ତାର ଅନିଷ୍ଟ କରିବାକୁ ଚେଷ୍ଟା କରୁଁ । ଇଂରେଜମାନେ ଆଫ୍ରିକାରେ ଭାରତୀୟଙ୍କର ଶତ୍ରୁ ହୋଇଥିଲେ । କିନ୍ତୁ ମହାତ୍ମାଗାନ୍ଧୀ ଭାରତୀୟମାନଙ୍କୁ ଶିକ୍ଷା ଦେଲେ ଯେ ଗୋରାମାନଙ୍କୁ ଘୃଣା ନ କରି ଆଦର କର; ତାଙ୍କ ପ୍ରତି ଶତ୍ରୁତା ନ କରି ବନ୍ଧୁ ବ୍ୟବହାର କର । ସେମାନଙ୍କର ମନ ବଦଳିଯିବ; ସେମାନେ ତା ପରେ

Digitized by srujanika@gmail.com

ଭାରତୀୟଙ୍କ ପ୍ରତି ଭଲ ବ୍ୟବହାର ଦେଖାଇବେ । ତେଣୁ ଭାରତୀୟଙ୍କର ଜୟ ହେବ ।

(ଗ) ମୋ ଅନ୍ତେ ଜବାହର ଲାଲହିଁ···ସମ୍ପୂର୍ଣ୍ଣ କରିବେ ।

(ପୃ ୧୯ ସ୍ଥା)

ପଣ୍ଡିତ ଜବାହରଲାଲ ନେହରୁ ମହାତ୍ମା ଗାନ୍ଧିଙ୍କର ସହକର୍ମୀ ଓ ପ୍ରଧାନ ଶିଷ୍ୟ ଥିଲେ । ଯେତେବେଳେ ମହାତ୍ମା ଗାନ୍ଧୀ ଭାରତକୁ ସ୍ୱାଧୀନ କରିବା ପାଇଁ ସତ୍ୟାଗ୍ରହ ଚଳାଇଥିଲେ, ସେତେବେଳେ ସେ କହୁଥିଲେ—ମୁଁ ଦେଶବାସୀଙ୍କ ଉପକାର ପାଇଁ, ଭାରତକୁ ସ୍ୱାଧୀନ କରିବା ପାଇଁ କାମ କରୁଅଛି । ମୁଁ ମରିଗଲେ ଜବାହରଲାଲ ସେହି କାମକୁ ଚଳାଇବାକୁ ସମର୍ଥ ହେବେ । ମୁଁ ଯେଉଁ ସବୁ କାମ ଅଧା କରି ଛାଡ଼ି ଯାଇଥିବି, ସେ ସବୁ ଜବାହରଙ୍କ ହାତରେ ପୂରା ହେବ । ଜଣେ ମରିଗଲେ ତାର ପୁଅମାନେ କିମ୍ବା ବଂଶର କେହି ତାର ସମ୍ପତ୍ତିକୁ ଭୋଗ କରନ୍ତି । ଗାନ୍ଧିଜୀଙ୍କର ଦେଶସେବାହିଁ ତାଙ୍କର ସମ୍ପତ୍ତି । ସେ ମରିଗଲେ ସେହି ଦେଶସେବାର ଭାର ଜବାହରଙ୍କ ଉପରେ ପଡ଼ିବ ବୋଲି କହୁଥିଲେ ।

(ଘ) ହୃଦୟରେ କଠୋର ନ୍ୟାୟ ଦଣ୍ଡ·········ଶାସନ କାର୍ଯ୍ୟ ଚଳାଉ଼ ଅଛନ୍ତି ।

(ପୃ ୨୨ ସ୍ଥା)

ଡକ୍ଟର ରାଜେନ୍ଦ୍ରପ୍ରସାଦ ଆଜ ଭାରତର ରାଷ୍ଟ୍ରପତି, ଭାରତରେ ସର୍ବୋଚ୍ଚ ଶାସନକର୍ତ୍ତା । ସେ ବଡ଼ ସରଳ ଓ ଦୟାଳୁ ଲୋକ । ଶାସନ-କର୍ତ୍ତା ଭାବରେ ସେ ବଡ଼ ନ୍ୟାୟପର । କୌଣସିଠାରେ ଦୋଷ ବା ଅନ୍ୟାୟ ଦେଖିଲେ ସେ ଛାଡ଼ି ଦିଅନ୍ତି ନାହିଁ; କିନ୍ତୁ ତାଙ୍କର ଦୟାଗୁଣ ହେତୁ ସେ ସମସ୍ତଙ୍କ ପ୍ରତି କୋମଳ ବ୍ୟବହାର କରନ୍ତି ଓ ସ୍ନେହ ପ୍ରକାଶ କରନ୍ତି । ସେ ଅନ୍ୟମାନଙ୍କ ସୁଖ ଦୁଃଖକୁ ନିଜର ବୋଲି ମନେକରନ୍ତି ।

Digitized by srujanika@gmail.com

ଟିପ୍ପଣୀ—

ଅସହଯୋଗ ଅନ୍ଦୋଳନ—୧୯୨୦ ମସିହାରେ ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ କହିଲେ, "ଇଂରେଜମାନେ ଆମ ଦେଶକୁ ଅନ୍ୟାୟ ଭାବରେ ଶାସନ କରୁଅଛନ୍ତି । ସେ ଆପେ ଭାରତ ଛାଡ଼ି ଚାଲିଯାଉ ନାହାନ୍ତି । ତେଣୁ ଆମ୍ଭେମାନେ ତାଙ୍କୁ କୌଣସି କଥାରେ ସାହାଯ୍ୟ କରିବା ନାହିଁ । ଇଂରେଜ ସରକାରଙ୍କ କଚେରୀକୁ ମକଦ୍ଦମା କରିବାକୁ ଯିବା ନାହିଁ । ସେ ଯେଉଁ ସ୍କୁଲ କଲେଜ ବସାଇଛନ୍ତି, ସେଥିରେ ପିଲାଙ୍କୁ ପଢ଼ାଇବା ନାହିଁ । ସରକାରଙ୍କ କୌଣସି ଅଫିସରେ ଚାକିରି କରିବା ନାହିଁ । ବିଦେଶୀ ଜିନିଷ କିଛି ବ୍ୟବହାର କରିବା ନାହିଁ ।" ଇଂରେଜଙ୍କଠାରୁ ଏହିପରି ଅଲଗା ରହି ଶାସନକୁ ଅଚଳ କରିଦେବା ପାଇଁ ଗାନ୍ଧିଜୀ ଯେଉଁ ଅନ୍ଦୋଳନ ଆରମ୍ଭ କରିଥିଲେ, ତାହାର ନାମ ଅସହଯୋଗ ଅନ୍ଦୋଳନ ।

ଆଫ୍ରିକାର ସତ୍ୟାଗ୍ରହ ଅନ୍ଦୋଳନ—

ଆଫ୍ରିକାରେ ଅନେକ ଭାରତୀୟ କୁଲି ଓ ବ୍ୟବସାୟୀ ଅଛନ୍ତି । ଗୋରାମାନେ ସେମାନଙ୍କୁ ବଡ଼ ଘୃଣା କରନ୍ତି । ଗୋରାମାନେ ଯେଉଁ ହୋଟେଲରେ ଖାନ୍ତି, ସେଠାକୁ ଭାରତୀୟମାନେ ଯାଇପାରୁ ନଥିଲେ । ରେଲ ଗାଡ଼ିରେ ଭାରତୀୟମାନେ ଉଚ୍ଚ ଶ୍ରେଣୀରେ ସାହେବଙ୍କ ସଙ୍ଗେ ଯାଇପାରୁ ନଥିଲେ । ଭାରତୀୟମାନଙ୍କୁ ମୁଣ୍ଡପିଛା ଏକ ରକମ ଟିକସ ଦେବାକୁ ହେଉଥିଲା । ଏହି ସବୁ ଅନ୍ୟାୟ ଅତ୍ୟାଚାର ବନ୍ଦ କରିବା ପାଇଁ ମହାତ୍ମା ଗାନ୍ଧୀ ଭାରତୀୟଙ୍କୁ ଏକଜୁଟ କରି ଯେଉଁ ଅନ୍ଦୋଳନ କରିଥିଲେ ତାହାର ନାମ ସତ୍ୟାଗ୍ରହ ଅନ୍ଦୋଳନ ।

ଲୁହାର ମଣିଷ—

ଲୁହା ଗୋଟିଏ ବଡ଼ କଠିନ ଧାତୁ, ଏହାକୁ ସହଜରେ ବଙ୍କାଇ ଏହାର ଆକାର ବଦଳାଇ ହୁଏ ନାହିଁ । ସର୍ଦ୍ଦାର ବଲ୍ଲଭଭାଇ

Digitized by srujanika@gmail.com

ପଟେଲଙ୍କର ମନ ଖୁବ୍ ଟାଣ ଥିଲା । ସେ ଯାହା କରିବାକୁ ଇଚ୍ଛା କରୁଥିଲେ ତାହା ଯେ କୌଣସି ପ୍ରକାରେ ନ କରି ଛାଡ଼ୁ ନଥିଲେ । ତେଣୁ ତାଙ୍କୁ 'ଲୁହାର ମଣିଷ' କୁହାଯାଉଥିଲା ।

ନୀଳଚାଷ—

ଲୁଗା ରଙ୍ଗ କରିବା ପାଇଁ ଯେଉଁ ରଙ୍ଗ ବ୍ୟବହୃତ ହୁଏ ତାହା ଏକ ପ୍ରକାର ଗଛରୁ ମିଳେ । ବିହାରର ଚମ୍ପାରଣ ଜିଲାରେ ଏହି ନୀଳ ଗଛର ଚାଷ ହେଉଥିଲା । ସାହେବମାନେ ନୀଳ ରଙ୍ଗର ବ୍ୟବସାୟ କରୁଥିଲେ । ସେମାନେ ସାମାନ୍ୟ ଟଙ୍କା ଦେଇ ଚାଷୀ-ମାନଙ୍କୁ ନୀଳଚାଷ କରିବାକୁ ବାଧ୍ୟ କରି ଚୁକ୍ତିପତ୍ର ଲେଖାଇ ନେଉଥିଲେ । ନୀଳ ଅମଦାନୀ ହେଲେ ତାକୁ ନେଇ ଯାଉଥିଲେ । ଠିକ୍ ଦାମ୍ ଦେଉ ନ ଥିଲେ । ଚାଷୀମାନେ ଜମିରେ ନିଜ ଇଚ୍ଛାରେ ଧାନ ଗହମ ପ୍ରଭୃତି ଚାଷ କରି ପାରୁ ନଥିଲେ । ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଫଳରେ ଗୋରାଙ୍କର ଏହି ଅତ୍ୟାଚାର ବନ୍ଦ ହୋଇଥିଲା ।

ରାଷ୍ଟ୍ରପତି—

ଭାରତ ଗୋଟିଏ ଗଣତନ୍ତ୍ର ରାଷ୍ଟ୍ର । ଏଥିରେ ରାଜା ବା ସମ୍ରାଟ ନାହାନ୍ତି । ଏହାର ସବୁଠାରୁ ବଡ଼ ଶାସନକର୍ତ୍ତା ହେଉଛନ୍ତି ପ୍ରେସିଡେଣ୍ଟ । ତାଙ୍କ ଉପରେ ଆଉ କେହି ନାହିଁ । ଭାରତର ଲୋକେ ଭୋଟ ଦେଇ ପ୍ରେସିଡେଣ୍ଟ ବା ରାଷ୍ଟ୍ରପତିଙ୍କୁ ବାଛନ୍ତି । ଡକ୍ଟର ରାଜେନ୍ଦ୍ର ପ୍ରସାଦ ସବୁଠାରୁ ବେଶୀ ଭୋଟ ପାଇ ଭାରତର ରାଷ୍ଟ୍ରପତି ହୋଇ ଅଛନ୍ତି ।

ବିହାର ଭୂମିକମ୍ପ—

୧୯୩୪ ମସିହାର ଜାନୁୟାରୀ ମାସରେ ବିହାରରେ ଗୋଟିଏ ଭୀଷଣ ଭୂମିକମ୍ପ ହୋଇଥିଲା । ଏଥିରେ ବାଙ୍କୀପୁର, ଦରଭଙ୍ଗା ପ୍ରଭୃତି

Digitized by srujanika@gmail.com

ସହର ଓ ଗ୍ରାମମାନଙ୍କର ବହୁତ କ୍ଷତି ହୋଇଥିଲା । ଅନେକ ଲୋକ ପ୍ରାଣ ହରାଇଥିଲେ । ଘରଦ୍ୱାର ଭାଙ୍ଗିଯାଇ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଥିଲା ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ପୂର୍ବେ ଇଂରେଜମାନେ ଭାରତକୁ ଶାସନ କରୁଥିଲେ । ଗୋରାମାନେ ବଡ଼ ବଡ଼ ଚାକିରିରେ ରହୁଥିଲେ । ସେମାନେ ଯାହା କରିବାକୁ ଚାହୁଁଥିଲେ ତାହା କରୁଥିଲେ । ଭାରତର ଲୋକେ ନିଜର ଭଲ ପାଇଁ ଯାହା ଚାହୁଁଥିଲେ ଗୋରାମାନେ ତାହା କରାଇ ଦେଉ ନ ଥିଲେ । ଅସହଯୋଗ ଆନ୍ଦୋଳନ ଫଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସାହେବମାନେ ଆମ ଦେଶ ଛାଡ଼ିଗଲେ । ଭାରତ ଶାସନରେ ଏଣିକି ତାଙ୍କର କିଛି ହାତ ନାହିଁ । ଆମେମାନେ ଯେପରି ଇଚ୍ଛା ସେପରି ଆମ ଦେଶ ଶାସନ କରିବୁ; ଆପଣାର ଆଇନ ତିଆରି କରିବୁ । ଆମର ଶାସନକର୍ତ୍ତାଙ୍କୁ ଆମେ ବାଛିବୁ । ଆମେ ଏଣିକି ଇଂରେଜଙ୍କର କି ଆଉ କାହାର କଥାନୁସାରେ ଚଳିବାକୁ ବାଧ୍ୟ ନୋହୁ ।

୨ । (ଟିପ୍ପଣୀ ଦେଖ)

୩ । [ସରଳାର୍ଥ (ଗ) ଦେଖ ।]

୪ । (ଟିପ୍ପଣୀ ଦେଖ ।)

୫ । ସାର କଥାରୁ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ପ୍ରଧାନ ମନ୍ତ୍ରୀ ଜବାହରଙ୍କ ବକ୍ତବ୍ୟ ଦେଖ ।

୬ । ପ୍ରଥମେ ମହାତ୍ମା ଗାନ୍ଧି ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ ।

୭ । ସ୍ୱାଧୀନତା—ଆପେ ଆପଣା ରାଜ୍ୟ ଚଳାଇବା କ୍ଷମତା; ଅପହରି—ଧରିନେଇ; ଶହୀଦ—କୌଣସି ସତ୍‌କାର୍ଯ୍ୟରେ ଯେ ପ୍ରାଣ ଦିଏ;

Digitized by srujanika@gmail.com

ଦୁର୍ବ୍ୟବହାର—ଖରାପ ଆଚରଣ; ନ୍ୟାୟଦଣ୍ଡ—ନ୍ୟାୟ ଅନ୍ୟାୟ ବିଚାର କରିବା କ୍ଷମତା (ଦଣ୍ଡ—ବାଡ଼ି); ରାଷ୍ଟ୍ରପତି—ଭାରତ ରାଷ୍ଟ୍ରର ନିର୍ବାଚିତ ଉଚ୍ଚତମ ଶାସନକର୍ତ୍ତା; ଅକ୍ଳାନ୍ତ—ବିଶ୍ରାମ ନ ନେଇ; ନୈଷ୍ଠୁର୍ଯ୍ୟ—ରୁଳଙ୍କ ପଣ; ନିୟମପରାୟଣ—ଯେ ନିୟମକୁ ପୁରାପୁରି ମାନି ଚଳେ; ତତ୍ତ୍ୱାବଧାନ—ବୁଝାସୁଝା କରିବା ।

———

(୪) ଦୁଇଟି ଛାତ୍ରବନ୍ଧୁ

(୧)

ସାରକଥା—

ତିନିଶ ବର୍ଷ ତଳେ ଇଂଲଣ୍ଡର ଓ୍ୱେଷ୍ଟମିନଷ୍ଟର ସ୍କୁଲରେ ଦୁଇଟି ପିଲା ପଢ଼ୁଥିଲେ । ସେ ଦୁହିଁଙ୍କ ଭିତରେ ବଡ଼ ଭାବ ଥିଲା । ଦୁହିଁଙ୍କ ଭିତରୁ ଜଣଙ୍କର ନାଁ ନିକୋଲାସ୍; ଅନ୍ୟ ଜଣଙ୍କର ନାଁ ଓ୍ୱେବ୍ ।

ଥରେ ଶିକ୍ଷକ କ୍ଳାସରେ ନ ଥିବା ବେଳେ ପିଲାମାନେ ଡିଆଁ ଡେଇଁ କରି ଖେଳୁଥିଲେ । କ୍ଳାସ ଘର ଭିତରେ ଗୋଟିଏ ପୁରୁଣା ପର୍ଦ୍ଦା ଟଙ୍ଗା ହୋଇଥିଲା । ନିକୋଲାସ ଖେଳୁ ଖେଳୁ ପର୍ଦ୍ଦାଟିକୁ ଚିରି ପକାଇଲା ।

ନିକୋଲାସର ଭାରି ଭୟ ହେଲା । କ୍ଳାସରେ ଶିକ୍ଷକ ଦଣ୍ଡ ଦେବେ । ଘରେ ବାପାଙ୍କଠାରୁ ମଧ୍ୟ ଏଥିପାଇଁ ଗାଳି ମାଡ଼ ସହିବାକୁ ହେବ ।

ପିଲାମାନେ ମିଳି ଗୋଟିଏ ଉପାୟ ପାଞ୍ଚିଲେ । ପର୍ଦ୍ଦାର ଚିରା ଜାଗାଟି ଏପରି ସଜାଡ଼ି ରଖିଦେଲେ, ଯେପରି କି ଶିକ୍ଷକ ପର୍ଦ୍ଦା ଚିର

Digitized by srujanika@gmail.com

ଯାଇଥିବାର ଜାଣି ପାରିବେ ନାହିଁ । ସମସ୍ତେ ଚୁପ୍‌ଚାପ୍ ହୋଇ ନିଜ ନିଜ ଜାଗାରେ ବସିଗଲେ ।

ଶିକ୍ଷକ ଆସି ଦେଖିଲେ ଯେ ପିଲାମାନେ ଏକବାରେ ଚୁପ୍‌ଚାପ୍ । ଏହାର କିଛି କାରଣ ଥିବ ଭାବି ସେ ଘରର ସବୁ ଆଡ଼କୁ ଗୁହିଁଗଲେ । ଦେଖିଲେ ଯେ ପରଦାଟି ଗୋଟିଏ ଜାଗାରେ ଫାଟି ହୋଇ ରହିଛି । ତାକୁ ଟାଣି ସିଧା କରିଦେଲା ବେଳକୁ ଚିରାଟି ବାହାରି ଦେଖାଗଲା ।

କିଏ ପରଦା ଚିରିଛି ବୋଲି ଶିକ୍ଷକ ପଚାରିବାରୁ କେହି କିଛି କହିଲେ ନାହିଁ । ତହୁଁ ଶିକ୍ଷକ ପ୍ରତି ପିଲାକୁ ପଚାରିଲେ । ପ୍ରତ୍ୟେକ ପିଲା କହିଲା—ମୁଁ ଚିରି ନାହିଁ । ନିକୋଲସକୁ ଯେତେବେଳେ ପଚାରିଗଲା, ସେ ଟିକିଏ ରହି ଯାଇ ଧୀରେ କହିଲା—ନାଁ, ମୁଁ ଚିରିନାହିଁ ।

ଓଫ୍ରେକ୍ ନିକୋଲସକୁ ଭାରି ଭଲ ପାଏ । ସେ ଭାବିଲା— ଅନ୍ୟମାନେ ଏହିପରି କହିଲେ ଶିକ୍ଷକ ସମସ୍ତଙ୍କୁ ମାଡ଼ ଦେବେ; ସେତେବେଳେ ନିଶ୍ଚୟ ନିକୋଲସର ଦୋଷ ଜଣା ପଡ଼ିବ । ତା ଫଳରେ ତାକୁ ବେତମାଡ଼ ଖାଇବାକୁ ହେବ ଓ ସ୍କୁଲରୁ ବାହାରି ଯିବାକୁ ହେବ । ସେ ନିକୋଲସକୁ ରକ୍ଷା କରିବାକୁ ସ୍ଥିର କଲା ।

ଶିକ୍ଷକ ପୂର୍ବପରି ଓଫ୍ରେକକୁ ପଚାରିଲେ । ଓଫ୍ରେକ୍ ହଁ କି ନାଁ କିଛି ନ କହି ଚୁପ୍ ରହିଲା । ଶିକ୍ଷକ ଭାବି ନେଲେ ଯେ ଓଫ୍ରେକ୍ ପରଦା ଚିରିଛି । ସେ କ୍ଲାସ ଭିତରେ ତାକୁ ଖୁବ ପାହାର ଦେଲେ । ମାଡ଼ ଖାଇ ତାର ପିଠି ହାତ ଫୁଲି ଦରଜ ହୋଇଗଲା ।

ସ୍କୁଲ ଛୁଟି ହେଲା । ଓଫ୍ରେକ୍ ଏତେ ମାଡ଼ ଖାଇ ମଧ୍ୟ ଟିକିଏ ମନ ଦୁଃଖ କରୁ ନ ଥାଏ । ନିଜେ ମାଡ଼ ଖାଇ ବନ୍ଧୁକୁ ମାଡ଼ରୁ ରକ୍ଷା କରି ଥିବାରୁ ବରଂ ତା ମନରେ ଆନନ୍ଦ । ପିଲାମାନେ ଓଫ୍ରେକକୁ 'ସାବାସ୍ କହି କାନ୍ଧରେ ବସାଇ ବୁଲାଇଲେ ।

Digitized by srujanika@gmail.com

ଏବେ ନିକୋଲସର ମନରେ ଘୋର ଦୁଃଖ । ଓସ୍ୱେଲ୍ ନିର୍ଦ୍ଦୋଷ ହୋଇ ତା ପାଇଁ ମାଡ଼ ସହିଲା । ଏ କଥା ଭାବି ସେ ଲାଜରେ ବୁଡ଼ିଗଲା । ସେ କାନ୍ଦି କାନ୍ଦି ଓସ୍ୱେଲକୁ କହିଲା "ଭାଇ, ତୁମେ ମୋ' ପାଇ ଯାହା କରିଛ ତା କେବେ ଭୁଲି ପାରିବି ନାହିଁ । ମୁଁ ତମର ପରି ସାହସୀ ହୋଇ ତୁମର ଏ ଋଣ ଦିନେ ସୁଝିବି ।"

କଠିନ ଶବ୍ଦମାନଙ୍କର ଅର୍ଥ—

ବିଖ୍ୟାତ—ଖୁବ୍ ଜଣା ଶୁଣା; ଅଧ୍ୟୟନ—ପାଠପଢ଼ା; ପ୍ରକୃତି—ସ୍ୱଭାବ; ଘନିଷ୍ଠ ବନ୍ଧୁ—ମନମିଳା ସାଙ୍ଗ; ଲଜ୍ଜାଶୀଳ—ଲାଜକୁଳୀ; ସ୍ପଷ୍ଟବାଦୀ—ଯେ ସତ କହିବାକୁ ଭୟ କରେ ନାହିଁ; ନିର୍ଭୀକ—ଭୟହୀନ; ସହପାଠୀ—ପାଠପଢ଼ା ସାଥୀ; ପୁରାତନ—ପୁରୁଣା; ବେତ୍ରାଘାତ—ବେତମାଡ଼; ଶାସନ—ଦଣ୍ଡ; କଠୋର—ନିର୍ଦ୍ଦୟ; ଦୁରବସ୍ଥା—ଖରାପ ଅବସ୍ଥା; ନିଶ୍ଚଳତା—ସ୍ଥିରତା । ଦୃଷ୍ଟିନିକ୍ଷେପ—ଆଖି ପକାଇବା; ଦଣ୍ଡବିଧାନ—ମାଡ଼ଦେବା; ସମକ୍ଷରେ—ଆଗରେ; ନୀରବରେ—ଚୁପ୍ ହୋଇ; ଅନୁତାପ—କୌଣସି ଅନ୍ୟାୟ କରିଥିବା ହେତୁ ମନରେ ଦୁଃଖ କରିବା; ତ୍ୟାଗୀ—ଯେ ସ୍ୱାର୍ଥ ଛାଡ଼ନ୍ତି; ପରିଶୋଧ କରିବା—ସୁଝିବା ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ପ୍ରଶ୍ନ—ଉତ୍ତର; ଶତ୍ରୁ—ବନ୍ଧୁ; ନିର୍ଭୀକ—ଭୟାଳୁ; କଠୋର—କୋମଳ; ନିଶ୍ଚଳତା—ଚଞ୍ଚଳତା; ନିର୍ଦ୍ଦୋଷ—ଦୋଷୀ; ଦଣ୍ଡ—ପୁରସ୍କାର; ଦୋଷ—ଗୁଣ; ପୁରାତନ—ନୂତନ; ବିପଦ—ସମ୍ପଦ; ସାହସୀ—ଭୀରୁ; ଭୁଲିବା—ମନେ ରଖିବା ।

Digitized by srujanika@gmail.com

ସନ୍ଧି—

ବେଦ + ଆଘାତ = ବେଦାଘାତ; ଦୁଃ + ଅବସ୍ଥା = ଦୁରବସ୍ଥା; ଦୁଃ + ଦଶା = ଦୁର୍ଦ୍ଦଶା; ଚତୁଃ + ଦଗ = ଚତୁର୍ଦ୍ଦିଗ; ନିଃ + ଦୋଷ = ନିର୍ଦ୍ଦୋଷ; ନିଃ + ରବ = ନୀରବ ।

ଲିଙ୍ଗ ପରିବର୍ତ୍ତନ—

ସ୍ଥବ—ସ୍ଥବୀ; ଶିକ୍ଷକ—ଶିକ୍ଷୟିତ୍ରୀ; ଲଜ୍ଜାଶୀଳ—ଲଜ୍ଜାଶୀଳା; ସାହସୀ—ସାହସିନୀ; ଲଜ୍ଜିତ—ଲଜ୍ଜିତା ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ନିକୋଲାସ ପର୍ଦ୍ଦା ଚିରିଥିଲେହେଁ, ସେ ନିର୍ଦ୍ଦୋଷ ବୋଲି କହି ଯାଉଥିଲା । ଓସ୍ୱେକ ଦେଖିଲା ଯେ ସମସ୍ତେ ତାଙ୍କୁ ନିର୍ଦ୍ଦୋଷ କହିଲେ ନିକୋଲାସ ନିଶ୍ଚୟ ଧରା ପଡ଼ିବ ଓ ଦଣ୍ଡ ପାଇ ବିଦ୍ୟାଳୟରୁ ତଡ଼ା ହେବ । ତେଣୁ ଶିକ୍ଷକ ଓସ୍ୱେକକୁ ପଚାରିଲା-ବେଳେ ସେ କିଛି ଉତ୍ତର ନ ଦେଇ ଚୁପ୍ ହୋଇ ରହିଲା । ଶିକ୍ଷକ ତାଙ୍କୁ ଦୋଷୀ ମନେ କରି ଦଣ୍ଡ ଦେଲେ । ଫଳରେ ନିକୋଲାସ ରକ୍ଷା ପାଇଗଲା ।

୨ । ଗୋଡ଼ କାଢ଼ିବା—ପଳାଇ ଯିବା; କଳାକାଠ ପଡ଼ି ଯିବା—ଅତ୍ୟନ୍ତ ଭୟ ପାଇବା; ମେଣ୍ଟ ବାନ୍ଧିବା—ସମସ୍ତେ ମିଳିଯିବା; ପାଟି ଖନ ମାରିଯିବା—ସଫା କରି କିଛି କହି ନ ପାରିବା; ଋଣ ପରିଶୋଧ କରିବା—କରଜ ସୁଝିବା ।

୩ । ଅନୁତାପ—ପଶ୍ଚାତ୍ତାପ; ନିର୍ଭୀକ—ସାହସୀ; ଭକ୍ତି—ନିଆଁର; ବିଖ୍ୟାତ—ପ୍ରସିଦ୍ଧ; ସହପାଠୀ—ସହାଧ୍ୟାୟୀ ।

୪ । (କ) ଅନୁତାପ (ଖ) ନୁହେଁ (ଡ଼ିଷ୍ୟ ଅଛି)

———

Digitized by srujanika@gmail.com

(୬) ଦୁଇଟି ଛାୟାଚିତ୍ର

(୨)

ସାରକଥା—

ଓଏସ୍କ୍ ଓ ନିକୋଲାସ ପାଠ ପଢ଼ିବା ସମୟର ଗୃହାଶ ବର୍ଷ ପରର କଥା । ଏଥିମଧ୍ୟରେ ନିକୋଲାସ ଓକିଲାତି କଲେ ଓ ପରେ ଇଂଲଣ୍ଡର ଜଣେ ବିଚାରପତି ହେଲେ । ଓଏସ୍କ ସୈନ୍ୟ ବିଭାଗରେ ଜଣେ କର୍ମଚାରୀ ହେଲେ ।

ଏହି ସମୟରେ ଦେଶରେ ବିପ୍ଳବ ହେଲା । ଓଏସ୍କ ଦେଶଦ୍ରୋହୀ ବୋଲି ବନ୍ଦୀ ହେଲେ । ଦେଶଦ୍ରୋହୀମାନଙ୍କୁ ସେତେବେଳେ ପ୍ରାଣଦଣ୍ଡ ଦିଆଯାଉଥିଲା ।

କ୍ରମଓ୍ୱେଲ ଇଂଲଣ୍ଡର ପ୍ରଧାନ ଶାସନକର୍ତ୍ତା ଥିଲେ । ଦେଶଦ୍ରୋହୀମାନଙ୍କର ବିଚାର ପାଇଁ ସେ ନିକୋଲାସଙ୍କୁ ପଠାଇଲେ ।

ନିକୋଲାସ ବିଚାରପତି ଆସନରେ ବସିଲେ । ଅନ୍ୟ ବନ୍ଦୀମାନଙ୍କ ସହ ଓଏସ୍କ ମଧ୍ୟ ବିଚାରଗୃହକୁ ଅଣାଗଲେ । ବିଚାର ଶେଷ ହେଲା । ନିକୋଲାସ ସମସ୍ତଙ୍କର ପ୍ରାଣଦଣ୍ଡ ଆଦେଶ ଦେଲେ । ତିନିଦିନ ପରେ ଗୁଳି ଦ୍ୱାରା ସମସ୍ତଙ୍କୁ ହତ୍ୟା କରାଯିବାର କଥା ।

ନିକୋଲାସ ଅନୁସନ୍ଧାନ କରି ବୁଝିଲେ ଯେ ମୃତ୍ୟୁ ଦଣ୍ଡ ଆଦେଶ ପାଇଥିବା ଓଏସ୍କ ତାଙ୍କର ସେହି ପିଲାଦିନର ସାଥୀ । ସେ ଟିକିଏ ସୁଦ୍ଧା ବିଳମ୍ବ ନ କରି ଘୋଡ଼ାରେ ଚଢ଼ି ଲଣ୍ଡନରେ ପହଞ୍ଚିଲେ । କ୍ରମଓ୍ୱେଲଙ୍କ ନିକଟକୁ ଯାଇ ସେ କହିଲେ,"ଓଏସ୍କଙ୍କୁ ପ୍ରାଣଦଣ୍ଡ ଆଦେଶ ଦିଆଯାଇଅଛି । କିନ୍ତୁ ମୁଁ ଯେ ଆଜି ସମ୍ମାନୀ ଓ ସାହସୀ ହୋଇ ଇଂଲଣ୍ଡର ଜଣେ ବିଚାରପତି ହୋଇପାରିଛି

Digitized by srujanika@gmail.com

ତାହା କେବଳ ଏହି ଓଦ୍ସେକ ଯୋଗରୁ । ଅତଏବ ମୋର ପ୍ରାଣ-ନେଇ ଓଦ୍ସେକଙ୍କୁ ପ୍ରାଣଦଣ୍ଡରୁ ମୁକ୍ତ ଦଅନ୍ତୁ ।"

କ୍ରମ୍‌ଓ୍ୱେଲ୍ ବନ୍ଧୁବରପତ ନିକୋଲସଙ୍କ ପ୍ରାର୍ଥନା ଶୁଣି ଓଦ୍ସେକର ମୁକ୍ତିପାଇଁ ଆଦେଶପତ୍ର ଲେଖିଦେଲେ । ନିକୋଲସ ତାହାକୁ ନେଇ ବନ୍ଦୀଶାଳାରେ ପହଞ୍ଚିଲେ । ସେଠାରେ ଓଦ୍ସେକ ହାତରେ ଆଦେଶପତ୍ରଟି ଦେଇ ନିକୋଲସ କହିଲେ "ଭାଇ, ଓଦ୍ସେକ୍ ମିନାଷ୍ଟର ସ୍କୁଲରେ ପଢ଼ିଲାବେଳେ ମୁଁ ତୁମ ନିକଟରେ ପ୍ରତିଜ୍ଞା କରିଥିଲି ଯେ, ସମୟରେ ତୁମର ଋଣ ସୁଝିବି । ତାହା ଏତେଦିନେ କରିବାର ସୁଯୋଗ ପାଇଲି ।"

ଓଦ୍ସେକ ମୁକ୍ତି ପାଇଲା ।

କଠିନ ଶବ୍ଦମାନଙ୍କର ଅର୍ଥ—

ଅତିବାହିତ ହେଲା—କଟିଗଲା; ପରସ୍ପର—ଆପଣା ଆପଣା; ଅଇନ ବ୍ୟବସାୟୀ—ଓକିଲ ବା ବାରିଷ୍ଟର; ବିପ୍ଳବ—ରାଜ୍ୟଶାସକ ବିରୁଦ୍ଧରେ ପ୍ରଜାମାନଙ୍କର ଗୋଳମାଳ; ଶାସ୍ତି—ଦଣ୍ଡ; ଦୀନ—ଦରିଦ୍ର; ଆଦେଶ—ହୁକୁମ; ବେଗଗାମୀ—ଚଞ୍ଚଳ ଦଉଡ଼ି ପାରୁଥିବା; ଅବସନ୍ନ—ଢାଳିଆ; ସମକ୍ଷରେ—ଆଗରେ; ବୃତ୍ତାନ୍ତ—ବିବରଣ, ଘଟଣା; ନିବେଦନ କଲେ—ଜଣାଇଲେ; ପଦୋନ୍ନତି—ଉଚ୍ଚ ଚାକିରି ପାଇବା; ବିନିମୟରେ—ବଦଳରେ; ଋଣ—ଖଣ; ମୁକ୍ତି—ଖଲାସ; ପୁନର୍ବାର—ପୁଣି; ଅକସ୍ମାତ—ହଠାତ୍; ସ୍ମୃତି—ମନେପଡ଼ିବା ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଆରୋହଣ—ଅବରୋହଣ; ଶାସକ—ଶାସିତ; ଉନ୍ନତ—ଅବନତ; ଋଣ—ଧନ; ମୁକ୍ତି—ବନ୍ଧନ; ସମକ୍ଷ—ପରୋକ୍ଷ ।

ଲିଙ୍ଗ ପରିବର୍ତ୍ତନ—

Digitized by srujanika@gmail.com

ବନ୍ଦୀ—ବନ୍ଦିନୀ; ସୁନ୍ଦର—ସୁନ୍ଦରୀ; ସତ୍ୟବାଦୀ—ସତ୍ୟବାଦିନୀ; ସାହସୀ—ସାହସିନୀ; ବଙ୍ଗ—ବଙ୍ଗୀ; ଘୋଟକ—ଘୋଟକୀ; ଭୃତ୍ୟ—ଭୃତ୍ୟାଣୀ ।

ସରଳାର୍ଥ—

ଓଯ୍ୟେଷ୍ଟ ମିନଷ୍ଟର ସ୍କୁଲରେ······କରିପାରିଲ । (ପୃ ୨୮ ପୃ)

ଓଯ୍ୟେକ୍ ଓ ନିକୋଲାସ ଓଯ୍ୟେଷ୍ଟ ମିନଷ୍ଟର ସ୍କୁଲରେ ପଢ଼ିବା-ବେଳେ ନିକୋଲାସ ଗୋଟିଏ ଅନ୍ୟାୟ କାର୍ଯ୍ୟ କରିଥିଲା । କିନ୍ତୁ ସତ୍ୟ କଥା କହି ଦଣ୍ଡ ପାଇବାକୁ ତାର ସାହସ ନ ଥିଲା । ନିକୋଲାସର ବନ୍ଧୁ ଓଯ୍ୟେକ ତାକୁ ରକ୍ଷା କରିବାପାଇଁ ନିଜେ ଦଣ୍ଡ ଭୋଗିଲା । ଏହି ଘଟନାପରେ ନିକୋଲାସ ସତ୍ୟବାଦୀ ଓ ସାହସୀ ହୋଇ ବନ୍ଧୁ ଓଯ୍ୟେକର ଋଣ ସୁଝିବାକୁ ପ୍ରତିଜ୍ଞା କରିଥିଲା ।

ନିକୋଲାସ ମୃତ୍ୟୁଦଣ୍ଡ ଆଦେଶ ପାଇଥିବା ଓଯ୍ୟେକ୍‌କୁ ଖଲାସ କରାଇ ସେହି ପ୍ରତିଜ୍ଞା ରକ୍ଷା କଲା । ନିକୋଲାସ ଯୋଗୁ ଓଯ୍ୟେକର ପ୍ରାଣରକ୍ଷା ହେଲା ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । (ସାର କଥା ଦେଖ ।)

୨ । ଓଯ୍ୟେକ୍ ନିର୍ଦ୍ଦୋଷ ହେଲେହେଁ ନିକୋଲାସକୁ ଶିକ୍ଷକଙ୍କ ଦଣ୍ଡରୁ ରକ୍ଷା କରିବା ପାଇଁ ନିଜେ ଦଣ୍ଡ ଭୋଗିଥିଲା । ନିକୋଲାସ ଦଣ୍ଡକୁ ଭୟ କରି ମିଥ୍ୟା କହିଥିଲା । ତାର ଆଦୌ ସାହସ ନଥିଲା । କିନ୍ତୁ ଓଯ୍ୟେକ୍ ତାପାଇଁ ଦଣ୍ଡ ପାଇବାର ଦେଖି ତାର ମନ ବଦଳି ଗଲା ଓ ସେହିଦିନଠାରୁ ସେ ସାହସୀ ଓ ସତ୍ୟବାଦୀ ହେବାକୁ ଚେଷ୍ଟା କଲା । ଏହି ଚେଷ୍ଟା ଫଳରେ ଉନ୍ନତିକରି ସେ ଦିନେ ଇଂଲଣ୍ଡର ଜଣେ

Digitized by srujanika@gmail.com

ବିସ୍ତୃତ ହୋଇ ପାରିଥିଲେ । ଅତଏବ ନିକୋଲସର ଜୀବନ କେବଳ ଉଲ୍ଲେଖ ଯୋଗ୍ୟ ହୋଇ ପାରିଥିଲା ।

୩ । ଅପରାଧୀ, ଦେଶଦ୍ରୋହୀ, ଦାଗୀ, ଦୋଷୀ ।

୪ । ହସ୍ତକୁ, ଅନ୍ୟଦେଶପତିଙ୍କ, ତାହାଙ୍କୁ ।

---

(୭) ଭଇଁ ଓ ମହୁମାଛି

ସାରକଥା—

ଥରେ ଗୋଟିଏ ଭଇଁ ଗୋଟିଏ ମହୁମାଛିକୁ କହିଲା, "ତୁ ବଡ଼ ଖଲ; ମିଛରେ ଗୁଣୁ ଗୁଣୁ ଶବ୍ଦ କରୁ କାହିଁକି ? ତୁ ଫୁଲ ଗନ୍ଧରେ ମାତି ରହିଥାଉ । ତୋର ଶବ୍ଦ ଶୁଣି ଲୋକେ ଆସି ତୋ ଫେଣାରୁ ମହୁ ନେଇଯାନ୍ତି । କିନ୍ତୁ ମୁଁ କିଛି ଶବ୍ଦ ନ କରି ଦିନରାତି ଲାଗି ମୋର ଘର ତିଆରି କରେ । ସେ ଘରେ ମୋର କିଛି ବିପଦ ଘଟିବାର ଭୟ ନ ଥାଏ । ତୁ ମିଛଟାରେ ଗୁଣୁ ଗୁଣୁ ହୋଇ ଫୁଲରୁ ଫୁଲକୁ କାହିଁକି ଉଡ଼ି ବୁଲୁଥାଉ ?"

ମହୁମାଛି ଭଇଁ ପାଖକୁ ଉଡ଼ି ଆସି ହସି ହସି କହିଲା, "ମୁଁ ତ ଆପଣା ପାଇଁ ମହୁ ସଞ୍ଚି ନ ଥାଏଁ । ପର ଉପକାର ପାଇଁ ସଞ୍ଚି ଥାଏଁ । ମୋ ମନ ସବୁବେଳେ ଆନନ୍ଦରେ ପୂରି ଥାଏ. ବୋଲି ମୁଁ ଖୁସିରେ ଗୀତ ଗାଉଥାଏଁ, ମୋର ଟିକିଏ ହେଲେ ଦୁଃଖ ନ ଥାଏ । ତୁ ବଡ଼ ଖରାପ । ସବୁବେଳେ ଆପଣା କଥା ଭାବୁଥାଉ । ପରକଥା ଆଦୌ ଭାବୁ ନାହିଁ । ଲୋକଙ୍କର ସୁନ୍ଦର ଲୁଗା କାଟି ମାଟି କରି ଦେଉ । କେତେ ମୂଲ୍ୟବାନ୍ ଗ୍ରନ୍ଥ ତୋ. ଯୋଗେ ନଷ୍ଟ ହୋଇଯାଏ । ଫୁଲ ମୋର ବନ୍ଧୁ, ମୋତେ ଆନନ୍ଦରେ ମହୁ ଯାଚିଦିଏ । ସେ

Digitized by srujanika@gmail.com

ଏମାନେ କହନ୍ତି—ଏଣେତେଣେ ବୁଲି ବୁଲି ମୋର ରସ ନିଅ । ସଂସାରକୁ ପ୍ରେମମୟ ଓ ସୁଖମୟ କର; ତୁମେ ଗୀତ ଗାଉଥାଅ ଏବଂ ମୁଁ ତୃପ୍ତି ଆନନ୍ଦ ଦେଉଥାଏଁ । ମୁଁ ଫୁଲର ରେଣୁ ଓ ରସ ବହି ନେଇ ଫୁଲର ବଂଶ ବଢ଼ାଏଁ । ଫୁଲ ପାଖେ ମୁଁ ମୋର ଗୀତ ଗାଉଥାଏଁ—ଏ ପୃଥିବୀ ଫୁଲରେ ପୂରିଛି; ସଙ୍ଗୀତରେ ପୂରିଛି । ତେଣୁ ଏ ପୃଥିବୀ ବଡ଼ ସୁଖମୟ । ଆନନ୍ଦରେ ପରର ଉପକାରରେ ଲାଗିପଡ଼ ।

"ମୁଁ ସବୁବେଳେ ଜଗତରେ ଉପକାରରେ ଲାଗିଥାଏଁ ବୋଲି ସମସ୍ତେ ମୋତେ ଆଦର କରନ୍ତି । ତୋର ଗର୍ବ ଗୁଣ ଯୋଗେ ତୁ ଦୁଃଖ କଷ୍ଟ ପାଉ । ଶେଷରେ ତୋର ମରଣ ହୁଏ ।"

କଠିନ ଶବ୍ଦମାନଙ୍କର ଅର୍ଥ—

ମଧୁମକ୍ଷିକା—ମହୁମାଛି; ନିର୍ବୋଧ—ବୋକା; ରୋଳ—ଶବ୍ଦ; ଅପରେ—ଅନ୍ୟମାନେ; ମଧୁ—ମହୁ; ବିଭୋଳ ହେବା—ମାତିଯିବା; ନୀରବରେ—କାହାରିକୁ ନ ଶୁଣାଇ; ବଳୁଛ—ପଡ଼ୁଅଛି; ନିରାପଦ—ଯହିଁରେ ବିପଦ ନ ଘଟେ; ବଲ୍ମୀକ—ଉଇ; ଉତ୍ସେ—ଝରଣା; ଶରଶ—ପ୍ରଫୁଲ୍ଲ; ଝଲେ—ଝିକିଏ; ସ୍ୱାର୍ଥ—ଆପଣାର ଭଲ; ଗ୍ରନ୍ଥ—ପୋଥି; ପ୍ରୀତି—ପ୍ରେମ, ଆଦର; ସୁଧା—ଅମୃତ; ବସୁଧା—ପୃଥିବୀ; ବାଣ୍ଟିଦିଏଁ; ରେଣୁ—ଫୁଲ-ଭିତରେ ଥିବା ଫୁଲପର ଗୁଣ୍ଡ; କୁସୁମ—ଫୁଲ; ଧରା—ପୃଥିବୀ; ହିତ—ମଙ୍ଗଳ; ଅନୁରାଗୀ—ସ୍ନେହୀ; ନିଧନ—ମରଣ ।

ପଦ୍ୟରେ ବ୍ୟବହୃତ କେତେକ ପଦର ଗଦ୍ୟରେ ଆକାର—

ହରଷେ—ହର୍ଷରେ; ଶବଦୁଁ—ଶବ୍ଦରୁ; ବଲମୀକ—ବଲ୍ମୀକ; ପାଶେ—ପାଖକୁ ।

Digitized by srujanika@gmail.com

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—
ନିର୍ବୋଧ—ବୁଦ୍ଧିମାନ୍; ସଞ୍ଚୟ—ଅପଚୟ; ହର୍ଷ—ବିଷାଦ; ସରସ—ନୀରସ; ସ୍ୱାର୍ଥ—ପରାର୍ଥ; ପ୍ରିୟ—ଅପ୍ରିୟ; ଅନୁରାଗୀ—ବିରାଗୀ ।

ସରଳାର୍ଥ—

(କ) ପରହିତ ପାଇଁ.....ଦୁଃଖ ଭୟ । (ପୃ ୩୦ ସ୍ତ୍ରୀ)

ମହୁମାଛି ଫୁଲରୁ ରେଣୁ ଓ ମହୁ ନେଇ ଫେଣାରେ ରଖିଥାଏ । ସେହି ମହୁକୁ ଅନ୍ୟଲୋକେ ନେଇ ଉପକାର ପାଆନ୍ତି । ମହୁମାଛି ଯାହା ସଞ୍ଚୟ କରେ ତାହା ପରଉପକାରରେ ଲାଗେ । ପରର ଉପକାର କରୁଥିବାରୁ ତାର ମନରେ ଆନନ୍ଦ ହୁଏ; ତେଣୁ ସେ ଗୀତ ଗାଏ । ତା ମନରେ ଟିକିଏ ହେଲେ ଦୁଃଖ ବା ଭୟ ନଥାଏ ।

ଯେଉଁ ଲୋକ ପର ଉପକାରରେ ଲାଗିଥାଏ ତା ମନରେ କେବେ ଦୁଃଖ ହୁଏ ନାହିଁ ।

(ଖ) ଢାଳି ଦେଇ ପ୍ରୀତିସୁଧା.....ମୁଁ ହସା (ପୃ ୩୧ ସ୍ତ୍ରୀ)

ମହୁମାଛି ଫୁଲ ପାଖକୁ ମହୁ ଆଣିବାକୁ ଯାଏ । ଫୁଲ ତାକୁ ସତେ ଯେପରି କହେ—ତୁମେ ମୋଠାରୁ ମହୁ ନିଅ । ପୃଥିବୀରେ ଲୋକେ ଏହାକୁ ବ୍ୟବହାରରେ ଲଗାଇବେ । ଏହିପରି ସ୍ନେହ ଦେଖାଇ ତୁମେ ଆନନ୍ଦରେ ଗୀତ ଗାଅ । ମୁଁ ମଧ୍ୟ ଫୁଟିରହି ଲୋକଙ୍କୁ ଆନନ୍ଦ ଦେବି । ତୁମର ଗୀତ ଶୁଣି ଓ ମୋର ଶୋଭା ଦେଖି ପୃଥିବୀର ଲୋକେ ସୁଖ ପାଇବେ ।

ଏଠାରେ ପ୍ରୀତି ବା ସ୍ନେହକୁ ଅମୃତ ସମାନ ବୋଲି କୁହାଯାଇଛି ।

ଫୁଟିଲା ଫୁଲ ହସୁଥିବାପରି ବୋଧହୁଏ ।

(ଗ) କୁସୁମ ସଂଗୀତରବ.......ପରହିତ । (ପୃ ୩୧ ସ୍ତ୍ରୀ)

ମହୁମାଛି ଫୁଲ ପାଖରେ ଗୀତ ଗାଇ ଗାଇ କହୁଥାଏ—ଏ ପୃଥିବୀ

Digitized by srujanika@gmail.com

ଆନନ୍ଦରେ ଭରି । ଏହା ମଧୁର ଗୀତ ଓ ସୁନ୍ଦର ଫୁଲରେ ପୂର୍ଣ୍ଣ ରହିଛି । ଏହି ପୃଥିବୀରେ ରହି ପରର ମଙ୍ଗଳ କରିବାରେ ଲାଗିଥାଅ । ତାହାହେଲେ କୌଣସି ଦୁଃଖ ରହିବ ନାହିଁ । ପୃଥିବୀ ସୁଖମୟ ହେବ ।

ପୁସ୍ତକଗତ ପ୍ରଶ୍ନମାନଙ୍କ ଉତ୍ତର—

୧ । ମହୁମାଛିକୁ ଭଉଁର କହିଲା; "ତୁ ବୃଥା ଗୁଣୁ ଗୁଣୁ ହେଉଥିବାରୁ ଲୋକେ ଜାଣିପାରି ତୋର ମହୁ ନେଇଯାନ୍ତି । ଫୁଲ ଗନ୍ଧରେ ତୁ ସବୁ ଭୁଲିଯାଉ । ତୁ ବୃଥା ଫୁଲରୁ ଫୁଲକୁ ଉଡ଼ୁଥାଉ । ତୋର ମହୁକୁ ତୁ ଭୋଗିପାରୁ ନାହୁଁ ।"

ଭଉଁରକୁ ମହୁମାଛି ଉତ୍ତର ଦେଲା, "ତୁ ସ୍ୱାର୍ଥପର । ନିଜର ଟିକିଏ ସୁବିଧା ପାଇଁ ତୁ ପରର ବହୁତ ଅନିଷ୍ଟ କରୁ । ତୁ କେତେ ସୁନ୍ଦର ଓ କେତେ ମୂଲ୍ୟବାନ୍ ଲଗା କାଟି ନଷ୍ଟ କରିଦେଉ । ତୋର ମନ୍ଦ ସ୍ୱଭାବ ହେତୁ ତୁ କଷ୍ଟ ପାଉ । ଲୋକେ ତୋତେ ମାରି ପକାନ୍ତି । କିନ୍ତୁ ମୁଁ ପରପାଇଁ ମହୁ ସଞ୍ଚୁଥିବାରୁ ମୋ ମନରେ କେବେ ଦୁଃଖ ନାହିଁ । ଫୁଲରୁ ମହୁ ଓ ରେଣୁ ନେଇ ମୁଁ ତାର ବଂଶ ବଢ଼ାଏ । ମୋର ଗୁଣୁ ଗୁଣୁ ସ୍ୱରରେ ଆନନ୍ଦ; ତେଣୁ ମୁଁ ସମସ୍ତଙ୍କଠାରୁ ଆଦର ପାଏଁ ।"

୨ । ମହୁମାଛି ଓ ଭଉଁର କଥାବାର୍ତ୍ତାରେ ମହୁମାଛିର କଥା ଠିକ୍ ଜଣା ଯାଉଅଛି; କାରଣ ସେ ପରର ଉପକାର କରେ ।

୩ । ମହୁମାଛି ଗୋଟିଏ ଫୁଲ ପାଖକୁ ଯାଇ ମହୁ ସଂଗ୍ରହ କଲାବେଳେ ସେହି ଫୁଲର ରେଣୁ ତା ଦେହରେ ଲାଗିଯାଏ । ସେ ଯେତେବେଳେ ପୁଣି ଆଉ ଗୋଟିଏ ଫୁଲ ପାଖକୁ ମହୁ ଆଣିବାକୁ ଯାଏ ଏହି ରେଣୁ ସେହି ଫୁଲମଧ୍ୟରେ ଲାଗିଯାଏ । ଏହିପରି ଗୋଟିଏ ଫୁଲର ରେଣୁ ଅନ୍ୟ ଫୁଲରେ ପଡ଼ିବାଦ୍ୱାରା ଫୁଲରୁ ଫଳ ହୁଏ ।

Digitized by srujanika@gmail.com

ଏହି ଫଳରୁ ପୁଣି ଗଛ ହୋଇ ଫୁଲ ଫୁଟେ । ତେଣୁ ଫୁଲର ବଂଶ ବଢ଼ାଇବାରେ ମହୁମାଛି ସାହାଯ୍ୟ କରେ ।

୪୩ ସରଳାର୍ଥ—(ଗ) ଦେଖ ।

୫ । ସରସ—ନୀରସ । ନିର୍ଜନ ଜୀବନ ବଡ଼ ନୀରସ । ସ୍ୱାର୍ଥ—ପରାର୍ଥ । ମହାପୁରୁଷମାନେ ଆପଣା ଜୀବନକୁ ପରାର୍ଥରେ ଲଗାଇଅନ୍ତି । ନିର୍ବୋଧ— ବୁଦ୍ଧିମାନ୍ । ବୁଦ୍ଧିମାନ୍ ଲୋକେ ଜୀବନର ପ୍ରତି ମୁହୂର୍ତ୍ତକୁ ସତ୍‌କାର୍ଯ୍ୟରେ କଟାନ୍ତି । ଅନନ୍ଦ—ବିଷାଦ । ପୁତ୍ରର ଅସତ୍ ସ୍ୱଭାବ ଦେଖି ପିତା ବିଷାଦରେ କାନ୍ଦିବାକୁ ଲାଗିଲେ । ପ୍ରିୟ—ଅପ୍ରିୟ । ଯେଉଁ ଲୋକ ମଧୁର ବାକ୍ୟ କହେ, ତାର କେହି ଅପ୍ରିୟ ହୋଇ ପାରନ୍ତି ନାହିଁ । ଅନୁରାଗ—ବିରାଗ । ରାଜା ଶୁଦ୍ଧୋଦନ ସିଦ୍ଧାର୍ଥଙ୍କର ସଂସାର ପ୍ରତି ବିରାଗ ଦେଖି ଦୁଃଖିତ ହେଲେ ।

---

(୮) ଔଷଧ ଉଦ୍ଭିଦ

ସାରକଥା—

ଆମ୍ଭେମାନେ ଯେଉଁ ଖାଦ୍ୟ ଖାଉଁ ଓ ଯେଉଁ ଲୁଗା ପିନ୍ଧୁଁ ତାହା ଉଦ୍ଭିଦରୁ ମିଳେ । ରୋଗର ପ୍ରତିକାର ପାଇଁ ମଧ୍ୟ ଆମ୍ଭେମାନେ ଅନେକ ପରିମାଣରେ ଉଦ୍ଭିଦ ଉପରେ ନିର୍ଭର କରୁଁ ।

ଆମ ଦେଶର ମାଆମାନେ ମଧ୍ୟ କେତେକ ଉଦ୍ଭିଦକୁ ଔଷଧ ରୂପେ ବ୍ୟବହାର କରି ଜାଣନ୍ତି । ପିଲାଙ୍କ କୃମିରେ ପୋକସୁଙ୍ଘା ବା ପଣାରୁଣୀ ପତ୍ର ରସ ଦିଆଯାଏ, କାଶ କଫରେ ଅଦା ବା ତୁଳସୀ ପତ୍ରର ରସ ଦିଆଯାଏ । ବୈଜ୍ଞାନିକମାନେ ଉଦ୍ଭିଦମାନଙ୍କରୁ ଅନେକ ପ୍ରକାର ଔଷଧ ବାହାର କରିଅଛନ୍ତି ।

Digitized by srujanika@gmail.com

ଅଷ୍ଟ୍ରେଲିଆରେ ଜନ୍ମୁଥିବା ଇଉକ୍ୟାଲିପଟସ୍ ଗୋଟିଏ ଔଷଧ ବୃକ୍ଷ । ଏହାର ପତ୍ରରୁ ଏକ ପ୍ରକାର ତେଲ ବାହାରେ । ଏହି ତେଲ ଜ୍ୱର ଓ କଫ ରୋଗର ଔଷଧ । ଇଉକାଲିପଟସ୍ ଗଛ ଶହେରୁ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ । ବର୍ଷର ସବୁ ସମୟରେ ଏଥିରେ ପତ୍ର ପଡୁଥାଏ । ଏହାର କାଠ ଦ୍ୱାରା ଘରର ଅସବାବ ତିଆରି ହୁଏ ।

ମେଲେରିଆ ଜ୍ୱରରୋଗରେ କୁଇନାଇନ ବ୍ୟବହାର କରାଯାଏ । କୁଇନାଇନ ସିନ୍‌କୋନା ନାମକ ଏକ ଜାତୀୟ ବୃକ୍ଷରୁ ମିଳେ । ଏହି ବୃକ୍ଷ ଆଗେ ଦକ୍ଷିଣ ଆମେରିକାରେ ଜନ୍ମୁଥିଲା । କୁଇନାଇନ ଏହାର ଛେଲିରୁ ତିଆରି କରାଯାଏ । ସିନ୍‌କୋନା ଗଛ ଖୁବ୍ ଉଚ୍ଚ ହୁଏ । ଏହାର ପତ୍ରର ରଙ୍ଗ ସବୁଜ ।

ଆଜିକାଲି ଭାରତ, ବ୍ରହ୍ମଦେଶ, ସିଂହଳ ଓ ଜାଭାରେ ସିନ୍‌କୋନା ଗଛ ହେଉଛି । ଦକ୍ଷିଣ ଆମେରିକାର ଆଦିମ ଅଧିବାସୀମାନେ ଜ୍ୱର ରୋଗରେ ଏହାକୁ ପ୍ରାଚୀନ କାଳରୁ ବ୍ୟବହାର କରୁଥିଲେ । ଆମେରିକାର ପେରୁ ରାଜ୍ୟର ଶାସନକର୍ତ୍ତାଙ୍କ ସ୍ତ୍ରୀଙ୍କ ନାମ କାଉଣ୍ଟେସ୍ ସିନ୍‌କୋନା । ସେ ଜ୍ୱରରେ ପଡ଼ିଲେ । ଏହି ଗଛର ଛେଲି ଦ୍ୱାରା ସେ ରୋଗରୁ ଭଲ ହେଲେ । ଏହାର ଗୁଣ ଦେଖି ସେ ଏହି ଔଷଧ ଇଉରୋପକୁ ପଠାଇଲେ ଓ ତାଙ୍କ ନାଁ ଅନୁସାରେ ଏହାର ନାଁ ହେଲା 'ସିନ୍‌କୋନା' ।

ଆମେରିକାରେ ସ୍ୱାଇଲବସ୍ ବୋଲି ଗୋଟିଏ ବୁଦା ହୁଏ । ଏହାର ଚେରକୁ ପାଣିରେ ଭିଜାଇଲେ ପାଣିର ରଙ୍ଗ ନାଲି ହୋଇଯାଏ । ଏହି ଚେରର ସ୍ୱାଦ ବଡ଼ କଡ଼ା । ଏହି ଚେରରୁ ଏକପ୍ରକାର ଔଷଧ ହୁଏ । ବାତରୋଗରେ ସେହି ଔଷଧ ଲାଗେ । ଏବେ ପୃଥିବୀର ଅନ୍ୟାନ୍ୟ ଦେଶରେ ସ୍ୱାଇଲବସ୍‌ର ଗଛ ହେଉଛି ।

Digitized by srujanika@gmail.com

ଦେବ ପୂର୍ବେ କେବଳ ଭାରତବର୍ଷରେ ଜନ୍ମୁଥିଲା । ଏବେ ପୃଥିବୀର ଅନେକ ସ୍ଥାନରେ ଏହାର ଚାଷ କରାଯାଉଅଛି । ଏହା ଛଅ ସାତ ଫୁଟ ଯାଏ ଉଚ୍ଚ ହୁଏ । ଏହାର ତେଲ ଔଷଧ ରୂପେ ବ୍ୟବହାର କରାଯାଏ । ତା ଛଡ଼ା ଦୀପ ଜାଳିବାରେ, ରଙ୍ଗ କରିବାରେ, କଳ କବ୍‌ଜାରେ ମଧ୍ୟ ଜଡ଼ା ତେଲର ବ୍ୟବହାର ହୁଏ ।

ଅଫିମ ଏକପ୍ରକାର ଉଦ୍ଭିଦରୁ ମିଳେ । ନିଶାରୂପେ ଅନେକ ଅଫିମ ବ୍ୟବହାର କରନ୍ତି । ଏପରି କଲେ ଘୋର କ୍ଷତି ଘଟେ । ଅଫିମ ମାଦକ ଦ୍ରବ୍ୟ ହେଲେହେଁ ଔଷଧରୂପେ ବ୍ୟବହାର କରାଯାଏ । ତେଣୁ ଭାରତ ଓ ଅନ୍ୟ କେତେକ ଦେଶର ସରକାର ଏହାର ଚାଷ କରନ୍ତି । ଅଫିମ ମଞ୍ଜିରୁ ଏକପ୍ରକାର ତେଲ ବାହାରେ ଓ ଏହି ତେଲ ଲୋକେ ଖାଦ୍ୟରେ ବ୍ୟବହାର କରନ୍ତି ।

କର୍ପୂର ଗଛ ଭାରତ, ଚୀନ, ଜାପାନ ପ୍ରଭୃତି ଦେଶରେ ହୁଏ । ଏହାର କାଠକୁ ଖଣ୍ଡ ଖଣ୍ଡ କରି ପାଣିରେ ସିଝାଇଲେ ସେଥିରୁ କର୍ପୂର ତେଲ ବାହାରେ । ଏହି ତେଲ କଠିନ ହେଲେ ତାକୁ କର୍ପୂର କହନ୍ତି ।

ଆମେରିକାର ପେରୁ ଓ ବୋଲିଭିଆ ରାଜ୍ୟରେ କୋକେ ଗଛ ହୁଏ । ଏହାର ଫଳରୁ କୋକେନ ତିଆରି ହୁଏ । ଅଫିମ ପରି ଏହା ଗୋଟିଏ ମାଦକ ଦ୍ରବ୍ୟ । କିନ୍ତୁ ଏହାକୁ ପ୍ରୟୋଗ କଲେ କେତେକ ସମୟ ପାଇଁ ଅନୁଭବ ଶକ୍ତି ରହୁ ନ ଥିବାରୁ ଡାକ୍ତରମାନେ ଅସ୍ତ୍ରୋପଚାର ପାଇଁ ଏହାକୁ ବ୍ୟବହାର କରନ୍ତି । ନିଶାରୂପେ ଏହାକୁ ବ୍ୟବହାର କଲେ ମନୁଷ୍ୟର ଘୋର ଅନିଷ୍ଟ ହୁଏ ।

ଏହିପରି ଅନେକ ପ୍ରକାର ଗଛ ଔଷଧ ରୂପେ ବ୍ୟବହୃତ ହେଉଅଛି । ବୈଜ୍ଞାନିକମାନେ ଗଛମାନଙ୍କ ଗୁଣ ପରୀକ୍ଷା କରି ନୂଆ ନୂଆ ଔଷଧ ମଧ୍ୟ ବାହାର କରୁଅଛନ୍ତି ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ—

ପରିଧାନ—ପିନ୍ଧିବା; ଅଦ୍ଭୁତ—ଆଶ୍ଚର୍ଯ୍ୟ; ଅଶିକ୍ଷିତ—ଶିକ୍ଷା ପାଇ ନ ଥିବା; ରୁଗ୍ଣ—ରୋଗୀ; ବୈଜ୍ଞାନିକ—ବିଜ୍ଞାନ ଜାଣିଥିବା ଲୋକ; ଉପାଦେୟ—ଉତ୍କୃଷ୍ଟ; ଅଜ୍ଞାତ—ଅଜଣା; ମଣ୍ଡିତ—ଶୋଭିତ; ଉପକରଣ—ଆସବାବ, ଖଟ ଓ ଟେବୁଲ ପ୍ରଭୃତି; ବଳ୍କଳ—ଛେଲି; ମୃତ୍ତିକା—ମାଟି; ତାରତମ୍ୟ—ପ୍ରଭେଦ; ଶୁଭ୍ର—ଧଳା; ପେରୁ—ଦକ୍ଷିଣ ଆମେରିକାର ଗୋଟିଏ ରାଜ୍ୟ; ପ୍ରଚଳିତ ହେଲା—ଚଳିଲା; ଏରଣ୍ଡ—ଗବ ବା ଜଡ଼ା; ଉତ୍ପାଦିତ—ଜାତ; ବାସଗୃହ—ରହିବା ଘର; ସଂଲଗ୍ନ—ଲଗିଥିବା; ଶୋଭାବର୍ଦ୍ଧନକାରୀ—ଯେ ଶୋଭାକୁ ବଢ଼ାଏ; ଏରଣ୍ଡତୈଳ—ଜଡ଼ାତେଲ; ସ୍ୱଚ୍ଛ—ନିର୍ମଳ; ସନା;—ବଦଳିଆ; ଅହିଫେନ—ଅଫିମ; ପ୍ରସ୍ତୁତ—ଯତେଷ୍ଟ; ଅମଙ୍ଗଳ—ଅପକାର; ସୁମିଷ୍ଟ—ଖୁବ୍ ମିଠା; ନିର୍ଗତ ହୁଏ—ବାହାରେ; ବୋଲିଭିଆ—ଦକ୍ଷିଣ ଆମେରିକାର ଏକ ପ୍ରଦେଶ; ମାଦକ—ନିଶା; ଦୁଃସାଧ୍ୟ—କଷ୍ଟକର; ଅସ୍ତ୍ର ଚିକିତ୍ସା;—ଶରୀରର କୌଣସି ଅଂଶ କାଟି ରୋଗ ଦୂର କରିବା; ଗବେଷଣା—ଆଲୋଚନା; ନବ—ନୂଆ;

ଟିପ୍ପଣୀ—

ଚିକିତ୍ସା ପ୍ରଣାଳୀ—ମନୁଷ୍ୟର କୌଣସି ରୋଗ ହେଲେ ଔଷଧ ଦେଇ ତାକୁ ଭଲ କରିବା ପାଇଁ ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ଉପାୟ କରିଥାନ୍ତି । ଏହାର ଫଳରେ ପୃଥିବୀରେ ଅନେକ ପ୍ରକାରର ଚିକିତ୍ସା ବାହାରି ଅଛି । ଏଗୁଡ଼ିକ ବିଭିନ୍ନ ଚିକିତ୍ସାପ୍ରଣାଳୀ । ଆୟୁର୍ବେଦ ପ୍ରଣାଳୀର ଚିକିତ୍ସା ଆମ ଦେଶରେ ବହୁକାଳରୁ ଚଳି ଆସୁଅଛି । ଇଉନାନୀ, ଜର୍ମାନମାନଙ୍କ ହୋମିଓପାଥି, ଏଲୋପାଥି ପ୍ରଭୃତି ବିଭିନ୍ନ ଚିକିତ୍ସା ପ୍ରଣାଳୀ ।

Digitized by srujanika@gmail.com

ସଦାଶ୍ୟାମଳ—କେତେକ ଗଛର ପତ୍ର ବସନ୍ତ ଋତୁ ଆଗରୁ ପାଚି ଝଡ଼ି ପଡ଼େ; ପୁଣି ନୂଆପତ୍ର କଅଁଳେ । ଆମ ଦେଶର ବର ଅଶ୍ୱତ୍ଥ ପ୍ରଭୃତି ଗଛର ଏହିପରି ହୁଏ । ଆଉ କେତେକ ଗଛର ପତ୍ର ଏପରି ଝଡ଼ି ପଡ଼େ ନାହିଁ । ବର୍ଷର ସବୁ ସମୟରେ ସେଥିରେ ଶାଗୁଆ ପତ୍ର ରହିଥାଏ । ଆମ ଦେଶର ବଉଳଗଛ ଏହାର ଉଦାହରଣ । ଏପରି ଗଛର ପତ୍ର ସର୍ବଦା ସବୁଜ ଥାଏ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଦୁଃସାଧ୍ୟ—ସୁସାଧ୍ୟ; ଶୀତଳ—ଗରମ, ଉତ୍କୃଷ୍ଟ—ନିକୃଷ୍ଟ; ଶିକ୍ଷିତା—ଅଶିକ୍ଷିତା; ରୁଗ୍ଣ—ସୁସ୍ଥ; ସ୍ଥାୟୀ—ଅସ୍ଥାୟୀ; ବହୁଳ—ସ୍ୱଳ୍ପ; କଠିନ—ତରଳ ।

ଲିଙ୍ଗ ପରିବର୍ତ୍ତନ—

ଅଶିକ୍ଷିତ—ଅଶିକ୍ଷିତା; ଜନକ—ଜନନୀ, ରୁଗ୍ଣ—ରୁଗ୍ଣା; କାଉଣ୍ଟ—କାଉଣ୍ଟେସ୍ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । (ସାରକଥା ଦେଖ)

୨ । କର୍ପୂର ଗଛର କାଠକୁ ଛୋଟ ଛୋଟ କରି କାଟି ପାଣିରେ ସିଝା ଯାଏ । ଖୁବ୍ ସିଝିଗଲେ ପାଣିରେ ଏକପ୍ରକାର ତେଲ ଭାସି ଉଠେ । ଏହାକୁ କର୍ପୂର ତେଲ କୁହାଯାଏ । କର୍ପୂର ତେଲ ଶୀତଳ ହୋଇଗଲେ କଠିନ ହୋଇଯାଏ । ଏହାହିଁ କର୍ପୂର ।

କର୍ପୂର ସୁଗନ୍ଧ ଦ୍ରବ୍ୟ ହୋଇଥିବାରୁ ଏହାକୁ ଧୂପରେ ବ୍ୟବହାର କରାଯାଏ । କେତେକ ଏହାର ମାଳା ବ୍ୟବହାର କରନ୍ତି ।

୩ । ଅଫିମ, କୋକ୍‌କା, ଟବେକୋ ପ୍ରଭୃତି ଗଛ ଔଷଧ ରୂପେ ମନୁଷ୍ୟର ଉପକାର କରିଥାନ୍ତି, କିନ୍ତୁ ମାଦକ ଦ୍ରବ୍ୟ ରୂପେ ଅପକାର ମଧ୍ୟ କରିଥାନ୍ତି ।

Digitized by srujanika@gmail.com

୪ । (କ) ଉତ୍କାଳପଟସ୍ ଗଛର କାଠରୁ ମଧ୍ୟ ଶୁଦ୍ଧ ଉପକରଣ ପ୍ରସ୍ତୁତ ହୁଏ ।

(ଖ) ଏରଣ୍ଡ ବୀଜର ତୈଳ କଳ ଚଳାଇବାରେ ବ୍ୟବହୃତ ହୁଏ ।

(ଗ) କୋକେନ୍ ପ୍ରୟୋଗ କରି ଅସ୍ତ୍ର ଚିକିତ୍ସା କରାଯାଏ ।

---

(୯) ଭୂତ-ଉପାଖ୍ୟାନ

ସାରକଥା—

ଗୋଟିଏ ଆଶ୍ରମରେ ଜଣେ ଋଷି ଥିଲେ । ଅନେକ ଶିଷ୍ୟ ତାଙ୍କ ପାଖକୁ ଆସି ପାଠ ପଢ଼ନ୍ତି । ସେମାନଙ୍କ ଭିତରୁ ଜଣେ ପ୍ରତ୍ୟହ ଡେରି କରି ଆସୁଥିବାରୁ ଋଷି ଏହାର କାରଣ ପଚାରିଲେ । ସେ କହିଲା, "ମୁଁ ଆସିବା ବାଟରେ ଗୋଟାଏ ବଡ ବରଗଛ ପଡ଼େ । ସେଥିରେ ଗୋଟାଏ ବ୍ରହ୍ମଦୈତ୍ୟ ଅଛି । ମୁଁ ବରଗଛ ପାଖରେ ପହଞ୍ଚିଲାକ୍ଷଣି ସେ ବିକଟାଳ ମୁହଁ କରି ମୋତେ ଡରାଏ; ଧରିବାକୁ ହାତ ବଢ଼ାଏ । ଏହାପରି ସେ ଅନେକ ଲୋକଙ୍କୁ ମାରିଅଛି ଓ କେତେ ଲୋକ ଭୟରେ ମୂର୍ଚ୍ଛା ହୋଇ ପଡ଼ିଯିବାର ମୁଁ ଶୁଣିଛି । ତାହାହେଲେ ମୁଁ ଭୟ ନ କରି ଗୋଟାଏ ବଙ୍କାବାଟରେ ବୁଲି ବୁଲି ଆସେ । ତେଣୁ ଡେରି ହୋଇଯାଏ ।"

ଋଷି ତାଙ୍କ ହୋମକୁଣ୍ଡରୁ କିଛି ପାଉଁଶ ଆଣି ସେଥିରେ ଘିଅ ମିଶାଇ ଦେଲି ଗୋଟିଏ ଲେପ ତିଆରି କରି ଶିଷ୍ୟକୁ ଦେଇ କହିଲେ, "ଏ ଲେପକୁ ମୁଁ ମନ୍ତ୍ର କରିଛି । ଏହାକୁ ନିଅ । ସେ ବାଟରେ ଆସିଲା ବେଳେ ଏହାକୁ ଦୁଇହାତ ପାପୁଲିରେ ବୋଳି ହୋଇ ଆସିବ ।

Digitized by srujanika@gmail.com

ବ୍ରହ୍ମଦୈତ୍ୟ ତୁମକୁ ଧରିବାକୁ ଆସିଲ ବେଳେ ତା ଦୁଇ ଗାଲରେ ଗୃପୁଡ଼ା ହେବ ।"

ତା' ଆର ଦିନ ଶିଷ୍ୟ ସେହିପରି କଲା । ଯେତେବେଳେ ସେ ବ୍ରହ୍ମଦୈତ୍ୟକୁ ଗୃପୁଡ଼ା ଦେଲା, ଦେଖି ପାରିଲା ଯେ ସେ କୁଆଡ଼େ ଗୁଲି ଯାଇଛି । ଶିଷ୍ୟ ଋଷିଙ୍କ ଲେପର ପ୍ରଶଂସା କରି ଆଶ୍ରମରେ ପହଞ୍ଚିଲା ଓ ଗୁରୁଙ୍କୁ ସବୁ କଥା କହିଲା । ଗୁରୁ ତା ମୁହଁ ଆଗରେ ଗୋଟିଏ ଦର୍ପଣ ଧରିଲେ । ଶିଷ୍ୟ ଦେଖିଲା ଯେ ଗୃପୁଡ଼ା ତା'ର ଗାଲରେ ବସିଛି ।

ଋଷି ବୁଝାଇ ଦେଲେ ଯେ ବ୍ରହ୍ମଦୈତ୍ୟ କିଛି ନୁହେଁ; କେବଳ ତାର ନିଜ ଛାଇ । ଯାହାର ମନ ଟାଣ ନୁହେ ସେମାନେ ବ୍ରହ୍ମଦୈତ୍ୟ ବିଷୟରେ ଗୋଟାଏ ଧାରଣା କରି ନେଇ ଭୟରେ ମୂର୍ଚ୍ଛା ଯାନ୍ତି; କେହି କେହି ଅବା ମରିଯାନ୍ତି । ଏପରି ହେବାର ମୂଳ କାରଣ ମନର ଭୟ ।

ଋଷି ଯେଉଁ ଲେପ ଦେଇଥିଲେ ସେଥିରେ କିଛି ମନ୍ତ୍ରର ବଳ ନ ଥିଲା ।

ଶିଷ୍ୟଙ୍କର ବ୍ରହ୍ମଦୈତ୍ୟ ଭୟ ସେଦିନୁଁ ଛାଡ଼ିଗଲା ।

କଠିନ ଶବ୍ଦମାନଙ୍କର ଅର୍ଥ—

ଉପାଖ୍ୟାନ—ଗଳ୍ପ; ବଟବୃକ୍ଷ—ବରଗଛ; ବ୍ରହ୍ମଦୈତ୍ୟ—ଏକ ଜାତିର ଭୂତ; ମୂର୍ଚ୍ଛିତ—ଅଚେତ; ବିକଟରୂପୀ—ଭୟଙ୍କର ଆକାର ଧରିଥିବା; ପଥରୋଧ—ବାଟ ନ ଛାଡ଼ିବା; କରାଳ—ଭୟଙ୍କର; ସ୍ପର୍ଶ—ଛୁଇଁବା; ମନ୍ତ୍ରପୂତ—ମନ୍ତ୍ର କରାଯାଇ ପବିତ୍ର ହୋଇଥିବା; ଲେପନ କରି—ଲେପି, ବୋଳିହୋଇ; ଉପ୍ଲ—ପାଉଁଶ; ଅନୁଯାୟୀ —ଅନୁସାରେ; ବିସ୍ମିତ—ଆଶ୍ଚର୍ଯ୍ୟ; ଅଦୃଶ୍ୟ ହେବା—ଦେଖା ନ ଯିବା; ସମକ୍ଷରେ—ଆଗରେ; ସମ୍ମୁଖରେ—ମୁହଁ ପାଖରେ; ପ୍ରତିବିମ୍ବ

Digitized by srujanika@gmail.com

—ଛାଇ; ଚକାର—ଭାତ; ଗଣ୍ଡଦେଶ—ଗାଲ; ଉମ୍ବଦଲେପିତ—ଘାଁଉଁଶ ଦ୍ୱାରା ବୋଳା; ଛାୟା—ଛାଇ; ଦୁର୍ବଳ ଚିତ୍ତ—ଯାହାଙ୍କ ମନ ଦୃଢ ନୁହେଁ; ପ୍ରକୃତି—ସ୍ୱଭାବ; କାତର—ଅଥୟ; ବାସ୍ତବରେ—ପ୍ରକୃତରେ ।

ଟିପ୍ପଣୀ—

ବ୍ରହ୍ମଗୃହୀ—ପୂର୍ବ କାଳରେ ଛାତ୍ରମାନେ ବିବାହ ନ କରି ଗୁରୁଙ୍କ ପାଖେ ବେଦ ପୁରାଣ ପ୍ରଭୃତି ଶିଖୁଥିଲେ । ସେମାନଙ୍କୁ ବ୍ରହ୍ମଗୃହୀ କୁହାଯାଉଥିଲା ।

ବ୍ରହ୍ମଦୈତ୍ୟ—ଲୋକଙ୍କର ଗୋଟିଏ ଭୁଲ ଧାରଣା ଅଛି ଯେ କୌଣସି ବ୍ରାହ୍ମଣର ମୃତ୍ୟୁ ପରେ ଯେବେ ଶୁଦ୍ଧି ଶ୍ରାଦ୍ଧ କରା ନ ଯାଏ ତେବେ ସେ ଭୂତ ହୋଇ କୌଣସି ଗଛରେ ରହେ । ତାକୁ ବ୍ରହ୍ମଦୈତ୍ୟ କହନ୍ତି । ପ୍ରକୃତରେ କୌଣସି ବ୍ରହ୍ମଦୈତ୍ୟ ନାହିଁ ।

ମନ୍ତ୍ରପୂତ—ଋଷିମାନେ ମନ୍ତ୍ରବଳରେ ଅଦ୍ଭୁତ କାମ କରି ପାରୁଥିଲେ । ସେମାନେ ଯେଉଁ ପଦାର୍ଥକୁ ମନ୍ତ୍ର କରି ଦିଅନ୍ତି ତାର ଅଦ୍ଭୁତ ଗୁଣ ହୁଏ । ଯେଉଁ ଜିନିଷକୁ ମନ୍ତ୍ର କରା ଯାଇଥାଏ ତାହା 'ମନ୍ତ୍ରପୂତ' ବୋଲି କୁହାଯାଏ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ମୋ ମନରେ ଭୂତର ଭୟ ଅଛି । ମୁଁ ପିଲାଦିନୁଁ ବାପ ମାଆଙ୍କଠାରୁ ଓ ଆଉ କେତେ ଲୋକଙ୍କଠାରୁ ଶୁଣିଛି ଯେ ଭୂତ ଅଛନ୍ତି । ସେମାନେ କେବଳ ରାତିରେ ବାହାରନ୍ତି; ଢାହାବଳୁ ଏକୁଟିଆ ଦେଖିଲେ ମାରି ପକାନ୍ତି । ଆମ ଗାଁଠାରୁ କିଛି ଦୂରରେ ଗୋଟାଏ ବଡ଼ ବରଗଛରେ ଭୂତ ଅଛି ବୋଲି ମୁଁ ଶୁଣିଛି । ଥରେ ରାତିରେ ମୁଁ ବାହାରକୁ ଯାଇଥିଲି । ବରଗଛ ମୂଳରେ ଗୋଟାଏ କାଳିଆ ମଣିଷ ପରି କିଏ ଠିଆ ହୋଇଥିଲା । ଲୋକଟା ୮ । ୧୦

Digitized by srujanika@gmail.com

ହାତ ଝଡ଼ି ହେବ । ସେ ନିଶ୍ଚୟ ସେହି ଭୂତ । ମଣିଷ ଏତେ ଡେଙ୍ଗା ହୁଅନ୍ତା କିପରି ? ରାତିରେ ଗଛମୂଳକୁ ଯାଆନ୍ତା କାହିଁକି ? ମୁଁ ସେଠାକୁ ଯାଇଥିଲେ ମୋତେ ମାରି ପକାଇଥାନ୍ତା ।

ଅଥବା

ମୋ ମନରେ ଆଦୌ ଭୂତ ଭୟ ନାହିଁ । ସମସ୍ତେ ଭୂତ ଭୂତ କହନ୍ତି । ମୁଁ କେବେ ଭୂତ ଦେଖି ନାହିଁ, ତାହା ବିଶ୍ୱାସ କରିବି କିପରି ? ସମସ୍ତେ କହନ୍ତି—ଆମ ଗାଁ ମଶାଣି ପାଖ ବରଗଛରେ ବହୁତ ଭୂତ ଅଛନ୍ତି । ରାତିରେ ସମସ୍ତେ ବାହାରି ମଶାଣିରେ ବୁଲନ୍ତି । କଥାଟା ସତ କି ମିଛ ଜାଣିବା ପାଇଁ ମୁଁ ଥରେ ଗୋଟାଏ ଟର୍ଚ୍ଚ ଲାଇଟ ଧରି ମଶାଣିକୁ ଯାଇଥିଲି । କୌଣସିଠାରେ ଭୂତ ଦେଖିଲି ନାହିଁ । ଗଛ ଉପରକୁ ମଧ୍ୟ ଟର୍ଚ୍ଚ ଆଲୁଅ ପକାଇଲି । ଭୂତ ଥିଲେ ଦେଖା ମିଳିଥାନ୍ତା । ମୁଁ ଭୂତକୁ ବିଶ୍ୱାସ କରେ ନାହିଁ, ଭୟ କରିବି କାହିଁକି ?

୨ । (ସାରକଥା ଦେଖ ।)

୩ । ସମକ୍ଷ=ଆଖି ଆଗରେ; ସମ୍ମୁଖ=ମୁହଁ ପାଖରେ ।

ଶିଷ୍ୟ ଗୁରୁଙ୍କ ସମକ୍ଷରେ ଠିଆ ହୋଇ ରହିଲା ।

ସମ୍ମୁଖରେ ଦର୍ପଣ ଧରିଲେ ସେଥିରେ ମୁହଁର ପ୍ରତିବିମ୍ବ ପଡ଼େ ।

୪ । (କ) ଲୋକମାନେ ନାଆରେ ନଦୀ ପାରି ହୁଅନ୍ତି ।

(ଖ) ମୁଁ ଛୁରୀରେ ଆମ୍ବ କାଟିଲି ।

(ଗ) ତନ୍ତୀମାନେ ସୂତାରେ ଲୁଗା ବୁଣନ୍ତି ।

———

Digitized by srujanika@gmail.com

(୧୦) ଉଦ୍ୟମ

ସାରକଥା—

ଯେଉଁ ଲୋକର ସାହସ ଅଛି, ଯେ ବୀର, ସେ ସବୁବେଳେ ଚେଷ୍ଟା କରୁଥାଏ । ଯେ ଭୟାଳୁ, ଅଧମ ସେ ଚେଷ୍ଟା ନ କରି କହେ, "ମୋ ଭାଗ୍ୟରେ ନାହିଁ ।" ଯେ ଅଳସୁଆ ସେ ସବୁଥିରେ ବିଫଳ ହୋଇ କପାଳକୁ ନିନ୍ଦା କରେ; କିନ୍ତୁ ଯେ ଉଦ୍ୟମୀ ଓ ପରିଶ୍ରମୀ ସେ ମନେ କରେ ଯେ ପରିଶ୍ରମରୁ ସବୁ ମିଳିବ । ଅଳସୁଆ ଲୋକର ହାତ, ଗୋଡ଼, ଆଖି, କାନ ସବୁ ଥିଲେ କଅଣ ହେବ ସେ ଏମାନଙ୍କୁ କାମରେ ଲଗାଏ ନାହିଁ । ମଲା ଲୋକର ହାତ ଗୋଡ଼ ପରି ହାତ ଗୋଡ଼ ଥାଇ ନଥିଲା ପରି । ପରିଶ୍ରମହିଁ ସବୁ ସୁଖର ମୂଳ କାରଣ । ଏହି କଥାକୁ ପିଲାମାନେ ସବୁବେଳେ ମନେ ରଖିବା ଉଚିତ । ବୁଢ଼ିଆଣୀ ତାର ଜାଲଟି ତିଆରି କରିବାକୁ କେତେ ପରିଶ୍ରମ ନ କରେ ? ଭାଇ, ମଣିଷମାନଙ୍କ ଭଳି ସାମାନ୍ୟ ପ୍ରାଣୀ ମଧ୍ୟ ପରିଶ୍ରମର ଗୁଣ ଜାଣନ୍ତି । ସେମାନେ ଫଳ ପାଇବା ପାଇଁ ସବୁବେଳେ ଚେଷ୍ଟାରେ ଲାଗିଥାନ୍ତି । ପିଲାମାନେ ଯେବେ ଏହି ସମସ୍ତଙ୍କ ଉଦ୍ୟମ କରି ଶିଖିବେ ତେବେ ସେମାନେ ଜୀବନରେ ସୁଖ ପାଇବେ ।

କଠିନ ଶବ୍ଦର ଅର୍ଥ—

ଉଦ୍ୟମ—ଚେଷ୍ଟା; ହୀନ—ନୀଚ, ଛୋଟ; ନରାଧମ—ମନୁଷ୍ୟଙ୍କ ଭିତରେ ଅଧମ; ଦାସ—ଚାକର; ଉଦ୍ୟତ—ପରିଶ୍ରମୀ; ନିରୁଦ୍ୟମ—ଯେ ଉଦ୍ୟମ କରେ ନାହିଁ; ମୃତ୍ୟୁସମ—ମଲାପରି; ନିହିତ—ଅବସ୍ଥିତ; ଶିଶୁକୁଳ—ଶିଶୁଗଣ, ପିଲାମାନେ; ଆଜୀବନ—ଜୀବନ ଥିବା ଯାକେ; ପରମ—ଶ୍ରେଷ୍ଠ ।

Digitized by srujanika@gmail.com

ଲିଙ୍ଗ ପରିବର୍ତ୍ତନ—

ସାହସୀ—ସାହସିନୀ; ବୀର—ବୀର; ଦାସ—ଦାସୀ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ସାହସୀ—ଭୀରୁ; ଆଳସ୍ୟ—ଉଦ୍ୟମ; ମୃତ—ଜୀବିତ; ସତ୍ୟ—ମିଥ୍ୟା ।

ସରଳାର୍ଥ—

(କ) ହସ୍ତପଦ,ଚକ୍ଷୁ······ପାଶେ ତା ବିଫଳ । (ପୃ ୪୧ ସ୍ଥା)

ଯେଉଁ ଲୋକ ଅଳସୁଆ ତାର ହାତ, ଗୋଡ଼, ଆଖି, କାନ ସବୁ ଥିଲେ ସୁଦ୍ଧା ସେ ଏ ସବୁକୁ କାମରେ ଲଗାଏ ନାହିଁ । ମଲାଲୋକର ହାତ, ଗୋଡ଼, ଆଖି, କାନ ପ୍ରଭୃତି ଥାଏ । କିନ୍ତୁ ମଲାଲୋକ ଏ ସବୁକୁ ଚଳାଇ ପାରେ ନାହିଁ କି କିଛି କାମ କରିପାରେ ନାହିଁ । ଅଳସୁଆ ଲୋକର ହାତ ଗୋଡ଼ ଆଖି କାନ ମଲା ଲୋକର ହାତ ଗୋଡ଼ ଆଖି କାନ ସଙ୍ଗେ ସମାନ ।

(ଖ) ନିହିତ ସକଳ ସୁଖ ଉଦ୍ୟମର ମୂଳେ । (ପୃ ୪୧ ସ୍ଥା ।)

ସଂସାରରେ ସମସ୍ତେ ସୁଖ ଚାହାନ୍ତି; କିନ୍ତୁ ସମସ୍ତେ ସୁଖ ପାଇ ପାରନ୍ତି ନାହିଁ । ଯେଉଁମାନେ ଉଦ୍ୟମୀ, ଯେଉଁମାନେ ପରିଶ୍ରମ କରିବାକୁ ପଛାନ୍ତି ନାହିଁ କେବଳ ସେହିମାନେ ସୁଖ ପାଆନ୍ତି । ଅଳସୁଆ ଲୋକେ ଚେଷ୍ଟା କରନ୍ତି ନାହିଁ । ଫଳରେ ସେମାନେ ଜୀବନରେ ଦୁଃଖ ପାଆନ୍ତି । ଏଥିରୁ ଜଣାପାଉଛି ଯେ ଉଦ୍ୟମ କଲେ ନିଶ୍ଚୟ ସବୁ ପ୍ରକାର ସୁଖ ମିଳି ପାରିବ ।

(ଗ) ଅଳସ୍ୟର ଦାସ ମାରେ······ଉଦ୍ୟମରୁ ଜାତ (ପୃ ୪୧ ସ୍ଥା)

ପୃଥିବୀରେ ଦୁଇ ପ୍ରକାର ଲୋକ ଦେଖାଯାନ୍ତି । ଗୋଟିଏ ଶ୍ରେଣୀର ଲୋକ ଅଳସୁଆ । ସେମାନେ କୌଣସି ପରିଶ୍ରମ କରିବାକୁ ଚାହାନ୍ତି ନାହିଁ; ଫଳରେ ସେମାନେ ଯାହାସବୁ ପାଇବାକୁ ଇଚ୍ଛା କରନ୍ତି

Digitized by srujanika@gmail.com

ସେଥିରୁ କିଛି ପାଆନ୍ତି ନାହିଁ । ସବୁ ଭାଗ୍ୟର ଦୋଷ କହି ସେମାନେ କପାଳରେ ହାତ ଦଅନ୍ତି ।

ଅନ୍ୟ ଶ୍ରେଣୀର ଲୋକେ ଫଳ ଲାଭ କରିବା ପାଇଁ ଯଥେଷ୍ଟ ଉଦ୍ୟମ କରନ୍ତି । ସେମାନେ ଜାଣନ୍ତି ଉଦ୍ୟମ ନ କଲେ ଜଗତରେ କେବେ ହେଲେ ଫଳ ମିଳେ ନାହିଁ । ମନୁଷ୍ୟର ସବୁ ସୁଖର ମୂଳ କାରଣ ହେଉଛି ଉଦ୍ୟମ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

କୌଣସି ବିଷୟରେ ଫଳ ଲାଭ କରିବା ପାଇଁ ଚେଷ୍ଟାକୁ ଉଦ୍ୟମ କୁହାଯାଏ ।

ମନେକର ଗଛରେ ଆମ୍ବ ପାଚିଛି । ମୁଁ ତାକୁ ଖାଇବାକୁ ଚାହେଁ । ମୁଁ ଗଛମୂଳେ ଖାଲି ଠିଆ ହୋଇ ଚାହିଁ ରହିଲେ ଆମ୍ବ ମୋ ପାଟିକି ଆସିବ ନାହିଁ । ମୋତେ ଉଦ୍ୟମ କରିବାକୁ ହେବ ଅର୍ଥାତ୍ ଗଛରେ ଚଢ଼ି ଆମ୍ବଟି ଆଣି ପାଟିରେ ପୂରାଇ ଖାଇବାକୁ ହେବ ।

ଜଣେ ଛାତ୍ର ପରୀକ୍ଷାରେ ପାସ୍ କରିବାକୁ ଇଚ୍ଛା କରେ । ସେଥିପାଇଁ ତାକୁ ପରିଶ୍ରମ କରି ପଢ଼ିବାକୁ ହେବ । ଯେଉଁ ବିଷୟରେ ସେ ଦୁର୍ବଳ ସେ ବିଷୟରେ ବେଶୀ ମନୋଯୋଗ ଦେବ । ତାହାହେଲେ ସେ ପାସ କରିପାରେ । ତାର ଏହି ଚେଷ୍ଟାକୁ ଉଦ୍ୟମ କୁହାଯିବ ।

୨ । ଇତର ଜୀବଙ୍କଠାରେ ଅମ୍ଭେମାନେ ଉଦ୍ୟମର ଉଦାହରଣ ଦେଖୁ । ସାମାନ୍ୟ ଉଇ ଦାନବ୍ରତ ଲାଗି ମୁହଁରେ ଗୋଟିଏ ଗୋଟିଏ ଧୂଳି ବୋହି ନେଇ ତାର ହୁଙ୍କାଟି ତିଆରି କରେ । ବୁଢ଼ିଆଣୀ ବହୁତ ପରିଶ୍ରମ କରି ତାର ଜାଲ ବୁଣେ । ମହୁମାଛି ସେହିପରି ଫୁଲରୁ ଫୁଲକୁ ଉଡ଼ି ବୁଲି ଲେଖାଏଁ ମହୁ ନେଇ ତାର ଫେଣାରେ ସଞ୍ଚୟ କରେ । ଏତେ ଛୋଟ ଜୀବମାନେ ମଧ୍ୟ ଉଦ୍ୟମଦ୍ୱାରା ନିଜ

Digitized by srujanika@gmail.com

ନିଜର ଉଦ୍ଦେଶ୍ୟ ସାଧନ କରିବାରେ ଅମ୍ଭେମାନେ ଦେଖୁ । ସେମାନଙ୍କ ଠାରୁ ଉଦ୍ୟମ କରିବାକୁ ଶିକ୍ଷା ମିଳେ ।

କୌଣସି କାର୍ଯ୍ୟ ବାରମ୍ବାର କଲେ ତାହା କରିବାକୁ ବେଶି କଷ୍ଟ ହୁଏ ନାହିଁ । ପ୍ରଥମେ ସେ କାମ ପ୍ରତି ଯେତେ ମନୋଯୋଗ ଦେବାକୁ ପଡ଼େ, ପରେ ସେତେ ଦେବା ଦରକାର ହୁଏ ନାହିଁ । ସେତେବେଳେ କାମଟି ଅଭ୍ୟାସରେ ପଡ଼ିଗଲାଣି ବୋଲି କୁହାଯାଏ ।

କିନ୍ତୁ ଉଦ୍ୟମ ହେଉଛି ଫଳଲାଭ ପାଇଁ ଚେଷ୍ଟା । ଉଦ୍ୟମ ଅଭ୍ୟାସ ନୁହେଁ; କିନ୍ତୁ ଅଭ୍ୟାସ ଗଠନରେ ଉଦ୍ୟମ ସାହାଯ୍ୟ କରେ ।

୩ । ଉଦ୍ୟମ—(ବିଶେଷ୍ୟ) ଉଦ୍ୟତ (ବିଶେଷଣ) । ବ୍ୟାଧ ହରିଣକୁ ଶର ମାରିବାକୁ ଉଦ୍ୟତ ହେଲାବେଳେ ତାର ପାଦକୁ ଗୋଟିଏ ସାପ କାମୁଡ଼ି ଦେଲା । ଜୀବନ—(ବିଶେଷ୍ୟ) ଜୀବିତ (ବିଶେଷଣ) । ହରିହର ତାର ପିତାଙ୍କ ଜୀବିତ ସନ୍ତାନମାନଙ୍କ ମଧ୍ୟରେ ଜ୍ୟେଷ୍ଠ ।

୪ । ବୀର—ଶକ୍ତିଶାଳୀ, ପରାକ୍ରମୀ । ସାହସୀ—ଯାହାଠାରେ ସାହସ ବା ଉତ୍ସାହ ଥାଏ । ସାହସ ଗୋଟିଏ ଗୁଣ । ଜଣେ ସାହସୀ ଲୋକ ଭଲକାମ କରିପାରେ, ମନ୍ଦ କାମ ମଧ୍ୟ କରିପାରେ । କିନ୍ତୁ ବୀର ତାର ବଳର ଉତ୍ତମ ବ୍ୟବହାର କରିଥାଏ ।

---

(୧୦) ପୁରାତନ ଓ ନୂତନ ଦିଲ୍ଲୀ

ଦିଲ୍ଲୀ ଆଜିକାଲି ଭାରତର ରାଜଧାନୀ । ଦିଲ୍ଲୀ ଶବ୍ଦଟି 'ଦେହଲୀ' ଶବ୍ଦରୁ ଆସିଅଛି । ଦେହଲୀ ଶବ୍ଦର ଅର୍ଥ ହେଉଛି 'ପ୍ରବେଶ ଦ୍ୱାର' । ମହାଭାରତ ଯୁଗରେ ଇନ୍ଦ୍ରପ୍ରସ୍ଥ ଯୁଧିଷ୍ଠିରଙ୍କ ରାଜଧାନୀ ଥିଲା । ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ନିକଟରେ ଅବସ୍ଥିତ । ପୂର୍ବେ ଦିଲ୍ଲୀର ରାଜାମାନେ ବଡ଼

Digitized by srujanika@gmail.com

କ୍ଷମତାଶାଳୀ ଥିଲେ । ଅନେକ ରାଜା ତାଙ୍କର ଅଧୀନ ଥିଲେ । ତେଣୁ ଦିଲ୍ଲୀ ରାଜା ଜଗତର ରାଜା ବୋଲି କଥା ରହିଅଛି ।

ଦିଲ୍ଲୀ ଗୋଟିଏ ପୁରୁଣା ନଗର । ଅନେକ ଥର ଶତ୍ରୁମାନେ ଏହାକୁ ଆକ୍ରମଣ କରି ଅଛନ୍ତି । ଏହାର ଅନେକ କୋଠା, ମନ୍ଦିର, ଖିଲଣ, ମସ୍‌ଜିଦ୍ ପ୍ରଭୃତି ଭାଙ୍ଗି ପଡ଼ିଅଛି । ବିଦେଶୀ ଶତ୍ରୁ ଭାରତ ଆକ୍ରମଣ କରି ଦିଲ୍ଲୀରୁ ମୟୂର ସିଂହାସନ, କୋହିନୁର ହୀରା ପ୍ରଭୃତି ମୂଲ୍ୟବାନ ଜିନିଷ ନେଇ ଯାଇଛନ୍ତି ।

ଦିଲ୍ଲୀ ଯମୁନା କୂଳରେ । ଏହା ପ୍ରାୟ ଦୁଇ ମାଇଲ ଲମ୍ବ । ଶାହାଜାହାନ ଓ ତାଙ୍କ ପରବର୍ତ୍ତୀ ମୋଗଲ ସମ୍ରାଟମାନେ ଏହି ନଗରର ଅନେକ ଉନ୍ନତି କରିଥିଲେ ।

ଦିଲ୍ଲୀରେ ମୋଗଲ ଅମଳର ଅନେକ କୀର୍ତ୍ତି ଅଛି । ଜୁମା ମସ୍‌ଜିଦ ପୃଥିବୀରେ ସବୁଠାରୁ ବଡ଼ ମସଜିଦ୍ । ଏହା ରକ୍ତବର୍ଣ୍ଣର ପଥର ଏବଂ ଶଙ୍ଖମଲମଲ ପଥରରେ ତିଆରି । କୁତବ୍ ମିନାର୍ ଗୋଟିଏ ପ୍ରକାଣ୍ଡ ସ୍ତମ୍ଭ । ଏହାର ଉଚ୍ଚତା ୨୩୮ ଫୁଟ । ଏହା ଉପରେ ଚଢ଼ିଲେ ଦିଲ୍ଲୀ ସହରର ସୁନ୍ଦର ଦୃଶ୍ୟ ଦେଖାଯାଏ । ଆଉରଙ୍ଗଜେବ ଯେଉଁ ମୋତି ମସ୍‌ଜିଦ୍ ତିଆରି କରାଇଥିଲେ ତାହା ଦେଖିବାକୁ ଖୁବ ସୁନ୍ଦର ।

ଦିଲ୍ଲୀରେ ଅନେକ ଦେଖିବାର ଜିନିଷ ଅଛି ! ଲାଲକିଲ୍ଲା; ଦେଓ୍ୱାନ୍—ଇ—ଖାସ୍; ହୁମାୟୁନଙ୍କ କବର ପ୍ରଭୃତି ଅନେକ ସୁନ୍ଦର କୋଠା ଦିଲ୍ଲୀରେ ଅଛି ।

ଲାଲକିଲ୍ଲା ଭାରତ ଇତିହାସରେ ପ୍ରସିଦ୍ଧ । ସୁଭାଷବୋଷଙ୍କ ଭାରତ ଜାତୀୟ ବାହିନୀର କେତେକ ସେନାପତି ଏହି ଦୁର୍ଗରେ ବନ୍ଦୀ ହୋଇଥିଲେ । ଏହିଠାରେ ସେମାନଙ୍କର ବିଚାର ହୋଇଥିଲା । ସେମାନଙ୍କ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହରୁ, ଭୁଲାଭାଇ ଦେଶାଇ

Digitized by srujanika@gmail.com

ପ୍ରଭୃତି ମକଦ୍ଦମା ଲଢ଼ିଥିଲେ । ଭାରତ ସ୍ୱାଧୀନ ହେବା ପରେ ଏହି ଦୁର୍ଗରେ ଇଉନିଅନ୍ ଜାକ୍ ପରିବର୍ତ୍ତେ ପୁଣି ସ୍ୱାଧୀନ ଭାରତର ପତାକା ପ୍ରଥମେ ଉଡ଼ିଥିଲା ।

ପୂର୍ବେ କଲିକତା ଭାରତର ରାଜଧାନୀ ଥିଲା । ୧୯୧୧ ମସିହାରେ ସମ୍ରାଟ ପଞ୍ଚମ ଜର୍ଜ ଭାରତକୁ ଆସି ଦିଲ୍ଲୀରେ ଗୋଟିଏ ବଡ଼ ଦରବାର କରି ଦିଲ୍ଲୀକୁ ଭାରତର ରାଜଧାନୀ କରିଯିବା ଘୋଷଣା କରିଥିଲେ । ପୁରୁଣା ଦିଲ୍ଲୀ ପାଖେ ନୂଆ ଦିଲ୍ଲୀ ସହର ବସିଲା । ଏହି ନୂଆ ଦିଲ୍ଲୀ ତିଆରି ସରିବାକୁ ଅଠର ବର୍ଷ ଲାଗିଥିଲା ।

ସମଗ୍ର ଦିଲ୍ଲୀରେ ଗୁଡ଼ିଏ ଲକ୍ଷ ଲୋକ ବାସ କରନ୍ତି ।

ନୂଆ ଦିଲ୍ଲୀ ତିଆରି କରିବାରେ ବହୁ ଅର୍ଥ ବ୍ୟୟ କରାଯାଇଅଛି । ଏଠାରେ ଅନେକ ସରକାରୀ ଘର, କର୍ମଚାରୀମାନଙ୍କ ରହିବା ଘର, ଯାଦୁଘର, ବ୍ୟବସ୍ଥାପକ ସଭ୍ୟମାନଙ୍କ ରହିବା ଘର, ରାଷ୍ଟ୍ରପତି ଭବନ ପ୍ରଭୃତି ନିର୍ମାଣ କରା ହୋଇଅଛି ।

କେନ୍ଦ୍ର ବ୍ୟବସ୍ଥା ସଭା ଗୃହଟି ନୂତନ ଧରଣରେ ତିଆରି । ଏହାର ଆକାର ଗୋଲ ଓ ଚାରିପାଖେ ଅନେକ ସ୍ତମ୍ଭ ଅଛି । ଏହା ଯେପରି ବୃହତ୍, ସେହିପରି ସୁନ୍ଦର ।

ଦିଲ୍ଲୀ ସହରଟି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଶାସନ କରାଯାଏ ।

କଠିନ ଶବ୍ଦମାନଙ୍କର ଅର୍ଥ—

ଦେହଲୀ—ଗୃହ ଭିତରକୁ ଯିବାର ଦ୍ୱାର; ଅପଭ୍ରଂଶ—ବିକୃତ; ଆଧୁନିକ—ଆଜିକାଲିକାର; ଅଧୀଶ୍ୱର—ମହାରାଜ ବା ସମ୍ରାଟ; ପ୍ରମତାଶାଳୀ—ବଳୁଆ; ପ୍ରବାଦ—ଢଗ; ଜଗଦୀଶ୍ୱର—ସଂସାରର ପ୍ରଭୁ ବା ଭଗବାନ; କବଳ—ଗ୍ରାସ; କ୍ରମାଗତ—ଗୋଟିକ ପରେ ଗୋଟିଏ ଘଟୁଥିବା; ସ୍ତମ୍ଭ—ଖମ୍ବ; ସମୃଦ୍ଧି—ଧନସମ୍ପତ୍ତି; ହୀରକ—

Digitized by srujanika@gmail.com

ହୀର; ଦୁର୍ଗ—କୋଠା; ପ୍ରାଚୀର—ପାଚେରି; ଶିଖର ଦେଶ—ଅଗ୍ରଭାଗ; ବୃକ୍ଷାବଳୀ—ବୃକ୍ଷ ସମୂହ; ସୋପାନ—ପାହାଚ; ଦର୍ଶନୀୟ—ଦେଖିବାର ଯୋଗ୍ୟ; ଅଟ୍ଟାଳିକା—କୋଠା; ବିବେଚିତ ହୋଇଥାଏ—ବିଚାର କରାଯାଏ; ବାହିନୀ—ସୈନ୍ୟଦଳ; ସେନାଧିପ—ସେନାପତି; ପରଲୋକଗତ—ମୃତ; ହସ୍ତାନ୍ତର କରିବା—ହାତକୁ ଦେଇଦେବା; ଘୋଷିତ ହେଲା—ଜଣାଇ ଦିଆଗଲା; ସମାପ୍ତ—ଶେଷ ପାର୍ଶ୍ୱ—ପାହାଡ଼ିଆ; ବ୍ୟବସ୍ଥାପକ—ବ୍ୟବସ୍ଥା ସଭା ପାଇଁ ନିର୍ବାଚିତ ସଭ୍ୟ; ଆବାସ—ବାସଗୃହ; କର୍ମସଚିବ—କର୍ମଗୃହ; ବେଷ୍ଟିତ—ବେଢ଼ା ଯାଇଅଛି; ଗ୍ରନ୍ଥାଳୟ—ଲାଇବ୍ରେରୀ, ଯେଉଁଠାରେ ପଢ଼ିବାପାଇଁ ବହି ରକ୍ଷିତ ଥାଏ; ଉନ୍ମୁକ୍ତ—ଖୋଲା; ପ୍ରାଙ୍ଗଣ—ଅଗଣା; କୃତ୍ରିମ—ମନୁଷ୍ୟଦ୍ୱାରା ତିଆରି; ବର୍ଦ୍ଧନ—ବଢ଼ାଇବା; ଅକ୍ଷୁଣ୍ଣ—ନଖଣ୍ଡ।

ଟିପ୍ପଣୀ—

ମସଜିଦ—ମୁସଲମାନମାନଙ୍କର ପ୍ରାର୍ଥନା ମନ୍ଦିର।

ମୟୂର ସିଂହାସନ—ଦିଲ୍ଲୀର ମୋଗଲ ସମ୍ରାଟ ଶାହାଜାହାନ ବହୁ ଅର୍ଥ ବ୍ୟୟ କରି ତିଆରି କରାଇଥିଲେ। ଏଥିରେ ପ୍ରଚୁର ସୁନା ଓ ମଣି ମାଣିକ୍ୟ ଲାଗିଥିଲା। ନାଦୀରସାହା ଦିଲ୍ଲୀ ଆକ୍ରମଣ କରି ଏହାକୁ ନେଇ ଯାଇଥିଲେ। କୋହିନୁର ହୀରକ—ଭାରତରେ ଏହା ସବୁଠାରୁ ସୁନ୍ଦର ଓ ମୂଲ୍ୟବାନ ହୀରା। ଏହାକୁ ମଧ୍ୟ ନାଦୀରସାହା ପାରସ୍ୟକୁ ନେଇ ଯାଇଥିଲେ। ପରେ ଏହା ଇଂଲଣ୍ଡ ରାଜାଙ୍କ ହାତକୁ ଗଲା।

ଭାରତ ଜାତୀୟ ବାହିନୀ—ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ଲାଗିଥିଲା ବେଳେ ସୁଭାଷଚନ୍ଦ୍ର ବୋଷ କୌଶଳରେ ଭାରତରୁ ପଳାଇ ଯାଇ ଜାପାନ ଓ ଜର୍ମାନମାନଙ୍କ ସାହାଯ୍ୟରେ ଭାରତ ବାହାରେ ଥିବା ଭାରତୀୟମାନଙ୍କୁ ନେଇ ଗୋଟିଏ ସେନା ଦଳ ଗଠନ କରିଥିଲେ। ଭାରତକୁ ଇଂରେଜଙ୍କଠାରୁ ଅଧିକାର କରିନେବା ଏହି ସେନା ଦଳର

Digitized by srujanika@gmail.com

ଲକ୍ଷ୍ୟ ଥିଲା । ସେମାନେ ପ୍ରଥମେ କେତେ ସ୍ଥାନ ଜୟ କରିଥିଲେ । କିନ୍ତୁ ଶେଷରେ ଇଂରେଜମାନେ ଜିଣିଲେ ଓ ଭାରତ ଜାତୀୟ ବାହିନୀର ସୈନିକମାନଙ୍କୁ ବନ୍ଦୀ କରି ଦିଲ୍ଲୀର ଲାଲ କିଲ୍ଲାରେ ରଖିଲେ । ସେଇଠାରେ ସେମାନଙ୍କର ବିଚାର ହୋଇଥିଲା ।

ୟୁନିଅନ ଜ୍ୟାକ୍—ଇଂରେଜମାନଙ୍କ ଜାତୀୟ ପତାକାର ନାମ । ବ୍ରିଟିଶ ଅଧିକୃତ ସମସ୍ତ ରାଜ୍ୟ ଓ ଉପନିବେଶରେ ଏହି ପତାକା ବ୍ୟବହାର କରାଯାଏ । ଇଂରେଜଙ୍କ ଅମଳରେ ଭାରତରେ ସେହି ପତାକା ଉଡୁଥିଲା । ସ୍ୱାଧୀନତା ପାଇବା ପରେ ଆମ ନିଜ ପତାକା ଉଡୁଛି ।

ରାଷ୍ଟ୍ରପତି—ଭାରତ ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତା ବା ପ୍ରେସିଡେଣ୍ଟ । ଡକ୍ଟର ରାଜେନ୍ଦ୍ର ପ୍ରସାଦ ବର୍ତ୍ତମାନ ଭାରତର ରାଷ୍ଟ୍ରପତି ।

ରାଷ୍ଟ୍ରସଭା—ଏହାକୁ ଇଂରେଜରେ କାଉନ୍‌ସିଲ ଅଫ ଷ୍ଟେଟସ୍ କହନ୍ତି । ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ନିର୍ବାଚିତ ୨୩୮ ଜଣ ଓ ସଭାପତିଙ୍କ ଦ୍ୱାରା ମନୋନୀତ ୧୨ ଜଣ, ଏପରି ୨୫୦ ଜଣ ସଭ୍ୟ ଥାନ୍ତି । ଏହା ପାର୍ଲିଅମେଣ୍ଟର ଗୋଟିଏ ଭାଗ । ଏଥିରେ ଓଡ଼ିଶାରୁ ୯ ଜଣ ସଭ୍ୟ ଅଛନ୍ତି ।

କେନ୍ଦ୍ର ବ୍ୟବସ୍ଥାପକ ସଭା—ଏହାକୁ ଇଂରେଜରେ "ହାଉସ ଅଫ ପିପଲସ୍" କହନ୍ତି । ଏଥିରେ ବିଭିନ୍ନ ରାଜ୍ୟର ଲୋକଙ୍କ ଦ୍ୱାରା ନିର୍ବାଚିତ ୫୦୦ ଜଣ ସଭ୍ୟ ଥାଆନ୍ତି ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । [ସୂଚନା—ଶାହାଜାହାନଙ୍କ ଦ୍ୱାରା ଦିଲ୍ଲୀର ପୁନର୍ଗଠନ, ଜୁମା ମସଜିଦ, କୁତବମିନାର, ଆଉରଙ୍ଗଜେବଙ୍କ ମୋତି ମସଜିଦ୍, ଲାଲ କିଲ୍ଲା, ହୁମାୟୁନଙ୍କ କବର, ଦେଓ୍ୟାନଇ ଖାସ, କଲମ୍ ମସଜିଦ୍ ଇତ୍ୟାଦି]

Digitized by srujanika@gmail.com

୨ । [ସାର କଥା ଦେଖ ।]

୩ । କେବଳ—ମାତ୍ର; କ୍ରମାଗତ—ଥରକୁଥର ଧ୍ୱଂସାବଶେଷ—ଭାଙ୍ଗିରୁଜି ପଡ଼ିଥିବା; ହର୍ମ୍ମ୍ୟ—କୋଠାଘର; ବ୍ୟବସ୍ଥାପକ ସଭା—ପାର୍ଲିଆମେଣ୍ଟ, ଯେଉଁଠାରେ ଭାରତର ନିର୍ବାଚିତ ସଭ୍ୟମାନେ ଆଇନ କରନ୍ତି, ଶାସନର ବ୍ୟବସ୍ଥା କରନ୍ତି; କର୍ମସଚିବ—କର୍ମଗୃହ; ସେକ୍ରେଟାରି ପ୍ରଭୃତି, ରାଷ୍ଟ୍ରସଭା—Council of States; କୃତ୍ରିମ—ମନୁଷ୍ୟ ତିଆରି ।

୪ । (କ) ଅତି ପ୍ରାଚୀନ କାଳରୁ ଦିଲ୍ଲୀ ଗୋଟିଏ ପ୍ରସିଦ୍ଧ ନଗରୀ ରୂପେ ଗଣ୍ୟ ହୋଇ **ଆସୁଅଛି** ।

(ଖ) ସମ୍ରାଟ ପଞ୍ଚମ **ଜର୍ଜ** ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀକୁ ଉଠାଇ ନେଲେ ।

(ଗ) କୁତବମିନାର୍‌ର ଶିଖରରୁ ଦିଲ୍ଲୀର ମନୋହର ଦୃଶ୍ୟ ସବୁ ଦେଖାଯାଏ ।

(ଘ) ମହାବନାଯୁକ୍ତ ପାହାଡ଼ରେ ଗୋଟିଏ ପ୍ରାକୃତିକ ଝରଣାରୁ ସ୍ୱଚ୍ଛ ଜଳ ବହି **ଆସୁଅଛି** ।

(ଙ) ହୁମାୟୁନ ତାଙ୍କ ଗ୍ରନ୍ଥାଳୟରୁ ତଳକୁ **ଅସୁ ଅସୁ** ପଡ଼ିଗଲେ ଓ ତା' ଫଳରେ ତାଙ୍କର ମୃତ୍ୟୁ ହେଲା ।

— — —

(୧୨) ଛୋଟ ଗୃହ ଓ ଛୋଟ ଶିଳ୍ପ

ପୃଥିବୀରେ ଯେତେ ଛୋଟ ଗୃହ ହୁଏ, ସେଥିରୁ ଶତକଡ଼ା ୮୯ ଭାଗ ଭାରତ ଓ ପାକସ୍ଥାନରେ ହୁଏ । ତେଣୁ ଭାରତର ଛୋଟ ଗୃହ ବିଷୟ ସବୁଠାରେ ଜଣାଶୁଣା ।

Digitized by srujanika@gmail.com

ଭାରତର ପଶ୍ଚିମ ବଙ୍ଗଳା ଏବଂ ଓଡ଼ିଶାରେ ଓ ପାକିସ୍ଥାନର ପୂର୍ବ ବଙ୍ଗଳାରେ ବେଶି ଝୋଟ ଚାଷ କରାଯାଏ । ଆମେରିକା ଓ ମିଶର ଦେଶରେ ଝୋଟ ଚାଷ କରିବାର ଚେଷ୍ଟା କରାଯାଇ ଥିଲା; କିନ୍ତୁ ସେଠାର ମାଟି ଓ ଜଳବାୟୁରେ ଝୋଟ ହୋଇ ପାରି ନଥିଲା ।

ଓଡ଼ିଶାର କେତେକ ଅଞ୍ଚଳରେ ଝୋଟ ହୁଏ ସତ୍ୟ, କିନ୍ତୁ ବଙ୍ଗଳାର ଝୋଟ ତୁଳନାରେ ଏହା ଅତି ଅଳ୍ପ । ନଳିତା ଗଛରୁ ଝୋଟ ବାହାରେ । ଦକ୍ଷିଣ ଓଡ଼ିଶାରେ ଯେଉଁ ନଳିତା ଗଛ ହୁଏ ତାହାକୁ କାଉଁରିଆ କହନ୍ତି । ବଙ୍ଗଦେଶରେ ଝୋଟକୁ ପାଟ କୁହାଯାଏ । ନଳିତା ଗଛର ଉଚ୍ଚତା ଆଖୁ ଗଛର ଉଚ୍ଚତା ସଙ୍ଗେ ସମାନ ହେବ । ଏଥିରେ ଛୋଟ ଛୋଟ ଡାଳ ଓ ପତ୍ର ହୁଏ । ପତ୍ରକୁ ଲୋକେ ଶାଗ କରି ଖାଇଥାନ୍ତି । ଏହାର ଫୁଲ ହଳଦିଆ । ନଳିତା ଗଛର ଛେଲିରୁ ଝୋଟ ବାହାରେ ।

ଫେବ୍ରୁୟାରି ଠାରୁ ମଇ ମାସରେ ନଳିତା ମଞ୍ଜି ବୁଣାଯାଏ । ପ୍ରାୟ ଚାରିମାସ ମଧ୍ୟରେ ଗଛ ପୂର୍ଣ୍ଣରୂପେ ବଢ଼େ । ଜୁଲାଇଠାରୁ ଅକ୍ଟୋବର ମଧ୍ୟରେ ନଳିତା ଗଛ କଟାଯାଏ । ସେହି ଗଛ ସବୁକୁ ବିଡ଼ା ବାନ୍ଧି ପାଣିରେ ପକାଇ ଦିଆହୁଏ । ଭଲରୂପେ ସଢ଼ିଗଲେ ସେ ଗୁଡ଼ିକୁ ପାଣିରେ ପିଟି ସଫା କରାଯାଏ । ଚୋପା ଗୁଡ଼ିକ ଝୋଟ ଆକାରରେ ବାହାରେ ।

ଭଲ ଝୋଟରୁ ଲୁଗା ବୁଣାଯାଏ । ଏହି ଲୁଗା କୋଟ ଓ ଜୋତାର ଭିତରେ ଦିଆହୁଏ । ଏଥିରେ ବ୍ୟାଗ ତିଆରି ହୋଇପାରେ କିନ୍ତୁ ଏହାକୁ ପିନ୍ଧି ହୁଏ ନାହିଁ । ଅଖା ତିଆରିରେ ଝୋଟ ପ୍ରଧାନତଃ ବ୍ୟବହୃତ ହୁଏ ।

ଅଖା ତିଆରି କରିବା ପାଇଁ କଲିକତା ଆଖପାଖରେ ଅନେକ କାରଖାନା ଅଛି । ଆଗେ ଲୋକେ ଝୋଟରୁ ଦଉଡ଼ି, ଗାଲିଚା, ବିଛଣା

Digitized by srujanika@gmail.com

ପ୍ରସ୍ତୁତ ହାତରେ ତିଆର କରୁଥିଲେ । ଶହେ ଦେଢ଼ଶ ବର୍ଷ ତଳେ ଖୁବ୍ କମ ଖୋଟ ଜିନିଷ ଇଉରୋପକୁ ପଠା ଯାଉଥିଲା । କିନ୍ତୁ ଏଥି ମଧ୍ୟରେ ଝୋଟ ଜିନିଷର ରପ୍ତାନି ହଜାର ହଜାର ଗୁଣ ବଢ଼ିଯାଇଛି ।

ପୂର୍ବେ ହାତ ତନ୍ତରେ ଅଖା ବୁଣାଯାଉଥିଲା, କିନ୍ତୁ ଏବେ ଅଖା ବୁଣିବା ପାଇଁ ବହୁତ କଲ ବସିଲାଣି । ହୁଗୁଳି କୂଳରେ ୯୪ଟି କଲ ଅଛି । ସେଥିରେ ପ୍ରାୟ ତିନିଲକ୍ଷ ଲୋକ କାମ କରନ୍ତି । ଏହି ଶ୍ରମିକମାନଙ୍କ ମଧ୍ୟରେ ଓଡ଼ିଶାର ଅନେକ ଲୋକ ଅଛନ୍ତି ।

କଲିକତା ବନ୍ଦରରୁ ବହୁପରିମାଣରେ ଝୋଟ ଓ ଅଖା ବିଦେଶକୁ ପଠାଯାଏ । ଗଲା ଯୁଦ୍ଧ ସମୟରେ ୧୪୦ କୋଟି ବସ୍ତା ଇଂଲଣ୍ଡକୁ ପଠାଯାଇ ଥିଲା ।

ପାକିସ୍ଥାନରେ ଭାରତ ଅପେକ୍ଷା ବେଶି ଜମିରେ ଝୋଟ ଚାଷ ହେଉଛି; କିନ୍ତୁ ଝୋଟ କଲର ସଂଖ୍ୟା ଭାରତରେ ଢେର ବେଶୀ । ତେଣୁ ଭାରତ ଓ ପାକିସ୍ଥାନ ମଧ୍ୟରେ ଝୋଟର ନେବା ଆଣିବା ବେଶି ପରିମାଣରେ ହେଉଅଛି ।

କଠିନ ଶବ୍ଦମାନଙ୍କର ଅର୍ଥ—

ଝୋଟ ଶିଳ୍ପ—ଝୋଟରୁ ବିଭିନ୍ନ ପଦାର୍ଥ ତିଆରି; କୃଷି—ଚାଷ; ପ୍ରସିଦ୍ଧି—ଖ୍ୟାତି; ଉତ୍ପନ୍ନ—ଜାତ; ଅନୁକୂଳ—ଉପଯୋଗୀ; ସାମାନ୍ୟ—ଅଳ୍ପ; କୃଶ—ସରୁ; ଶକ୍ତ—ଟାଣ; ପ୍ରସ୍ଫୁଟିତ—ଫୁଟିଥିବା; ଜଳପ୍ରାଚୁର୍ଯ୍ୟ—ପ୍ରଚୁର ପରିମାଣରେ ଜଳ ମିଳିବା; ଉପାଦେୟ—ଉତ୍ତମ, ମନୋହର, ସୁଖାଦ୍ୟ; ଅନୁପାତରେ—ଅନୁସାରେ; ପ୍ରକ୍ରିୟା—ପ୍ରଣାଳୀ; ପ୍ରାଦୁର୍ଭାବ—ଉପଦ୍ରବ; ଗାଣ୍ଠି—ବଡ଼ା; ବହୁଳ—ବହୁତ; ହସ୍ତଶିଳ୍ପ—ହାତ ତିଆରି ଜିନିଷ; ପ୍ରସାର ଲାଭ କରିବା—ବ୍ୟାପିଯିବା ।

Digitized by srujanika@gmail.com

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଦିଅ-ନିଅ, ଆମଦାନି-ରପ୍ତାନି । ଅନୁକୂଳ— ପ୍ରତିକୂଳ; ସଫଳ—ବିଫଳ; ପରିଚିତ—ଅପରିଚିତ; ଦୁର୍ଗନ୍ଧ—ସୁଗନ୍ଧ; ଉପଯୋଗୀ—ଅନୁପଯୋଗୀ; ନିକଟ—ଦୂର; ରପ୍ତାନି—ଆମଦାନି; ବନ୍ଧୁତା—ଶତ୍ରୁତା; ଶ୍ରମିକ—ମାଲିକ; ପୂର୍ଣ୍ଣ—ଶୂନ୍ୟ ।

ବିଶେଷଣକୁ ବିଶେଷ୍ୟରେ ପରିବର୍ତ୍ତନ—

ପ୍ରସିଦ୍ଧ—ପ୍ରସିଦ୍ଧି; ଉତ୍ପନ୍ନ—ଉତ୍ପତ୍ତି; ଅନୁକୂଳ—ଆନୁକୂଲ୍ୟ, ଜାତ—ଜାତୀୟ; ଆରବ୍ଧ—ଆରମ୍ଭ; ପ୍ରତିଷ୍ଠିତ—ପ୍ରତିଷ୍ଠା; ସ୍ଥାପିତ—ସ୍ଥାପନ; ନିଯୁକ୍ତ—ନିଯୁକ୍ତି; ବ୍ୟବହୃତ—ବ୍ୟବହାର ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଝୋଟ ପ୍ରଧାନତଃ ଅଖା ତିଆରି କରିବାରେ ବ୍ୟବହୃତ ହୁଏ । ଜିନିଷ ପତ୍ର ନେବା ଆଣିବା ପାଇଁ ଅଖା ଖୁବ ଦରକାର । ସରୁ ଝୋଟରୁ ଏକପ୍ରକାର କନା ତିଆରି ହୁଏ । ଏହା ଯୋତା ଓ କୋଟ ଭିତରେ ଦିଆଯାଏ ଓ ବ୍ୟାଗ୍ ତିଆରିରେ ଲାଗେ । ଝୋଟରୁ ଦଉଡ଼ି, ଗାଲିଚା, ବିଛଣା ପ୍ରଭୃତି ତିଆରି ହୋଇଥାଏ ।

ଭାରତର ପଶ୍ଚିମ ବଙ୍ଗଳା ଓ ଓଡ଼ିଶା ଏବଂ ପାକିସ୍ଥାନର ପୂର୍ବ ବଙ୍ଗଳାରେ ସର୍ବାପେକ୍ଷା ବେଶୀ ଝୋଟ ଚାଷ କରାଯାଏ । ପୃଥିବୀରେ ଅନ୍ୟ କୌଣସିଠାରେ ଏତେ ଝୋଟ ଚାଷ ହୁଏ ନାହିଁ । ପୃଥିବୀରେ ଯେତେ ଝୋଟ ଜନ୍ମେ ସେଥିରୁ ଶତକଡ଼ା ୯୯ ଭାଗ ଭାରତ ଓ ପାକିସ୍ଥାନରୁ ମିଳେ ।

୨ । ପାକିସ୍ଥାନରେ ବେଶି ପରିମାଣରେ ଝୋଟ ଉତ୍ପନ୍ନ ହୁଏ; କିନ୍ତୁ ସେହି ଝୋଟ ଅନୁପାତରେ ପାକିସ୍ଥାନରେ ଝୋଟ-କଳର ସଂଖ୍ୟା କମ । ଭାରତରେ ପାକିସ୍ଥାନ ଅପେକ୍ଷା କମ ଝୋଟ ଆମଦାନି ହୁଏ; କିନ୍ତୁ ଏହାର ଝୋଟକଳର ସଂଖ୍ୟା ଖୁବ ବେଶି । ତେଣୁ ଝୋଟରୁ ଅଖା

Digitized by srujanika@gmail.com

ପ୍ରସ୍ତୁତ ତିଆରି କରାଇବା ପାଇଁ ପାକିସ୍ଥାନ ଭାରତର କଳ ଉପରେ ନିର୍ଭର କରେ ଏବଂ ଭାରତ ମଧ୍ୟ ଏହି କଳଗୁଡ଼ିକୁ ଚଳାଇବା ପାଇଁ ପାକିସ୍ଥାନର ଝୋଟ ଉପରେ ନିର୍ଭର କରୁଛି । ତେଣୁ ଭାରତକୁ ପାକିସ୍ଥାନରୁ ଝୋଟ ଆସୁଛି ଓ ଉତ୍ପନ୍ନ ଦ୍ରବ୍ୟ ପାକିସ୍ଥାନକୁ ରପ୍ତାନି ହେଉଛି । ଏହି ବାଣିଜ୍ୟ ସମ୍ବନ୍ଧ ଦୁଇ ରାଷ୍ଟ୍ରର ମଙ୍ଗଳ କରୁଛି । ତେଣୁ ଝୋଟ ଦୁଇରାଷ୍ଟ୍ର ମଧ୍ୟରେ ବନ୍ଧୁତା ସ୍ଥାପନରେ ସାହାଯ୍ୟ କରୁଛି ।

୩ । (ସାରକଥା ଦେଖ)

୪ । ଉତ୍କଳ (ବିଶେଷ୍ୟ)—ଉତ୍କଳୀୟ (ବିଶେଷଣ), ବଙ୍ଗ (ବିଶେଷ୍ୟ)—ବଙ୍ଗୀୟ (ବିଶେଷଣ),ଜାତୀୟ (ବିଶେଷଣ)—ଜାତୀୟତା (ବିଶେଷ୍ୟ), ପ୍ରତିଷ୍ଠିତ (ବିଶେଷଣ)—ପ୍ରତିଷ୍ଠାନ (ବିଶେଷ୍ୟ), ପ୍ରଚୁର (ବିଶେଷଣ)—ପ୍ରାଚୁର୍ଯ୍ୟ, ପ୍ରଚୁରତା (ବିଶେଷ୍ୟ), ଗୁଣ (ବିଶେଷ୍ୟ)—ଗୁଣୀ (ବିଶେଷଣ) ।

୫ । ଦଳଦଆ—ଦାରିଦ୍ର୍ୟ; ଶାଗ—ଶାକ, ବକଲ—ବଲ୍କଳ; ମଞ୍ଜି—ବୀଜ ।

---

(୧୩) ରାଜାଙ୍କ ନୂତନ ପରିଚ୍ଛଦ

ସାରକଥା—

ଜଣେ ରାଜା ଥିଲେ । ଯେତିକି ଯେତେ ନୂଆ ନୂଆ ପୋଷାକ ପିନ୍ଧିବାରେ ତାଙ୍କର ସଉକ ଥିଲା । ଥରେ ସେ ଘୋଷଣା କଲେ,—ଯେଉଁ କାରିଗର ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ରକମର ପୋଷାକ ତିଆରି କରି ଦେଇ ପାରିବ ସେ ଲକ୍ଷେ ମୋହର ବକ୍‌ସିସ୍ ପାଇବ ।

ଏହା ଶୁଣି ଦୁଇ ଜଣ ଠକ ରାଜାଙ୍କ ପାଖରେ ପହଞ୍ଚି ଜଣାଇଲେ;—'ଆମ୍ଭେମାନେ ଆପଣଙ୍କ ପାଇଁ ଗୋଟିଏ ନୂଆ ଧରଣର ପୋଷାକ କରିଦେବୁ । ତାହାର ଗୋଟିଏ ଅଦ୍ଭୁତ ଗୁଣ

Digitized by srujanika@gmail.com

ଏହି ଯେ ନିର୍ବୋଧ ଓ ନିଜର ପଦ ପ୍ରତି ଅଯୋଗ୍ୟ ଲୋକ ତାହାକୁ ଦେଖି ପାରିବ ନାହିଁ ।”

ରାଜା ଏପରି ନୂଆ ପୋଷାକ ପାଇଁ ପାଗଳ ହୋଇ ପଡ଼ିଲେ । ଠକ ଦୁହେଁ ପୋଷାକର କପଡ଼ା ବୁଣିବା ପାଇଁ ବହୁତ ରେଶମ ସୂତା, ସୁନା ଜରି, ମୋତି ମାଣିକ୍ୟ ରାଜାଙ୍କଠାରୁ ନେଲେ । ସ୍ଥିରହେଲା ଯେ ପନ୍ଦର ଦିନ ମଧ୍ୟରେ ପୋଷାକ ତିଆରି ହେଲେ ରାଜା ତାକୁ ପିନ୍ଧି ଅଭିଷେକ ଉତ୍ସବ ପାଳିବେ ।

ଠକ ଦୁହେଁ ରାଜାଙ୍କଠାରୁ ନେଇଥିବା ମୂଲ୍ୟବାନ ମୋତି ମାଣିକ୍ୟ, ସୁନାଜରି, ରେଶମ ସୂତା ପ୍ରଭୃତି ଲୁଚାଇ ରଖିଲେ । ଦିନରାତି ଗୋଟାଏ ତନ୍ତ ପାଖରେ ବସି ହାତଗୋଡ଼ ଚଳାଇ ଲୁଗା ବୁଣିବାର ଛଳନା କରୁଥାନ୍ତି ।

କାରିଗରମାନେ କିପରି ଲୁଗା ବୁଣୁଛନ୍ତି ଦେଖିବା ପାଇଁ ରାଜାଙ୍କର ବଡ଼ ଇଚ୍ଛା ହେଲା । ନିର୍ବୋଧ ଅଯୋଗ୍ୟ ଲୋକକୁ ଲୁଗା ଦେଖାଯିବ ନାହିଁ । ତେଣୁ ସେ ଲୁଗା ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପଠାଇଲେ । ମନ୍ତ୍ରୀ ବୁଦ୍ଧିମାନ୍ ଓ ଯୋଗ୍ୟଲୋକ ବୋଲି ଜଣାଶୁଣା ଥିଲେ ।

ପ୍ରଧାନମନ୍ତ୍ରୀ ଯାଇ ଦେଖିଲେ ଯେ କାରିଗର ଦୁହେଁ ଲୁଗା-ବୁଣାରେ ଖୁବ୍ ଲାଗିଛନ୍ତି, କିନ୍ତୁ ତନ୍ତରେ କିଛି ନାହିଁ । ସେ ମନେ ମନେ ଭାବିଲେ—କାହିଁ, କିଛି ତ ଦେଖିପାରୁ ନାହିଁ; ତେବେ ମୁଁ କ'ଣ ନିର୍ବୋଧ, ମନ୍ତ୍ରୀପଦକୁ ଅଯୋଗ୍ୟ ?

କାରିଗରମାନେ ମନ୍ତ୍ରୀଙ୍କୁ ତନ୍ତର ଭିନ୍ନ ଭିନ୍ନ ଯାଗା ଦେଖାଇ କହିଲେ—ଏଇ ଦେଖନ୍ତୁ ଏଠାରେ ସୁନାର ଜରି; ଏଠାରେ ମାଣିକ୍ୟ, ଏଠାରେ ମୁକ୍ତା ଖଞ୍ଜା ହୋଇଛି । ଆପଣଙ୍କ ପସନ୍ଦକୁ ଲୁଗା କିପରି ଲାଗୁଛି ?

Digitized by srujanika@gmail.com

ମନ୍ତ୍ରୀ ଭାବିଲେ, "ମୁଁ ଅଯୋଗ୍ୟ ବୋଲି ଜଣା ପଡ଼ିଲେ ମନ୍ତ୍ରୀ-ପଦ ଯିବ ।" ସେ କହିଲେ, "ହଁ ହଁ, ଲୁଗାଟି ରାଜାଙ୍କର ଯୋଗ୍ୟ । ଖୁବ୍ ଚମତ୍କାର ହୋଇଛି ।"

ମନ୍ତ୍ରୀ ରାଜାଙ୍କୁ ଲୁଗାର ଖୁବ୍ ପ୍ରଶଂସା କରି କହିଲେ ।

ମନ୍ତ୍ରୀଙ୍କ ପରେ ରାଜା ପ୍ରଧାନ ବିଚାରପତିଙ୍କୁ ଲୁଗା ଦେଖିବାକୁ ପଠାଇଲେ । ସେ ମଧ୍ୟ ତନ୍ତରେ କିଛି ଦେଖି ପାରିଲେ ନାହିଁ । କିନ୍ତୁ କାଳେ ଅଯୋଗ୍ୟ ବୋଲି ପ୍ରମାଣିତ ହେବେ ଭାବି ରାଜାଙ୍କୁ କହିଲେ ଯେ ଲୁଗାଟି ଅତି ଚମତ୍କାର ହୋଇ ବୁଣା ହୋଇଛି ।

ଶେଷରେ ରାଜା ନିଜେ ପାତ୍ରମନ୍ତ୍ରୀମାନଙ୍କୁ ଘେନି ଲୁଗା ଦେଖିବାକୁ ଗଲେ । ପ୍ରଧାନମନ୍ତ୍ରୀ ଓ ବିଚାରପତି ତନ୍ତରେ ହାତଦେଇ ଲୁଗାରେ ସୁନାଜରି ମୋତି ମାଣିକ୍ୟ ଲଗିଛି ବୋଲି ଦେଖାଇ ଦେଲେ । କେହି କିଛି ଦେଖି ପାରୁ ନଥାନ୍ତି କିନ୍ତୁ ପ୍ରତ୍ୟେକେ ଭାବୁଥାନ୍ତି ଯେ ତାଙ୍କ ଛଡ଼ା ଆଉ ସମସ୍ତେ ଲୁଗାଟି ଦେଖୁଛନ୍ତି । ରାଜା ମନେ ମନେ ଭାବୁଥାନ୍ତି, "ମୁଁ ରାଜପଦକୁ ଅଯୋଗ୍ୟ ବୋଲି ଏ ବିଚିତ୍ର ଲୁଗା ଦେଖି ପାରୁନାହିଁ । ଅନ୍ୟମାନେ ଦେଖୁଛନ୍ତି ।" ସମସ୍ତେ ଆପଣାକୁ ଅଯୋଗ୍ୟ ପଣରୁ ରକ୍ଷା କରିବା ପାଇଁ କିଛି ଦେଖି ନପାରି ମଧ୍ୟ ଲୁଗାର ପ୍ରଶଂସା କରିଗଲେ ।

ରାଜ୍ୟାଭିଷେକର ପୂର୍ବଦିନ ଠକ ଦୁହେଁ ଗୋଟିଏ ସୁନା ଥାଳିରେ ଲୁଗା ଦେବାର ଛଳନାକରି ରାଜାଙ୍କଠାରୁ ଯଥେଷ୍ଟ ପୁରସ୍କାର ନେଇ ଚାଲିଗଲେ ।

ଯେତେବେଳେ ଚାକର ରାଜାଙ୍କୁ ପୋଷାକ ପିନ୍ଧାଇବାକୁ ଗଲା ସେ ଦେଖିଲା ଯେ ଥାଳିରେ କିଛି ନାହିଁ । ସେ ହାତ ଯୋଡ଼ି କହିଲା, "ମହାରାଜ, ମୁଁ ମୋ ଚାକିରି ପାଇଁ ଅଯୋଗ୍ୟ ହୁଏଁ ପଛକେ ମୁଁ ଥାଳିରେ ଲୁଗା ଅଛି ବୋଲି କହି ପାରିବି ନାହିଁ । ମୋ ଆଖିକୁ ଲୁଗା

Digitized by srujanika@gmail.com

ଦେଖିପାରୁ ନାହିଁ କି ହାତକୁ ଲାଗୁନାହିଁ । ସେ କାରିଗର ଦୁଇଟା ନିଶ୍ଚୟ ଏତେ ଟଙ୍କା ସୁନା ମଣିମାଣିକ୍ୟ ଠକି ନେଇ ଯାଇଛନ୍ତି ।"

ରାଜା ଏବେ ଆପଣାର ଭୁଲ ବୁଝି ପାରିଲେ । ଜଣାଗଲା ଯେ କେହି ଜଣେ ମୂର୍ଖ ତନ୍ତରେ ଲୁଗା ଦେଖିନାହିଁ । ଠକ ଦୁହିଁଙ୍କୁ ଖୋଜି କଠିନ ଦଣ୍ଡ ଦିଆଗଲା । ସେହିଦିନଠୁ ରାଜାଙ୍କର ନୂଆ ନୂଆ ପୋଷାକ ପିନ୍ଧିବା ସଉକ ଛାଡ଼ିଗଲା । ସେ ରାଜକାର୍ଯ୍ୟରେ ବେଶି ମନ ଦେଇ ପ୍ରଜାଙ୍କ ଉପକାରରେ ଲାଗିଲେ ।

କଠିନ ଶବ୍ଦମାନଙ୍କର ଅର୍ଥ—

ପରିଚ୍ଛଦ—ପୋଷାକ; ସମ୍ପୂର୍ଣ୍ଣ—ପୁରା; ଧୂର୍ତ୍ତ—ଠକ; ବିଚିତ୍ର—ଅଦ୍ଭୁତ; ନିଜସ୍ଥାନ—ଅପରାଧ ବା କାର୍ଯ୍ୟ; ବାସ୍ତବରେ—ପ୍ରକୃତରେ; ରାଜ୍ୟାଭିଷେକ ଉତ୍ସବ—ରାଜଗାଦିରେ ବସିବାଦିନ ଉପଲକ୍ଷରେ ହେଉଥିବା ମଙ୍ଗଳମଜଲିସ୍; ଗୋପନରେ ରଖିଲେ—ଲୁଚାଇ କରି ରଖିଲେ; ଅଧ୍ୟବସାୟ—ଅବିଶ୍ରାନ୍ତ ପରିଶ୍ରମ; ଉଦ୍‌ବେଗ—ଉଲ୍ଲଣ୍ଠା; ଚଞ୍ଚଳତା; ଅଲୌକିକ—ଅସାଧାରଣ; ରାଷ୍ଟ୍ରହେବା—ପ୍ରଚାର ହେବା; ବିଶ୍ୱସ୍ତ—ବିଶ୍ୱାସୀ; ଅମାତ୍ୟ—ମନ୍ତ୍ରୀ; ବସ୍ତ୍ରବୟନ—ଲୁଗାବୁଣା; ଶୂନ୍ୟ—ଖାଲି; ଅବାକ୍—କଥାକହିବାକୁ ଅକ୍ଷମ; ମନ୍ତ୍ରିବର୍ଗ—ମନ୍ତ୍ରୀଗଣ; ବାର୍ଦ୍ଧକ୍ୟ—ବୁଢ଼ାସମୟ; ଅଙ୍ଗୁଳି ନିର୍ଦ୍ଦେଶ କରି—ଆଙ୍ଗୁଠି ଦେଖାଇ; କଣିକା—ଦାନା; ଆଦେଶ—ହୁକୁମ; ଚିନ୍ତାମଗ୍ନ—ଚିନ୍ତାରେ ବୁଡ଼ିରହିବା; ନୀରବ—ଚୁପ, ଉପକୃତ—ବାଧିତ; ସମାଧାନ—ନିଷ୍ପତ୍ତି; ଯଥାର୍ଥରେ—ପ୍ରକୃତରେ; ଆଶ୍ଚର୍ଯ୍ୟଜନକ—ଯାହା ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡ଼େ; ଅସାମାନ୍ୟ—ଅସାଧାରଣ; ସୌନ୍ଦର୍ଯ୍ୟ—ଶୋଭା; ସ୍ୱୟଂ—ନିଜେ; ପରିପାଟୀ—ବାହାଦୁରୀ; ରଙ୍ଗବିନ୍ୟାସ—ସ୍ଥାନ ଅନୁସାରେ ରଙ୍ଗ ଦେବା; ଅପରୂପ—ଅଦ୍ଭୁତ ସୁନ୍ଦର; ଅପବାଦ—ବଦନାମ; ମନୋରମ—ମନୋହର, ସୁନ୍ଦର; ପାର୍ଶ୍ୱଚର—ପାଖଲୋକ;

Digitized by srujanika@gmail.com

ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପକରି—ନିରେଖିକରି ଚାହିଁ; ଉଚ୍ଚାରଣକଲେ—କହିଲେ; ପାରିତୋଷିକ—ପୁରସ୍କାର; ବଦାଜ; ରାଜଭୃତ୍ୟ—ରାଜାଙ୍କ ଚାକର; ଶଠତା—ଠକାମି; ଭ୍ରମ—ଭୁଲ; ଧିକ୍କାରକଲେ—ନିନ୍ଦା କଲେ, ମମତା—ଅତ୍ୟଧିକ ଆଗ୍ରହ; ମନୋନିବେଶ—ମନୋଯୋଗ; ଶାସ୍ତି—ଦଣ୍ଡ।

ଟିପ୍ପଣୀ—

ପୋଷାକ-ଅନ୍ଧ—ଅନ୍ଧଲୋକ କିଛି ଦେଖି ନପାରି କଣ ସୁନ୍ଦର, କଣ ଅସୁନ୍ଦର ଜାଣି ପାରେ ନାହିଁ। ରାଜା ସେହିପରି ପୋଷାକ ବିଷୟରେ ଏପରି ଅଥୟ ହେଉଥିଲେ ଯେ କେଉଁ କାମ ଭଲ, କେଉଁ କାମ ମନ୍ଦ ସେ ଭାବିପାରୁ ନଥିଲେ। ତେଣୁ ତାକୁ ପୋଷାକ-ଅନ୍ଧ ବୋଲି କୁହାଯାଇଛି।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଯୋଗ୍ୟ—ଅଯୋଗ୍ୟ; ପ୍ରଭୁ—ଭୃତ୍ୟ; ବୁଦ୍ଧିମାନ୍—ବୁଦ୍ଧିହୀନ; ପୂର୍ବ—ପର; ଅଧ୍ୟବସାୟ—ଆଳସ୍ୟ; ସାଧାରଣ—ଅସାଧାରଣ; ଲୌକିକ—ଅଲୌକିକ।

ସନ୍ଧି:—ରାଜ୍ୟ + ଅଭିଷେକ = ରାଜ୍ୟାଭିଷେକ; ମହା + ଉଦୟ = ମହୋଦୟ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧। ଭଲକଥା ଚିନ୍ତା କରିବା ଓ ଭଲ କାମ କରିବାଦ୍ୱାରା ଲୋକ ବଡ଼ ହୁଏ। ଯେଉଁ ଲୋକ କେବଳ ନିଜର ପୋଷାକ ଉପରେ ସବୁବେଳେ ନଜର ଦିଏ, ଆଡମ୍ବର ଦେଖାଇ ହୁଏ, ସେ ସେହି ପୋଷାକ କଥା ଭାବୁଥାଏ; ଭଲକଥା ଭାବିବା କିମ୍ବା ଭଲକାମ କରିବା ପାଇଁ ତାର ବେଳ ନ ଥାଏ। ଏପରି ଲୋକର ବୁଦ୍ଧି ନଷ୍ଟ

Digitized by srujanika@gmail.com

ହୋଇଯାଏ । କେଉଁ କଥା ଭଲ କେଉଁ କଥା ମନ୍ଦ ସେ ଜାଣିପାରେ ନାହିଁ । ଶେଷକୁ ଠକମାନେ ତାକୁ ଭୁଲାଇ ଦେଇ ତାର ସର୍ବନାଶ କରନ୍ତି ।

ଜଣେ ରାଜା ପୋଷାକର ଆଡ଼ମ୍ବର ଦେଖାଉଥିଲେ । ଦୁଇଜଣ ଠକ ତାଙ୍କୁ କହିଲେ ଯେ ସେମାନେ ଏକ ବିଚିତ୍ର ପୋଷାକ କରିଦେବେ । ଯେଉଁମାନେ ନିଜ କାର୍ଯ୍ୟକୁ ଅଯୋଗ୍ୟ ସେମାନେ ଏହାକୁ ଦେଖି ପାରିବେ ନାହିଁ । ରାଜାଙ୍କଠାରୁ ଅନେକ ସୁନାଜରି, ମୋତି ମାଣିକ୍ୟ ସେମାନେ ନେଲେ । ମିଥ୍ୟାରେ କହିଲେ ଯେ ପୋଷାକ ତିଆରି ସରିଲାଣି । କେହି କିଛି ଦେଖି ପାରିଲେ ନାହିଁ; କିନ୍ତୁ ନିଜେ ଅଯୋଗ୍ୟ ଜଣାପଡ଼ିବା ଭୟରେ ସମସ୍ତେ ପୋଷାକ ଦେଖୁଥିବାର କହିଲେ । ରାଜା ମଧ୍ୟ ତାହାହିଁ କଲେ । ପରେ ଠକଙ୍କ କାରସାଦ ଜଣାପଡ଼ିଲା । ରାଜା ପୋଷାକପାଇଁ ପାଗଳ ହୋଇ ନିଜର ବୁଦ୍ଧି ହରାଇବାରୁ ଏପରି ଘଟିଲା ।

୨ । ସମସ୍ତେ ନିଜର ଅଯୋଗ୍ୟତା ଜଣାପଡ଼ିବା ଭୟରେ ମିଛରେ କହିଲେ ଯେ ପୋଷାକ ବଡ଼ ସୁନ୍ଦର ହୋଇଛି । କିନ୍ତୁ ଗୋଟିଏ ପିଲା ସତ କହିଦେଲା । ସେ କହିଲା ଯେ ଗୁରୁକୁ ସେ ଅଯୋଗ୍ୟ ହେଉ ପଛକେ କିଛି ନ ଦେଖି ସେ ଦେଖୁଛି ବୋଲି କହିପାରିବ ନାହିଁ । କ୍ରମେ ଅନ୍ୟମାନେ ମଧ୍ୟ କିଛି ଦେଖୁ ନଥିବାର ସ୍ୱୀକାର କଲେ । ସେତେବେଳେ ରାଜା ନିଜର ଭୁଲ ଜାଣିପାରିଲେ ।

୩ । ଧୂର୍ତ୍ତ କାରିଗରମାନେ ଆଗରୁ ଜଣାଇ ଦେଇଥିଲେ ତାଙ୍କ ତିଆରି ଲୁଗାକୁ କେବଳ ବୁଦ୍ଧିମାନ ଓ ଯୋଗ୍ୟ ଲୋକେ ଦେଖି ପାରିବେ । ମନ୍ତ୍ରୀ ଲୁଗା ଦେଖିବାକୁ ଯାଇଥିଲେ । ତନ୍ତରେ କିଛି ନଥିବାର ସେ ଦେଖିଲେ । ଧୂର୍ତ୍ତ ଦୁହେଁ ତନ୍ତର ବିଭିନ୍ନ ସ୍ଥାନରେ ହାତମାରି କେଉଁଠି ଜରି, କେଉଁଠି ମୋତି ମାଣିକ୍ୟ ଲାଗିଛି ଦେଖାଉ-

Digitized by srujanika@gmail.com

ଥାନ୍ତି । ମନ୍ତ୍ରୀ ଭାବିଲେ, ଯେ ଯଦି କହନ୍ତି ଦେଖି ପାରୁନାହାନ୍ତି ବୋଲି କହିବେ ତେବେ ସେ ମନ୍ତ୍ରୀପଣକୁ ଅଯୋଗ୍ୟ ଓ ବୋକା ବୋଲି ପ୍ରମାଣ ହୋଇଯିବ । ତେଣୁ ସେ ପ୍ରକୃତ କଥା ଲୁଚାଇ ଲୁଗା ବଡ଼ ଚମତ୍କାର ହୋଇଥିବାର କହିଲେ ।

ପ୍ରଧାନ ବିଚାରପତି ମଧ୍ୟ ଠିକ ମନ୍ତ୍ରୀଙ୍କପରି ଅଯୋଗ୍ୟ ପ୍ରମାଣିତ ହେବା ଭୟରେ ଲୁଗା ଦେଖିବାର କହିଥିଲେ ।

୪ । ଛୁଆଏ ଲୁଣ, ମେଞ୍ଚାଏ କାଦୁଅ, ପଲେ ଗୋରୁ, ପେନ୍ଥାଏ ଫୁଲ, କାନ୍ଦିଏ କଦଳୀ ।

୫ । (କ) ଦୁଇଜଣ ଧୂର୍ତ୍ତ ବିଦେଶରୁ ଆସି ରାଜାଙ୍କୁ ସାକ୍ଷାତ କଲେ ।

(ଖ) ପ୍ରଧାନ ମନ୍ତ୍ରୀ କୌଣସି ଲୁଗା ନଦେଖି ଫେରି ଆସିଲେ ।

(ଗ) ଧୂର୍ତ୍ତମାନେ ଧନରତ୍ନ ନେଇ ଆପଣା ରାଜ୍ୟକୁ ଯିବାକୁ ବାହାରିଲେ ।

---

[୧୪] କାଠଯୋଡ଼ିକୂଳେ ଭ୍ରମଣ

ସାରକଥା—

ଦିନ ସରିଆସିଲା । ସୂର୍ଯ୍ୟ ଦେବତା ପଶ୍ଚିମ ଆକାଶରେ ବୁଡ଼ି ଯାଉଛନ୍ତି । ପ୍ରାଣୀମାନେ ଦିନର କାମ ସାରି ଯେଝା ସ୍ଥାନକୁ ଫେରି ଯାଉଛନ୍ତି । ଏହି ସମୟରେ କାଠଯୋଡ଼ି କୂଳରେ ବୁଲିଲେ ଦେହରେ ଥଣ୍ଡା ପବନ ବାଜିବ, ମନ ପ୍ରଫୁଲ୍ଲ ହେବ । କଟକ ସହରର ଗୋଳମାଳ ଭୁଲିଯାଇ ସବୁ ଦୁଶ୍ଚିନ୍ତା ଦୂରକରି ଏଠାରେ ନିର୍ମଳ ମନରେ ବୁଲିବା ବଡ଼ ସୁଖକର । ଦୂରରେ ନୀଳ ପାହାଡ଼ର ଅଗ ଆକାଶକୁ ଛୁଇଁଲା

Digitized by srujanika@gmail.com

ପରି ବୋଧ ହେଉଛି । ଠିକ୍ ଏ ପୂର୍ବରୁ ଏହି ପାହାଡ଼ ଅଗ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କ କିରଣରେ ରକ୍ତବର୍ଣ୍ଣ ଦିଶୁଥିଲା । ଏପାଖେ ଆଉ ଗୋଟିଏ ନୂଆ ଦୃଶ୍ୟ । କାଠଯୋଡ଼ି ପୋଲ ଉପରେ ରେଲଗାଡ଼ି ଇଞ୍ଜିନରୁ ଧୂଆଁ ଛାଡ଼ି ଚାଲିଛି । ବିଜୁଳି ଆଲୁଅର ଖମ୍ବମାନଙ୍କରେ ଜୋରରେ ପବନ ବାଜିବାରୁ ଶବ୍ଦ ହୋଇ ଅନେକ ଗୁଡ଼ାଏ ସାପ ସୁ ସୁ ଗର୍ଜନ କଲାପରି ଶୁଣାଯାଉଛି । ନଈର ଆରପାଖ ବନ୍ଧଉପରେ କେତେଗୁଡ଼ାଏ ଗ୍ରାମ ଗଛ ଝାଡ଼ରେ ଦିଶୁଛି । ଦୁଇଚାରିଟି ଆଲୁଅ ତା ମଧ୍ୟରେ ମିଞ୍ଜିମିଞ୍ଜି ହୋଇ ଜଳୁଛି । ନଈରେ ଏପାଖେ ପ୍ରକାଣ୍ଡ ବିଜୁଳି ଆଲୁଅ ଦେଖି ସେ ଲାଜ ଓ ଭୟରେ ଜୁଳୁ ଜୁଳୁ କରି ଚାହିଁଛି କି ? ନଈର ଏପାଖେ ଆଲୁଅ, ସେପାଖେ ଅନ୍ଧାର; ଏପାଖେ ଲୋକଙ୍କର ଚହଳ ଲାଗିଛି, ସେପାଖେ କେହି ନାହାନ୍ତି, ସବୁ ଚୁପ୍ । ଏହି କାଠଯୋଡ଼ି ଯୋଗେ କଟକର ଲୋକେ ଖରାଦିନ ଗରମରୁ ରକ୍ଷା ପାଆନ୍ତି । ଏହାର ଶୀତଳ ଜଳ ଲୋକଙ୍କ କଷ୍ଟ ଦୂର କରେ । ରାତିରେ କେତେ ଲୋକ ଏହାର କୋମଳ ବାଲି ଉପରେ ଶୋଇ ରହନ୍ତି । କାଠଯୋଡ଼ି ଉପରେ ଯେତେବେଳେ ରାତିରେ ଚନ୍ଦ୍ର କିରଣ ପଡ଼େ ସେତେବେଳେ ଅପୂର୍ବ ଶୋଭା ଦେଖାଯାଏ । ଯେଉଁମାନେ ସୁନ୍ଦର ଜିନିଷ ଦେଖିବାକୁ ଅଗ୍ରହୀ, ଯେଉଁମାନେ ଚିନ୍ତାଶୀଳ ସେହିମାନେ ଏ ଶୋଭାକୁ ଅନୁଭବ କରିପାରିବେ ।

କି ଶିକ୍ଷକ କି ଛାତ୍ର, କି ପ୍ରଭୁ କି ଚାକର, କି ରୋଗୀ କି ବୈଦ୍ୟ ସବୁ ଶ୍ରେଣୀର ସ୍ତ୍ରୀ ପୁରୁଷ କାଠଯୋଡ଼ିରୁ ବହି ଆସୁଥିବା ଥଣ୍ଡା ପବନ ଖାଉଅଛନ୍ତି । ଏ ପବନରେ ସମସ୍ତଙ୍କର ସମାନ ଅଧିକାର । କିନ୍ତୁ ବର୍ଷାଦିନେ ଯେତେବେଳେ କାଠଯୋଡ଼ିରେ ଭୟଙ୍କର ବଢ଼ି ହୁଏ, ସେତେବେଳେ କଟକ ସହରର ଧନୀ ଲୋକେ ମଧ୍ୟ ଭୟରେ ଥରି ଉଠନ୍ତି । ତେବେ ସେମାନଙ୍କର ଗୋଟାଏ ଦମ୍ଭ ଥାଏ ଯେ

Digitized by srujanika@gmail.com

ଝିଲ୍ଲୀର ରାଜା ମର୍କଟକେଶରୀ ଯେଉଁ ପଥର ବନ୍ଧ କରି ଯାଇ ଅଛନ୍ତି, ନାରାଜଠାରୁ ବଢ଼ିର ସୁଅକୁ ହ୍ରାସ କରି ସେଥିରେ ଯେଉଁ ମଙ୍ଗଳୁତ ବିନ୍ଧଗୁଡ଼ମାନ ତିଆରି କରିଅଛନ୍ତି ତା ଯୋଗେ କଟକ ସହରର କିଛି କ୍ଷତି ହେବନାହିଁ । ଖରାଦିନେ କାଠଯୋଡ଼ି ବନ୍ଧ ଉପରେ ଲୋକେ ଯେଉଁ ହାଉଆ ଖାଉଛନ୍ତି ସେହି ହାଉଆରେ ଓଡ଼ିଆ ଜାତି କେତେ କାଳୁ ବଢ଼ି ଆସିଛି । ଶହ ଶହ ବର୍ଷ ଗଲାଣି । କେତେ ବଡ଼ ବଡ଼ ବଢ଼ି ହୋଇ ଯାଇଛି । କାଠଯୋଡ଼ିର ବଢ଼ି ପାଣି ଗର୍ଜନ କରି କୂଳକୁ ଦେହରେ ଧକ୍କା ଦେଇଛି । ତଥାପି ସେ ବନ୍ଧ ସେହି ଯୁଗରୁ ରହିଅଛି, ତାର ଟିକିଏ ହେଲେ କ୍ଷତି ହୋଇନାହିଁ ।

ରାତି ବେଶି ହୋଇଗଲାଣି, ପଞ୍ଚମୀର ଚନ୍ଦ୍ର ଆକାଶରେ ଦେଖା ଦେଲାଣି, ଏବେ ଘରକୁ ଫେରି ଯିବା ଉଚିତ ।

କଠିନ ଶବ୍ଦମାନଙ୍କର ଅର୍ଥ—

ରବି—ସୂର୍ଯ୍ୟ; ପ୍ରତୀଚୀ—ପଶ୍ଚିମଦିଗ; ବାସ—ରହିବା ସ୍ଥାନ; ସତେଜ—ପ୍ରଫୁଲ୍ଲ; ମରୁତ—ପବନ; ସମୀର—ପବନ; ଚହଳ—ଗୋଳମାଳ; ମ୍ଲାନ—କ୍ଳାନ୍ତ; ନିରମଳ—ନିର୍ମଳ—ପରିଷ୍କାର; ସୁଦୂର—ଅନେକ ଦୂରରେ ଥିବା; ଶଇଳ—ଶୈଳ—ପାହାଡ଼; ଗଗନ—ଆକାଶ; ଅଙ୍ଗ—ଦେହ; ପ୍ରଦୋଷ—ସନ୍ଧ୍ୟା; ଅଭିନବ—ନୂଆ; ଅଲୋକସ୍ତମ୍ଭ—ଆଲୁଅ ଦିଆଯିବା ପାଇଁ ଥିବା ଖମ୍ବ; ତାର—ବିଜୁଳି ତାର; ପବନ—ବାରବୀର; ଫଣୀ—ସାପ; ପଲ୍ଲୀ—ଛୋଟଗାଆଁ; ନିରେଖିବା—ଚାହିଁବା; ବିଦ୍ୟୁତ୍—ବିଜୁଳି; ରାଜେ—ଶୋଭାପାଏ; ନୀରବ—ଶୁନ୍‌ଶାନ୍; କୋଳାହଳ—ଗୋଳମାଳ; ତାପ—ଗରମ; ବାଲୁକା—ବାଲି; ସୁଶୀତଳ—ଅତି ଥଣ୍ଡା; ନୀର—ଜଳ; ଜୋଛନା—ଜ୍ୟୋତ୍ସ୍ନା, ଚନ୍ଦ୍ରକିରଣ; ପରଶେ—ସ୍ପର୍ଶରେ—

ଛୁଇବାରେ; ରମଣୀୟ—ସୁନ୍ଦର; ଦର୍ଶକ—ଦେଖିବା ଲୋକ; ଭାବୁକ—ଚିନ୍ତାଶୀଳ ଲୋକ; ସୁଷମା—ଶୋଭା; ଭିତ୍ତ୍ୟା—ଗୁଳକର; ବାଧାବନ୍ଧ—ପ୍ରତିବନ୍ଧକ; ବନ୍ୟା—ବଢ଼ି; କାତରେ—ଭୟରେ; ଦମ୍ଭ—ଗାର୍ବ; ସ୍ରୋତ—ସୁଅ; ସୁଦୃଢ଼—ଖୁବ ମଜବୁତ; ଶତାବ୍ଦୀ—ଶହେ-ବର୍ଷକୁ ଶତାବ୍ଦୀ କହନ୍ତି; ଶତ—ଶହେ; ଅବ୍ଦ—ବର୍ଷ; ଭୀମ—ଭୟଙ୍କର; ସଂଗ୍ରାମ—ଯୁଦ୍ଧ, ଅଟଳ—ଦୃଢ଼; ବାହୁଡ଼—ଫେରିଯାଅ; ନାଶ—ଗତ ।

ପଦ୍ୟରେ ବ୍ୟବହୃତ ଶବ୍ଦର ଗଦ୍ୟରେ ଆକାର—

ସରବେ—ସର୍ବେ; ପରାଣୀ—ପ୍ରାଣୀ; ନିରମଳ—ନିର୍ମଳ; ଅଲପ—ଅଳ୍ପ; ପରାଏ—ପ୍ରାୟ; ଦଶଇ—ଦଶେ; ଗ୍ରୀଷମ—ଗ୍ରୀଷ୍ମ; ଜୋଛନା—ଜ୍ୟୋତ୍ସ୍ନା; ପରଶ—ସ୍ପର୍ଶ; ଆସଇ—ଆସେ; ବରଷା—ବର୍ଷା, ଅଣଇ—ଅଣେ; ସ୍ଥାପି—ସ୍ଥାପନକରି; ଭ୍ରମି ଭ୍ରମି—ବୁଲି ବୁଲି ।

ଟିପ୍ପଣୀ—

ମର୍କଟକେଶରୀ—କେଶରୀ ବଂଶର ଜଣେ ପ୍ରସିଦ୍ଧ ରାଜା । ସେ କଟକ ସହରକୁ ବଢ଼ିରୁ ରକ୍ଷା କରିବାପାଇଁ କାଠଯୋଡ଼ିର ପଥର ବନ୍ଧ ତିଆରି କରିଥିଲେ ।

ବୁରୁଜ—ଯେଉଁଠାରେ ବଢ଼ିପାଣିର ସୁଅ ଖୁବ୍ ବେଶି ଧକ୍କାଦିଏ ସେଠାରେ ପଥର ବନ୍ଧକୁ ଖୁବ ଦୃଢ଼ କରି ଗୋଲକାର କରାଯାଇଅଛି । ଏଗୁଡ଼ିକୁ ବୁରୁଜ କହନ୍ତି । ଏଗୁଡ଼ିକ ଥିବାରୁ ବଢ଼ିପାଣିର ସୁଅ ବନ୍ଧର କ୍ଷତି କରିପାରେ ନାହିଁ ।

Digitized by srujanika@gmail.com

ସରଳାର୍ଥ—

ବିଜୁଳି ଆଲୋକସ୍ତମ୍ଭ······ଘୋର ଗରଜନ । (ପୃ ୬୦ପୃ)

ବିଜୁଳି ଆଲୁଅ ଦିଆଯିବା ପାଇଁ କାଠଯୋଡ଼ି କୂଳରେ ଧାଡ଼ିଏ ଖମ୍ବ ଅଛି । ଏହି ଖମ୍ବମାନଙ୍କ ଉପରେ ବିଜୁଳି ତାର ଯାଇଛି । ଯେତେବେଳେ କାଠଯୋଡ଼ିର ପବନ ଝୋରରେ ଏହି ତାରରେ ବାଜେ ସେତେବେଳେ ସୁସୁ ଶବ୍ଦ ଶୁଣାଯାଏ । ଅନେକ ଗୁଡ଼ିଏ ସାପ ଏକ ସାଙ୍ଗରେ ଶବ୍ଦ କଲେ ଯେପରି ଶୁଣାଯିବ ଏ ଶବ୍ଦ ସେହିପରି ଶୁଣାଯାଏ ।

ପକ୍ଷୀର ସେ ଚଞ୍ଚୁ କିବା······ଅଲୋକ ସ୍ତରେ । (ପୃ ୬୦ପୃ)

କାଠଯୋଡ଼ି ଏପାରିରେ ସହରର ଗୋଟାଏ ଧାରରେ ବିଜୁଳି ଆଲୁଅ ସବୁ ବହୁଦୂରକୁ ଦେଖାଯାଉଥାଏ । କାଠଯୋଡ଼ି ଅରପାରିରେ ଗଛ ଉହାଡ଼ରେ ଥିବା ଗାଁରେ ଦୁଇଚାରିଟା ଆଲୁଅ ଲୁଚି ଲୁଚି ହୋଇ ଦେଖା ଯାଉଥାଏ । ବିଜୁଳି ଆଲୁଅ ଓ ସେ ଛୋଟ ଆଲୁଅ ଦେଖିଲେ ମନେ ହୁଏ, ଯେପରି କି ସେ ଛୋଟ ଆଲୁଅ ହେଉଛି ଗାଁର ଆଖି । ଏପାରିରେ ସହରର ଆଡ଼ମ୍ବର, ଗହଳ ଚହଳ, ବିଜୁଳି ଆଲୁଅ ପ୍ରଭୃତି ଦେଖି ସେ ଭୟରେ ଓ ଲାଜରେ ଲୁଚି ରହିଛନ୍ତି ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଜଣେ ବନ୍ଧୁଙ୍କ ସହିତ ମୁଁ କାଲି ସନ୍ଧ୍ୟାରେ ଚିଲିକା କୂଳକୁ ବୁଲି ଯାଇଥିଲି । ଚିଲିକା କୂଳରୁ ଅଳ୍ପ ଦୂରରେ କେତୋଟି ନୌକା ଥିଲା । ଆଉ କେତୋଟି ନୌକା ପାଲଟାଣି ପାରିକୁଦ ଆଡ଼ୁ ବାଲୁଗାଁ ଆଡ଼କୁ ଆସୁଥିଲା । ପଶ୍ଚିମ ପାଖେ ସୂର୍ଯ୍ୟ ପାହାଡ଼ ପଛରେ ବୁଡ଼ି ଯାଉଥିଲେ । ଲାଲବର୍ଣ୍ଣ ଆକାଶ ସଙ୍ଗରେ ନୀଳବର୍ଣ୍ଣର ପାହାଡ଼ ମିଶିଯାଇ ବଡ଼ ସୁନ୍ଦର ଦିଶୁଥିଲା । ହଂସ, ହଂସଚଢ଼େଇ ପ୍ରଭୃତି ପକ୍ଷୀ ଦଳ ଦଳ ହୋଇ ମୁଣ୍ଡ ଉପରେ ଉଡ଼ି ଯାଉଥିଲେ । ସେମାନଙ୍କର

Digitized by srujanika@gmail.com

ରବ ଶୁଣିବାକୁ ବଡ଼ ମଧୁର । ଚିଲିକା କୂଳ ବାଲିରେ ଅନେକ ଶାମୁକା ପଡ଼ିଥିବାର ଦେଖିଲୁ । ଆମେ ଦୁହେଁ ସେଥିରୁ କିଛି ଗୋଟାଇ ଆଣିଲୁ । ଶାମୁକା ଗୁଡ଼ିକ ନାନା ରଙ୍ଗର ଓ ଆକାରର । ଚିଲିକା କୂଳର ଫୁରୁଫୁରିଆ ପବନ ଦେହକୁ ବଡ଼ ଭଲ ଲାଗୁଥାଏ । ଆମେ କିଛି ସମୟ ବାଲି ଉପରେ ବସିଲୁ । କିଛି କ୍ଷଣ ପରେ ଚନ୍ଦ୍ର ଚିଲିକା ଭିତରୁ ଉଇଁ ଆସିଲେ । ଧୀରେ ଧୀରେ ଚନ୍ଦ୍ରକିରଣ ବାଲି ଗୁଡ଼ିକୁ ଚକ୍ ଚକ୍ କରି ଦେଲା । ଚିଲିକା ଆଡ଼କୁ ଚାହିଁ ଦେଖିଲୁ ଯେ ଗାଢ଼ ନୀଳ ବର୍ଣ୍ଣର ଆକାଶ ସଙ୍ଗରେ ମାହାଡ଼ ମିଶି ଯାଇଅଛି । ପକ୍ଷୀମାନଙ୍କର ରବ ଆଉ ଶୁଣାଗଲା ନାହିଁ । କିଛି ସମୟ ପରେ ଆମ୍ଭେମାନେ ଘରକୁ ଫେରି ଆସିଲୁ ।

୨ । କାଠଯୋଡ଼ି ନଦୀର ଏକ ପାର୍ଶ୍ୱରେ କଟକ ନଗର । ଅନ୍ୟ କୂଳରେ କେତୋଟି ଛୋଟ ଗ୍ରାମ ଅବସ୍ଥିତ । ଏ ଦୁଇ କୂଳ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଦେଖାଯାଏ । କଟକ ନଗରର ଲୋକମାନଙ୍କ ଗହଳଚହଳ ଗ୍ରାମମାନଙ୍କରେ ଶୁଣିବାକୁ ମିଳେ ନାହିଁ । କଟକର କୋଠାବାଡ଼ି ଦେଖିଲେ ଜଣାଯାଏ, ଏଠାରେ ଧନୀ ଲୋକଙ୍କର ବାସ; କିନ୍ତୁ ଗ୍ରାମରେ କୋଠାଘର ଦେଖିବାକୁ ବିରଳ; ଲୋକେ ଗରିବ, ସନ୍ଧ୍ୟା ହେଲାକ୍ଷଣି କଟକର ଶତ ଶତ ବିଜୁଳିବତୀ ଜଳି ଉଠେ; କାଠଯୋଡ଼ି କୂଳ ଆଲୁଅରେ ଦିନ ପରି ହୋଇ ଯାଏ; ମାତ୍ର କାଠଯୋଡ଼ିର ଆରପାରିରେ ଘୋର ଅନ୍ଧକାର । ଗାଁର ଘର ଓ ଗଛ ଜହ୍ଲା ଭିତରୁ ଦୁଇ ଗୁଟା ଛୋଟ ଆଲୁଅ ମିଞ୍ଜି ମିଞ୍ଜି ହୋଇ ଦେଖା ଯାଉଥାଏ । ସତେ ଯେପରି କି ସହରର ଧନ, ଆଡ଼ମ୍ବର ପ୍ରଭୃତି ଦେଖି ପଲ୍ଲୀ ଗାଁ ଲଜ୍ଜାରେ ଓ ଭୟରେ ଜୁଳୁ ଜୁଳୁ ହୋଇ ଚାହିଁଛନ୍ତି ।

Digitized by srujanika@gmail.com

୩ । ସନ୍ଧ୍ୟା ହେଲେ କଟକର ବହୁସଂଖ୍ୟକ ଲୋକ କାଠଯୋଡ଼ି ବନ୍ଧରେ ବୁଲି ହାଉଆ ଖାଆନ୍ତି । ଏହି ବନ୍ଧ ଶହ ଶହ ବର୍ଷ ହେଲା ଏଠାରେ ଏହିପରି ରହି ଓଡ଼ିଆ ଜାତିକୁ ରକ୍ଷା କରି ଆସିଅଛି । ଏହି ବନ୍ଧ ନଥିଲେ କାଠଯୋଡ଼ିର ବଢ଼ିରେ ଆମ ଦେଶ ଛାରଖାର ହୋଇ ଯାଆନ୍ତାଣି ଓ ଓଡ଼ିଆ ଜାତି ଆସି ଲୋପ ପାଆନ୍ତାଣି, କିନ୍ତୁ ଏହି ପଥର ବନ୍ଧ ଯୋଗେ ବଢ଼ି ପାଣି କୂଳ ବୁଡ଼ାଇ ଯାଇ ପାରୁ ନାହିଁ କିମ୍ବା କିଛି ଅନିଷ୍ଟ କରିପାରୁ ନାହିଁ । ତେଣୁ ଏହି ବନ୍ଧ ଆମ ଜାତିର ଆୟୁ ବଢ଼ାଇଛି ବୋଲି କୁହା ହୋଇଛି ।

୪ । ଲେଉଟିଲେ—ପ୍ରତ୍ୟାବର୍ତ୍ତନ କଲେ । ସାରି—ସମ୍ପାଦନ କରି । ପଛକୁ—ପଶ୍ଚାରୁ । ଆଗରୁ—ପୂର୍ବରୁ । ଲିଭିଅଛି—ନିର୍ବାପିତ ହୋଇଅଛି । ଧାଏଁ—ଧାବମାନ ହୁଏ । ଧୂଆଁ ଛାଡ଼ି—ଧୂମ ନିର୍ଗମନ କରି । ବିତ—ଅତୀତ ହୋଇ । ବଢ଼ି—ବନ୍ୟା ।

୫ । ସକର୍ମକ କ୍ରିୟା—ଲେଉଟନ୍ତି, ସାରି, ପୋଛି, ଛୁଏଁ; ଛାଡ଼ି ।

ଅକର୍ମକ କ୍ରିୟା—ଲୁଚେ, ଭ୍ରମି, ଆସ, ଲିଭିଅଛି, ଧାଏଁ ।

—✱—

(୧୫) କବି ଇକ୍‌ବାଲ୍

୦

ଡକ୍ଟର ଅହମ୍ମଦ ଇକ୍‌ବାଲ୍ ଆଧୁନିକ ଯୁଗର ଜଣେ ବଡ଼ କବି । ସେ କେବଳ ଭାରତରେ ପ୍ରସିଦ୍ଧ ନୁହନ୍ତି, ଭାରତ ବାହାରେ ମଧ୍ୟ ତାଙ୍କର ଖ୍ୟାତି ଅଛି । ସେ ୧୮୭୩ ମସିହାରେ ପଞ୍ଜାବର ସିଆଲକୋଟ୍ ଠାରେ ଜନ୍ମିଥିଲେ । ତାଙ୍କର ପୂର୍ବ ପୁରୁଷ କାଶ୍ମୀରୀ ବ୍ରାହ୍ମଣ ଥିଲେ;

Digitized by srujanika@gmail.com

ପରେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ତେଣୁ ଇକ୍‌ବାଲ୍‌ଙ୍କ ଉପରେ ହିନ୍ଦୁ ଓ ମୁସଲମାନ ଦୁଇ ଧର୍ମର ପ୍ରଭାବ ଦେଖାଯାଏ ।

ବାଲ୍ୟଶିକ୍ଷା ପରେ ଇକ୍‌ବାଲ୍ ସିଆଲକୋଟ୍‌ର ସ୍କଚ୍ କଲେଜର ଜଣେ ଅଧ୍ୟାପକ ମିର୍ ହାସାନଙ୍କଠାରୁ ଅରବୀ ଓ ପାରସୀ ଶିକ୍ଷା କରି-ଥିଲେ । ଏହି ଦୁଇ ଭାଷାରେ ସେ ପାଣ୍ଡିତ୍ୟ ଲାଭ କରିଥିଲେ । ଲାହୋର ସରକାରୀ କଲେଜରୁ ଏମ୍. ଏ. ପାଶ୍ କରି ସେ ଓରିଏଣ୍ଟାଲ କଲେଜରେ ଆରବୀ ଭାଷାର ଅଧ୍ୟାପକ ହେଲେ । କେତେକ କାଳ ପରେ ସେ ବିଲାତ ଯାଇ ବାରିଷ୍ଟରୀ ପାଶ୍ କଲେ ଓ ଦର୍ଶନ ଶାସ୍ତ୍ରରେ ଡକ୍ଟର ଉପାଧି ପାଇଲେ । ବିଲାତରୁ ଫେରି ସେ ଲାହୋରରେ ବାରିଷ୍ଟରି କଲେ । ମାତ୍ର ସାହିତ୍ୟ ଓ ଦର୍ଶନ ଚର୍ଚ୍ଚା ପ୍ରତି ତାଙ୍କର ବେଶୀ ଆଗ୍ରହ ଥିଲା ।

କବିତା ଲେଖିବା ଦିଗରେ ସେ ଛାତ୍ର ଅବସ୍ଥାରୁ ଆକୃଷ୍ଟ ହୋଇଥିଲେ । କଲେଜରେ ପଢ଼ିବା ପୂର୍ବରୁ ସେ କେତେଗୁଡ଼ିଏ ସଙ୍ଗୀତ ଉର୍ଦ୍ଦୁ ଭାଷାରେ ଲେଖି ସେଗୁଡ଼ିକୁ ସଂଶୋଧନ କରି ଦେବାପାଇଁ ସେ ଦିଲ୍ଲୀର ପ୍ରସିଦ୍ଧ କବି ଦାଘ୍‌ଙ୍କ ପାଖକୁ ପଠାଇଥିଲେ । ସେ ଏହି ସଙ୍ଗୀତ ଗୁଡ଼ିକ ପଢ଼ି ଖୁବ୍ ପ୍ରଶଂସା କରି କହିଥିଲେ— ଏଗୁଡ଼ିକର ସଂଶୋଧନ ଦରକାର ନାହିଁ ।

ଇକ୍‌ବାଲ୍‌ଙ୍କର ପାରସୀ ଭାଷାରେ ଲିଖିତ "ଆତ୍ମାର ଗୋପନ ଭାବ" କବିତା ବହିଟି ପୃଥିବୀରେ ଆଦର ପାଇଥିଲା । ଇଂଲଣ୍ଡ, ଆମେରିକା, ଜର୍ମାନି, ଇଟାଲି ପ୍ରଭୃତି ଦେଶରେ ଏ ପୁସ୍ତକର ଅନୁବାଦ ପ୍ରକାଶ ପାଇଅଛି ।

ତାଙ୍କର ଅନେକ କବିତାରେ ଜାତୀୟ ପ୍ରେମର ପରିଚୟ ମିଳେ । ଭାରତକୁ ସେ କିପରି ଆଦର କରନ୍ତି ତାହା ତାଙ୍କ କବିତାମାନଙ୍କରୁ ଜଣାଯାଏ ।

Digitized by srujanika@gmail.com

ସେ ଲାହୋର ବିଶ୍ୱ ବିଦ୍ୟାଳୟର ଜଣେ ସଦସ୍ୟ ଥିଲେ ଏବଂ ଶିକ୍ଷାର ଉନ୍ନତି ଲାଗି ମୂଲ୍ୟବାନ୍ ପରାମର୍ଶ ଦେଉଥିଲେ ।

ଥରେ ଜଣେ ୟୁରୋପୀୟ ଭ୍ରମଣକାରୀ ପଞ୍ଜାବର ଲାଟ ସାହେବଙ୍କ ଅତିଥି ହୋଇଥିଲେ । ସେ ଏଥି ପୂର୍ବରୁ ଇକ୍‌ବାଲ୍‌ଙ୍କ କବିତାର ପ୍ରଶଂସା ଶୁଣିଥିଲେ । ସେ ଇକ୍‌ବାଲ୍‌ଙ୍କ ସାକ୍ଷାତ ପାଇଁ ତାଙ୍କୁ ଲାଟ ଭବନକୁ ନିମନ୍ତ୍ରଣ କଲେ । ସେଠାରେ ପରିବ୍ରାଜକଙ୍କ ସହିତ ଇକ୍‌ବାଲ୍‌ଙ୍କର କଥାବାର୍ତ୍ତା ହେଲା । ସେଠାରେ ଲାଟ ସାହେବ ମଧ୍ୟ ଥିଲେ । ସେ ଜାଣି ପାରିଲେ ଯେ ଇକ୍‌ବାଲ୍ ଜଣେ ଉଚ୍ଚ ଦରର କବି ଓ ଦାର୍ଶନିକ । ଲାଟଙ୍କ ପ୍ରସ୍ତାବ ଅନୁସାରେ ଇକ୍‌ବାଲ୍ ସରକାରଙ୍କଠାରୁ ସାର୍ ଉପାଧି ପାଇଲେ । ସେ ପଞ୍ଜାବ ବ୍ୟବସ୍ଥା ସଭାର ଜଣେ ସଭ୍ୟ ଥିଲେ ଏବଂ ବିଲାତର ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ ।

ଇକ୍‌ବାଲଙ୍କର ଶେଷ ଜୀବନ ଶାନ୍ତିରେ କଟି ନ ଥିଲା । ପତ୍ନୀଙ୍କର ମୃତ୍ୟୁ ଓ ନିଜର ଅସ୍ୱାସ୍ଥ୍ୟ ତାଙ୍କୁ କଷ୍ଟ ଦେଇଥିଲା । ସେ ୧୯୩୮ ମସିହାରେ ପରଲୋକ ଗମନ କଲେ ।

କଠିନ ଶବ୍ଦମାନଙ୍କର ଅର୍ଥ—

ଖ୍ୟାତି—ପ୍ରଶଂସା; ସ୍ୱଦେଶ—ନିଜଦେଶ ଅର୍ଥାତ୍ ଭାରତ; ଅତିକ୍ରମ କରି—ପାରି ହୋଇ; କାଶ୍ମୀରୀ—କାଶ୍ମୀର ଦେଶର; ଇସଲାମ—ମୁସଲମାନ; ପ୍ରଗାଢ଼—ଅତ୍ୟଧିକ; ଅନୁରାଗ—ଆଦର; ଉତ୍ତୀର୍ଣ୍ଣ ହୋଇ—ପାସ୍ କରି; ଆଶାନୁରୂପ—ଯେତେ ଦୂର ଆଶା କରାଯାଏ; ବରିଷ୍ଠ—ଜଣାଶୁଣା; ଅନାବଶ୍ୟକ—ଅଦରକାରୀ; ଇରାନ—ପାରସ୍ୟ ଦେଶ; ବ୍ୟାପ୍ତ ହେଲା—ପ୍ରଚାର ପାଇଲା; ସମକକ୍ଷ—ସମାନ; ତରୁଣ—ଯୁବକ; ଆଦର୍ଶ—ଲକ୍ଷ୍ୟ; ପରିଗଣିତ ହେବା—ଗଣାଯିବା;

Digitized by srujanika@gmail.com

କର୍ମକ୍ଷେତ୍ର— କାର୍ଯ୍ୟସ୍ଥଳୀ; ତତ୍ପର—ଚେଷ୍ଟିତ, ସଦସ୍ୟ—ସଭ୍ୟ; ବିବେଚିତ ହେଉଥିଲା—ମନେ କରାଯାଉଥିଲା; ଉପାଖ୍ୟାନ—ଗଳ୍ପ; ପରିବ୍ରାଜକ—ଭ୍ରମଣକାରୀ; ଅବସ୍ଥାନ କାଳରେ—ରହିଥିବା ସମୟରେ; ଅନଭିଜ୍ଞ ଥିଲେ—କିଛି ଜାଣି ନ ଥିଲେ; ଏହି ସୂତ୍ରରେ—ଏହି ପ୍ରକାରେ; କଥୋପକଥନ—କଥାବାର୍ତ୍ତା; ପରିଚୟ ପାଇ—ଜାଣିପାରି; ଆଧୁନିକ—ଆଜିକାଲିର; ବିୟୋଗ—ମୃତ୍ୟୁ; କ୍ଲେଶ—ଦୁଃଖ; ବ୍ୟାଘାତ—ବାଧା; କବର—ମୃତ ଦେହକୁ ପୋତିବା; ସମାପ୍ତି—ଶେଷ ।

ଟିପ୍ପଣୀ—

ଦୁଇଟି ଧର୍ମର ସ୍ରୋତ ମିଳି ହୋଇଥିଲା--ଇକ୍‌ବାଲ୍‌ଙ୍କ ପୂର୍ବ ପୁରୁଷମାନେ କାଶ୍ମୀର ଦେଶର ବ୍ରାହ୍ମଣ ଥିଲେ । ହିନ୍ଦୁମାନଙ୍କ ମଧ୍ୟରେ ବ୍ରାହ୍ମଣମାନେ ସବୁଠାରୁ ଉଚ୍ଚ ଜାତି । ସେମାନଙ୍କ ମଧ୍ୟରେ ଶାସ୍ତ୍ର ଚର୍ଚ୍ଚା ବେଶି । ହିନ୍ଦୁ ଧର୍ମର କେତେକ ଗୁଣ ତାଙ୍କ ବଂଶରେ ଚଳି ଆସୁଥିଲା । ମୁସଲମାନ ଧର୍ମ ଗ୍ରହଣ କରିବା ଫଳରେ ତାଙ୍କର ବଂଶରେ ଏହି ଧର୍ମର କେତେ ଗୁଣ ପ୍ରବେଶ କଲା । ଏହିରୂପେ ଇକ୍‌ବାଲ୍‌ଙ୍କ ଜୀବନ ଉପରେ ହିନ୍ଦୁ ଓ ମୁସଲମାନ ଦୁଇ ଧର୍ମର ପ୍ରଭାବ ପଡ଼ିଥିଲା ।

ଦର୍ଶନ ଶାସ୍ତ୍ର—ମନୁଷ୍ୟ ଜୀବନ କାହିଁ ଆସିଲା, କୁଆଡ଼େ ଯିବ, ଈଶ୍ୱର କିଏ, ଈଶ୍ୱରଙ୍କ ସହିତ ମନୁଷ୍ୟର ସମ୍ବନ୍ଧ କଅଣ; ଏ ସଂସାର କିପରି ହେଲା, ଏହିପରି ବିଷୟମାନଙ୍କର ଚର୍ଚ୍ଚା ଯେଉଁ ଶାସ୍ତ୍ରରେ ହୋଇଥାଏ ତାକୁ ଦର୍ଶନ ଶାସ୍ତ୍ର କହନ୍ତି ।

ନିଜାମ—ଦକ୍ଷିଣ ଭାରତରେ ହାଇଦ୍ରାବାଦ ବୋଲି ଗୋଟିଏ ଦେଶୀୟ ରାଜ୍ୟ ଥିଲା । ଏହାର ଶାସନ କର୍ତ୍ତାଙ୍କର ଉପାଧି ଥିଲା ନିଜାମ । ଏବେ ଏହା ଭାରତ ସହିତ ମିଶି ଯାଇଛି ।

Digitized by srujanika@gmail.com

ଇସ୍ତାନ—ପାରସ୍ୟର ଅଧୁନାତନ ନାମ ।

ଆଦର୍ଶ—ଯାହାକୁ ଶ୍ରେଷ୍ଠ ମନେ କରି ଅନୁକରଣ କରାଯାଏ ।

ସାର୍—ଉଚ୍ଚ ସମ୍ମାନସୂଚକ ଉପାଧି ।

ବ୍ୟବସ୍ଥାପକ ସଭା—ଦେଶରେ ଆଇନ ତିଆରି କରିବା ଓ ଶାସନର ବ୍ୟବସ୍ଥା କରିବା ଲାଗି ପ୍ରତି ପ୍ରଦେଶ (ଷ୍ଟେଟ) ପାଇଁ ଗୋଟିଏ ଲେଖାଏଁ ବ୍ୟବସ୍ଥାପକ ସଭା ଅଛି । କୌଣସି କୌଣସି ଷ୍ଟେଟରେ ଦୁଇଟି ସଭା ମଧ୍ୟ ଥାଏ ।

ଗୋଲଟେବୁଲ ବୈଠକ—ଭାରତର ଲୋକେ ସ୍ୱାଧୀନ ହେବା ପାଇଁ ଅସହଯୋଗ ଆନ୍ଦୋଳନ କରୁଥିଲେ । ଭାରତ ଶାସନରେ କପରି ପରିବର୍ତ୍ତନ ହେବା ଉଚିତ ଏହାର ବିଚାର କରିବା ପାଇଁ ବିଲାତ ସରକାର ଭାରତର କେତେକ ନେତାଙ୍କୁ ଡକାଇ ନେଇ ଗୋଟିଏ ସଭା ବସାଇ ଥିଲେ । ଏହାର ନାମ 'ଗୋଲ ଟେବୁଲ ବୈଠକ' । ଏ ବୈଠକରେ ଥରେ ମହାତ୍ମା ଗାନ୍ଧି ଯୋଗ ଦେଇଥିଲେ ।

କବର—ହିନ୍ଦୁମାନେ ଶବକୁ ପୋଡ଼ି ଦିଅନ୍ତି । କିନ୍ତୁ ଖ୍ରୀଷ୍ଟିଆନ ଓ ମୁସଲମାନମାନେ ଶବକୁ ପୋତି ଦିଅନ୍ତି । ଏହି ପୋତିବାକୁ କବର ଦେବା କହନ୍ତି ।

ସରଳାର୍ଥ—

ତାହାଙ୍କ କବିତା ହୋଇଅଛି (ପୃ ୭୯)

ଇକ୍‌ବାଲ ଜଣେ ବଡ଼ କବି । ତାଙ୍କର ଅଧିକାଂଶ କବିତାରେ ଦେଶପ୍ରେମ ପ୍ରକାଶିତ । ଆଜିକାଲି ଯୁବକ କବିମାନେ ଇକ୍‌ବାଲଙ୍କ ଦେଶପ୍ରୀତିପୂର୍ଣ୍ଣ କବିତାକୁ ଉତ୍କୃଷ୍ଟ କବିତା ବୋଲି ମନେ କରନ୍ତି ଓ ତାଙ୍କର ପରି କବିତା ଲେଖିବାକୁ ଚେଷ୍ଟା କରନ୍ତି ।

Digitized by srujanika@gmail.com

ପତ୍ନୀ ବିୟୋଗ······ପାରି ନ ଥିଲା [ପୃ୯୭]

କବି ଇକ୍‌ବାଲ୍‌ଙ୍କ ଶେଷଜୀବନ ବଡ଼ ଦୁଃଖରେ କଟିଥିଲା । ତାଙ୍କର ସ୍ତ୍ରୀ ସେତେବେଳକୁ ମରି ଯାଇଥିଲେ । ସେଥିରେ ପୁଣି ତାଙ୍କର ଦେହ ସୁସ୍ଥ ରହୁ ନ ଥିଲା । ମନରେ ଦୁଃଖ ଓ ଦେହରେ କଷ୍ଟ; ଏପରି ଅବସ୍ଥାରେ ସାଧାରଣ ଲୋକପକ୍ଷରେ କବିତା ଲେଖିବା ସମ୍ଭବ ନୁହେଁ । କିନ୍ତୁ ଇକ୍‌ବାଲ୍ ଏ ସବୁ ଅସୁବିଧା ଭିତରେ ମଧ୍ୟ ସାହିତ୍ୟ ଚର୍ଚ୍ଚା କରୁଥିଲେ ।

ପଦ ପରିବର୍ତ୍ତନ— ବିଶେଷ୍ୟରୁ ବିଶେଷଣ : ଭାରତ—ଭାରତୀୟ କାଶ୍ମୀର—କାଶ୍ମୀରୀ; ଶିକ୍ଷା—ଶିକ୍ଷିତ; ଅନୁରାଗ—ଅନୁରାଗୀ; ନିୟୋଗ—ନିଯୁକ୍ତ; ଭୂଷଣ—ଭୂଷିତ; ଉନ୍ନତି—ଉନ୍ନତ; ରଚନା—ରଚିତ; ପ୍ରକାଶ—ପ୍ରକାଶିତ; ବିବେଚନା—ବିବେଚିତ; ବର୍ଣ୍ଣନା—ବର୍ଣ୍ଣିତ; ବିସ୍ମୟ—ବିସ୍ମିତ; ପ୍ରଶଂସା—ପ୍ରଶଂସିତ; ନିମନ୍ତ୍ରଣ—ନିମନ୍ତ୍ରିତ; ପରିଚୟ—ପରିଚିତ; ସାହିତ୍ୟ—ସାହିତ୍ୟିକ; ସ୍ଥାପନ—ସ୍ଥାପିତ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଇକ୍‌ବାଲ୍ ଜଣେ ପ୍ରସିଦ୍ଧ କବି ଥିଲେ । ସାହିତ୍ୟ ଚର୍ଚ୍ଚା କରିବାକୁ ସେ ନିଜ ଜୀବନର ପ୍ରଧାନ କର୍ତ୍ତବ୍ୟ ମନେ କରୁଥିଲେ । ସେ ସାହିତ୍ୟ ଚର୍ଚ୍ଚା କରୁଥିଲେ ବୋଲି ଯେ ଅନ୍ୟ କୌଣସି କାର୍ଯ୍ୟ କରୁ ନ ଥିଲେ ତାହା ନୁହେଁ । ଭାରତର ଲୋକେ କିପରି ଭଲ ଶିକ୍ଷା ପାଇବେ ସେଥିପାଇଁ ମଧ୍ୟ ସେ ଚେଷ୍ଟା କରୁଥିଲେ ।

୨ । (ସାରକଥା ଦେଖ)

୩ । (ସାରକଥା ଦେଖ)

Digitized by srujanika@gmail.com

୪ । ପ୍ରଗାଢ଼—ଖୁବ୍ ବେଶି; ଅଧ୍ୟାପକ—କଲେଜ ବା ବିଶ୍ୱବିଦ୍ୟାଳୟର ଶିକ୍ଷକ; ପ୍ରସାର—ବ୍ୟାପିଯିବା; ସମକକ୍ଷ—ସମାନ; କର୍ମକ୍ଷେତ୍ର—କାର୍ଯ୍ୟର ସ୍ଥାନ ଅର୍ଥାତ୍ ବିଷୟ; ପରିବ୍ରାଜକ—ଭ୍ରମଣକାରୀ; ମହାସମାରୋହ—ଖୁବ୍ ଆଡ଼ମ୍ବର ।

—✱—

(୧୬) ବାରଶହ ବଢ଼େଇରେ ବାୟୁ—୧

ଓଡ଼ିଶାର କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ପୃଥିବୀରେ ବିଖ୍ୟାତ । ଗଙ୍ଗବଂଶର ରାଜା ନରସିଂହ ଦେବ ଏହାକୁ ତିଆରି କରାଇଥିଲେ । ବାରଶହ କାରିଗର ଷୋଳବର୍ଷ ଲାଗି ଏହାକୁ ତିଆରି କରିଥିଲେ । ଏଥିରେ ପ୍ରାୟ ଗୁଳିଶ କୋଟି ଟଙ୍କା ଖରଚ ହୋଇଥିଲା । ଏବେ ଦେଉଳଟି ଭାଙ୍ଗି ପଡ଼ୁଛି; କେବଳ ମୁଖଶାଳାଟି ଅଛି ।

ଶୁଣାଯାଏ ଯେ କୌଣସି କାରିଗର ଏହି ଦେଉଳର ଚୂଡ଼ାକୁ ଠିକ୍ କରି ବସାଇ ପାରିଲେ ନାହିଁ । ଧର୍ମପଦ ବୋଲି ବାରବର୍ଷର ଗୋଟିଏ ବଢ଼େଇ ପିଲା ଏହି କାମ ପୂର୍ଣ୍ଣ କରିଥିଲା ।

ଧର୍ମପଦ ଜନ୍ମ ହେବାର ଅଳ୍ପଦିନ ପୂର୍ବରୁ ତାର ବାପା କୋଣାର୍କ ମନ୍ଦିର କାମ କରିବାକୁ ଚାଲି ଯାଇଥିଲେ । ତେଣୁ ଧର୍ମପଦ ମାଆ ପାଖରେ ରହୁଥାଏ । ଦିନେ ଧର୍ମପଦ ପାଠଶାଳାରେ ପଢ଼ୁଥିଲା । ତାର ଖଡ଼ି ସରି ଯିବାରୁ ସେ ସାଥି ପିଲାଙ୍କୁ ଖଡ଼ିଟି ଦେବାକୁ କହିଲା । ସେ ଧର୍ମପଦକୁ ତା ବାପ ନାଁ ପଚାରିଲା । ଧର୍ମପଦ ବାପ ନାଁ ଜାଣି ନ ଥିବାରୁ କହି ପାରିଲା ନାହିଁ । ପିଲା ଖଡ଼ି ନ ଦେଇ ଥଟ୍ଟା କଲା । ଧର୍ମପଦର ମନରେ କଷ୍ଟ ହେଲା । ସେ ଘରକୁ ଆସି ସବୁ କଥା ମାଆ ଆଗରେ କହିଲା । ମା ବୁଝାଇ

Digitized by srujanika@gmail.com

କହିଲେ ଯେ ତାଙ୍କ ବାପା ଷୋଳବର୍ଷ ହେଲା ବାରଶ ବଢ଼େଇ ସେନା କୋଣାର୍କ ଦେଉଳ ତିଆରି କରୁଛନ୍ତି । ତାର ବାପା ବଢ଼େଇମାନଙ୍କର ସରଦାର ।

ଧର୍ମପଦର ମନ ବାପାଙ୍କୁ ଦେଖିବା ପାଇଁ ଉଚ୍ଛନ୍ନ ହେଲା । ଯେଉଁ ଦେଉଳ ତିଆରି କରିବା ପାଇଁ ବାରଶହ କାରିଗର ଷୋଳବର୍ଷ ହେଲା ଲଗିଲେଣି ତାକୁ ମଧ୍ୟ ଦେଖିବାକୁ ତାର ମନ ହେଲା । ବାପାଙ୍କ ପାଖକୁ ଯିବାପାଇଁ ସେ ମାଆ ପାଖରେ ଅଳି କଲା ।

ପ୍ରଥମେ ମାଆ ଧର୍ମପଦକୁ ଛାଡ଼ି ଦେଉ ନ ଥିଲେ । ପୁଅଟି ତାଙ୍କର ଏକମାତ୍ର ଭରସା; ତାକୁ ଦୂର ଦେଶକୁ ଏକୁଟିଆ ଛାଡ଼ି ଦେବେ କିପରି ? କିନ୍ତୁ ଧର୍ମପଦର ଏକା ଜିଦ, ସେ କୋଣାର୍କ ଯିବ, ତାର ବାପାଙ୍କୁ ଦେଖିବ ।

ଶେଷରେ ଧର୍ମପଦ କୋଣାର୍କ ଯିବାର ହେଲା । ମାଆ ପୁଅକୁ ଆଶୀର୍ବାଦ କଲେ । ଗଲାବେଳେ ମାଆ ବାଡ଼ିରୁ କିଛି ବରକୋଳି ଦେଇ କହିଲେ, "ତୁ ତ କେବେ ବାପାଙ୍କୁ ଦେଖି ନାହୁଁ । ତାଙ୍କୁ ଚିହ୍ନିବୁ କିପରି ? ଆମ ବାଡ଼ିର ବରକୋଳି ନେଇଥା; ଏହାକୁ ଦେଖିଲେ ତୋର ବାପା ତୋତେ ଚିହ୍ନି ପାରିବେ ।"

ଧର୍ମପଦ କୋଳିତକ ଧରି କୋଣାର୍କକୁ ବାହାରିଲା ।

କଠିନ ଶବ୍ଦମାନଙ୍କର ଅର୍ଥ—

ଶିଳ୍ପନୈପୁଣ୍ୟ—କାରିଗରିର ବାହାଦୁରୀ; ଜଗତ୍ ବିଖ୍ୟାତ—ପୃଥିବୀରେ ଜଣାଶୁଣା; ମୁଖଶାଳା—ଦେଉଳ ଭିତରକୁ ଯିବାର ଦ୍ୱାରମୁହଁ ପାଖରେ ଯେଉଁ ଛୋଟ ଦେଉଳ ଥାଏ; ବିଜୁଳି—ଖଣ୍ଡିଆ; ଚୂଡ଼ା—ଦେଉଳର ଅଗ; ସମାପ୍ତ କରିବା—ଶେଷ କରିବା; ମାତୃଗର୍ଭ—ମାଆପେଟ; ନିର୍ମାଣ—ତିଆରି; ମଳିନ ମୁଖରେ—ମୁହଁ ଶୁଖାଇ; ମହୋଦଧି—ପୂର୍ବ ସମୁଦ୍ର; ଗଜପତି—ସମ୍ରାଟ୍;

Digitized by srujanika@gmail.com

ଅବିକଳ—ଠିକ୍; ସରସ—ଶ୍ରେଷ୍ଠ; ଉଚ୍ଛନ୍ନ—ଅଧଃପତନ; ସମାଗ୍ରାଚାର—ଖବର।

ସାଧୁ ଶବ୍ଦ—

ମୁଖିଆ—ମୁଖ୍ୟ; ଦେଉଳ—ଦେବକୁଳ ବା ଦେବାଳୟ; ଚକ—ଚକ୍ର; ଅଖ—ଅକ୍ଷ; ଲୁହ—ଲୋତକ।

ସନ୍ଧି—କୋଣାର୍କ (କୋଣ+ଅର୍କ); ମହୋଦଧି (ମହା+ଉଦଧି); ଆଶୀର୍ବାଦ (ଆଶୀଃ+ବାଦ); ଉଚ୍ଛନ୍ନ (ଉତ୍+ଛନ୍ନ)।

ପଦ ପରିବର୍ତ୍ତନ—ବିଶେଷଣରୁ ବିଶେଷ୍ୟ: ନିପୁଣ—ନୈପୁଣ୍ୟ; ପ୍ରଧାନ—ପ୍ରାଧାନ୍ୟ; ସମାପ୍ତ—ସମାପ୍ତି; କୋମଳ—କୋମଳତା।

ଟିପ୍ପଣୀ—

ଗଙ୍ଗବଂଶ—ଓଡ଼ିଶାରେ କେଶରୀ ବଂଶ ପରେ ଗଙ୍ଗବଂଶର ରାଜାମାନେ ୧୦୭୭ ଠାରୁ ୧୪୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ଚୋଡ଼ଗଙ୍ଗ ଦେବ ଏହି ବଂଶର ପ୍ରଥମ ରାଜା। ଏହି ବଂଶର ଅନଙ୍ଗଭୀମ ଦେବ ପୁରୀରେ ଜଗନ୍ନାଥ ମନ୍ଦିର, ଓ ନରସିଂହ ଦେବ କୋଣାର୍କରେ ସୂର୍ଯ୍ୟମନ୍ଦିର ନିର୍ମାଣ କରାଇଥିଲେ।

କୋଣାର୍କ ମନ୍ଦିର—ସୂର୍ଯ୍ୟଙ୍କ ପୂଜା ନିମନ୍ତେ ଏହା ନିର୍ମିତ ହୋଇଥିଲା। ଏହାର କାରୁକାର୍ଯ୍ୟ ପୃଥିବୀରେ ଶ୍ରେଷ୍ଠ। ଏଥିରେ ଗୋଟିଏ ଚୁମ୍ବକ ପଥର ଥିଲା। କଳାପାହାଡ଼ ମନ୍ଦିରକୁ ଆକ୍ରମଣ କରି ଏହାକୁ ନେଇଗଲା। ପରେ ମନ୍ଦିରଟି ଭାଙ୍ଗି ପଡ଼ିଲା।

ମୁଖଶାଳା—ପ୍ରଧାନ ମନ୍ଦିରର ପ୍ରବେଶ ଦ୍ୱାରରେ ଗୋଟିଏ ଛୋଟ ମନ୍ଦିର ଥାଏ। ଏହାକୁ ମୁଖଶାଳା କୁହାଯାଏ। କୋଣାର୍କ ମନ୍ଦିର ଭାଙ୍ଗିଯାଇ ଥିଲେହେଁ ତାର ମୁଖଶାଳାଟି ରହିଅଛି।

Digitized by srujanika@gmail.com

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୦ । ପୁରୀଠାରୁ ପ୍ରାୟ କୋଡ଼ିଏ ମାଇଲ ଦୂରରେ ଉତ୍ତର-ପୂର୍ବ ଦିଗରେ କୋଣାର୍କ ଅଛି । ଏହା ସମୁଦ୍ରର ଖୁବ ନିକଟ । କୋଣାର୍କ ମନ୍ଦିର ଗଙ୍ଗବଂଶର ରାଜା ନରସିଂହ ଦେବଙ୍କ ଦ୍ୱାରା ତିଆରି ହୋଇଥିଲା ।

୨ । ଧର୍ମପଦ ଦିନେ ପାଠଶାଳାରୁ ଆସି ତାର ମାଆକୁ କହିଲା ଯେ ସେ ବାପର ନାଆଁ କହି ନ ପାରିବାରୁ ସାଥି ପିଲାମାନେ ତାକୁ ଅପମାନ ଦେଲେ । ତାର ବାପା କିଏ, କୁଆଡ଼େ ଅଛନ୍ତି, କଅଣ କରୁଛନ୍ତି ପଚାରିବାରୁ ମାଆ କହିଲେ ଯେ ତାର ବାପା ଜଣେ ଶ୍ରେଷ୍ଠ କାରିଗର । ସେ ବାରଣ ବଢ଼େଇ ସେଠାରେ ପୋଳ ବର୍ଷ ହେଲା ସୂର୍ଯ୍ୟଙ୍କ ପାଇଁ ଗୋଟିଏ ମନ୍ଦିର ତିଆରି କରୁଅଛନ୍ତି । ଏହି ମନ୍ଦିର ରାଜା ନରସିଂହ ଦେବ ତୋଳାଉଅଛନ୍ତି । ଦେଉଳଟି ଗୋଟିଏ ରଥ ଆକାରରେ ହେଉଛି । ଏହାର କାରିଗରି ଅନ୍ୟ ଦେଉଳମାନଙ୍କର କାରିଗରିଠାରୁ ସରସ । ମାଆଠାରୁ ସବୁ ଶୁଣି ଧର୍ମପଦ ବାପାଙ୍କ ପାଖକୁ ଯିବାକୁ ଜିଦ ଧରିଲା । ଶେଷରେ ମାଆ ବାଡ଼ିରୁ କିଛି ବଇକୋଳି ତୋଳିଆଣି ଦେଲେ ଓ କହିଲେ, "ଏ କୋଳିତକ ସାଥିରେ ନେ । ତୁ ତ ବାପାଙ୍କୁ କେବେ ଦେଖି ନାହୁଁ । ଏ କୋଳି ଦେଖିଲେ. ତୋର ବାପା ତୋତେ ଚିହ୍ନି ପାରିବେ ।"

୩ । ଟେକ ରଖିବା—ବଡ଼ ପଣକୁ ତଳେ ନ ପକାଇବା । ରକ୍ତ ଶୁଖିଯିବା—ଅତିଶୟ ଭୟ ପାଇବା । ବୁକୁ କୁଣ୍ଢେ ମୋଟ ହେବା—ମନରେ ବିଶେଷ ଗର୍ବ ଅନୁଭବ କରିବା । ମନ ପାଣ୍ଡି ହେବା—ମନରେ ସନ୍ଦେହ ଜାତ ହେବା, ଅଥୟ ହେବା ।

Digitized by srujanika@gmail.com

[୧୭] ବାରଶହ ବଢ଼େଇରେ ଧାଡ଼ି-୨

ସାରକଥା—

ଧର୍ମପଦ କୋଣାର୍କରେ ପହଞ୍ଚି ଶୁଣିଲା ଦେଉଳ ପ୍ରାୟ ଶେଷ ହେଲାଣି । କିନ୍ତୁ କେହି ଦେଉଳର ମୁଣ୍ଡି ମାରି ପାରୁ ନ ଥିବାରୁ ରଜା ହୁକୁମ ଦେଇଛନ୍ତି ଯେ ସେହି ଦିନ ଭିତରେ ଦେଉଳ ମୁଣ୍ଡି ମାରି ନ ପାରିଲେ ବାରଶ ବଢ଼େଇଙ୍କର ମୁଣ୍ଡ କାଟ ହେବ । ଧର୍ମପଦ କାରିଗରି କାମ ମଧ୍ୟ ଶିଖିଥିଲା । ସେ ଭଲ କରି ଦେଉଳକୁ ପରୀକ୍ଷା କଲା । ଶେଷରେ ଦେଉଳର ଚୂଡା ବସାଇ ଦେଲା । ବଢ଼େଇଙ୍କ ପିଣ୍ଡରେ ପ୍ରାଣ ପଶିଲା । କିନ୍ତୁ କାଳେ ଟୋକାଏ ପିଲା ଏ କାମ କରିଛି, ବଢ଼େଇମାନେ କରି ନାହାନ୍ତି ଏ କଥା ଜଣାପଡ଼ିବ ଏଥିପାଇଁ ସେମାନେ ଧର୍ମପଦକୁ ମାରି ଦେବାକୁ ସ୍ଥିରକଲେ । ଧର୍ମପଦ ବଢ଼େଇ ଜାତିକୁ ରକ୍ଷା କରିବାକୁ ମରିବାକୁ କୁଣ୍ଠିତ ନ ଥିଲା ।

ଏପରି ଅଦ୍ଭୁତ କାରିଗରି ପିଲାଟି କିଏ ଜାଣିବା ପାଇଁ ଧର୍ମପଦର ବାପା ତାକୁ ଡାକି ପଚାରିଲେ—ଯେଉଁ କାମ ଆମେ ବଡ଼ବଡ଼ କାରିଗରି କରି ପାରିଲୁ ନାହିଁ ତା ତୁ କଲୁ କିପରି ? ଏହାର ଫଳ କଅଣ ହେବ ? ଧର୍ମପଦ କହିଲା, ମୁଁ ଯେ ଆପଣଙ୍କ ଅପୂର୍ଣ୍ଣ କାମକୁ ପୂର୍ଣ୍ଣ କରି ପାରିଛି ସେଥିରେ ମୋର ଖୁବ ଆନନ୍ଦ । ମୁଁ ମରିବାକୁ ଠିକଏ ହେଲେ ଭୟ କରୁନାହିଁ କି ମୋ ମନରେ ସେଥିପାଇଁ ଦୁଃଖ ନାହିଁ ।

ପିଲାଟିର ଏ କଥା ଶୁଣି ଧର୍ମପଦର ବାପା ତାକୁ ଧନ୍ୟ ଧନ୍ୟ କଲେ । ତାର ବାପମାଙ୍କୁ ମଧ୍ୟ ଧନ୍ୟ ଧନ୍ୟ କଲେ । ଏତେବେଳକୁ ଧର୍ମପଦ ଆପଣାର ପରିଚୟ ଦେଲା ଓ ବାହାର କୋଳି ଗୁଡ଼ିକ ଦେଖାଇଲା ।

Digitized by srujanika@gmail.com

ବାପା ପୁଅକୁ କୋଳକୁ ଟାଣିନେଇ ଆନନ୍ଦରେ ଅଧୀର ହୋଇ କହିଲେ, "ତୁ ମୋର କୁଳ ଚନ୍ଦ୍ରମା । ବାରଶହ ବଢ଼େଇଙ୍କ ମୁଣ୍ଡ ଯାଉ ପଛେ ମୁଁ ତତେ ଛାଡ଼ି ପାରିବି ନାହିଁ ।

ଧର୍ମପଦ ବାପାଙ୍କୁ ବୁଝାଇ ଦେଲା ଯେ ପୁଅରେ ଦାୟୀ ନ ହୋଇ ବାରଶ ବଢ଼େଇରେ ଦାୟୀ ହେବା ତାଙ୍କର କର୍ତ୍ତବ୍ୟ । ଗୋଟିଏ ପୁଅକୁ ନ ଦେଖି ତାଙ୍କର ବାରଶହ ଜାତି ଭାଇ, ସେମାନଙ୍କ ପୁଅ ଝିଅଙ୍କ କଥା ଭାବିବାକୁ ହେବ ।

ବାପାଙ୍କୁ ନାନାପ୍ରକାର ବୁଝାଇ ଧର୍ମପଦ ଚନ୍ଦ୍ରଭାଗା ନଈକୁ ଡେଇଁ ପଡ଼ି ପ୍ରାଣ ହରାଇଲା । କୋଣାର୍କ ମନ୍ଦିର ଥିବା ଯାଏ ଧର୍ମ-ପଦର ଜାତି ପାଇଁ ଏ ତ୍ୟାଗ କେହି ଭୁଲି ପାରିବେ ନାହିଁ ।

କଠିନ ଶବ୍ଦର ଅର୍ଥ—

ପରିଚୟ—ଚିହ୍ନା; ଅଚକ୍ଷୁଣରେ—ସହଜରେ; ଆହ୍ଲାଦିତ—ଆନନ୍ଦିତ; ଦୁଃସାହସିକ କାର୍ଯ୍ୟ—ଯେଉଁ କାର୍ଯ୍ୟରେ ଖୁବ୍ ଦୁଃସାହସ କରାଯାଏ; ସମର୍ଥ ହେବା—ପାରିବା; ମସ୍ତକ ଦେବା—ମୁଣ୍ଡ ଦେବା ଅର୍ଥାତ୍ ମରିବା; ତଳେ—ଠିକ୍‌ଏ ହେଲେ; ପୂଜ୍ୟ—ପୂଜାର ଯୋଗ୍ୟ; ସାମର୍ଥ୍ୟ—ଶକ୍ତି; ଅପରାଧୀ—ଦୋଷୀ; ନିଦର୍ଶନ—ଚିହ୍ନ; ଆଲିଙ୍ଗନ—କୋଳ କରିବା; ପ୍ରତାପ—ଦାପ; ନାମକରଣ କରିଥିଲି—ନାଆଁ ଦେଇଥିଲି; ମସ୍ତକ ଭୂତଳରେ ଲୋଟିବ—ମୁଣ୍ଡ ଭୂଇଁରେ ଗଡ଼ୁ ଅର୍ଥାତ୍ ସେମାନଙ୍କ ମୁଣ୍ଡକାଟ ହେଉ; ଦାୟିତ୍ୱ—ଭାର; ସ୍ନେହଶୀଳା ଜନନୀ—ସ୍ନେହ କରୁଥିବା ମାଆ; ମର୍ଯ୍ୟାଦା—ସମ୍ମାନ; ଗୌରବ—ସମ୍ମାନ; ଅନୁପ୍ରାଣିତ କରିବ—ପ୍ରେରଣା ବା ଉତ୍ସାହ ଦେବ; ବିସର୍ଜନ—ତ୍ୟାଗ ।

Digitized by srujanika@gmail.com

ଟିପ୍ପଣୀ—

ଭଗୀରଥ ହୋଇ...କରିଥିଲି । (ପୃ ୭୨)

ରଘୁବଂଶର ରାଜା ସଗର ଅଶ୍ୱମେଧ ଯଜ୍ଞ କରିବାକୁ ବସିଥିଲେ । ଇନ୍ଦ୍ର ଯଜ୍ଞଅଶ୍ୱକୁ କପିଳ ମୁନିଙ୍କ ଆଶ୍ରମରେ ଲୁଚାଇ ଦେଲେ । ସଗରଙ୍କ ପୁତ୍ରମାନେ ଅଶ୍ୱକୁ ଖୋଜି ଖୋଜି କପିଳ ମହର୍ଷିଙ୍କ ଆଶ୍ରମରେ ଦେଖିଲେ ଏବଂ ତାଙ୍କୁ ଦୋଷୀ ମନେ କରି ତାଙ୍କ ଉପରେ ଅତ୍ୟାଚାର କଲେ । ସେ ଅଭିଶାପ ଦେବାରୁ ସଗରଙ୍କ ପୁତ୍ରମାନେ ଭସ୍ମ ହୋଇଗଲେ । ସଗରଙ୍କ ବଂଶରେ ବହୁକାଳ ପରେ ଭଗୀରଥ ରାଜା ହେଲେ । ସେ ଏହି ପୂର୍ବପୁରୁଷଙ୍କୁ ଉଦ୍ଧାର କରିବା ପାଇଁ ସ୍ୱର୍ଗରୁ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିଲେ । ଗଙ୍ଗାଙ୍କ ସ୍ପର୍ଶରେ ସଗର ପୁତ୍ର-ମାନେ ଉଦ୍ଧାର ପାଇଲେ ।

ଧର୍ମପଦ ଯୋଗୁଁ ବାରଶ ବଢ଼େଇଙ୍କ ପ୍ରାଣ ରହିଲା । ଭଗୀରଥ ସଗର କୁଳ ଉଦ୍ଧାର କଲାପରି ଧର୍ମପଦ ବଢ଼େଇ କୁଳକୁ ଉଦ୍ଧାର କଲା ।

କୁଳ-ପ୍ରଦୀପ—ଦୀପ ଜଳିଲେ ଅନ୍ଧାର ରହେ ନାହିଁ । ଧର୍ମପଦ କୋଣାର୍କ ମନ୍ଦିରର ଚୂଡ଼ା ସମ୍ପୂର୍ଣ୍ଣ କରିବାରୁ କାରିଗର କୁଳର ମହତ୍ତ୍ୱ ରହିଲା । ତେଣୁ ତାକୁ କୁଳର ଦୀପ ବୋଲି କୁହାଯାଇ ଅଛି ।

ମୋର ଅଭିମନ୍ୟୁ—ଅଭିମନ୍ୟୁ ଅର୍ଜୁନଙ୍କର ପୁତ୍ର । ବାଳକ ହେଲେହେଁ ସେ ଅଦ୍ଭୁତ ବୀରଥିଲେ । ତାଙ୍କୁ କେହି ଯୁଦ୍ଧରେ ପାରୁନଥିଲେ ନାହିଁ । ଶତ୍ରୁପକ୍ଷର ସାତଜଣ ବୀର ମିଳିଯାଇ ତାଙ୍କୁ ଆକ୍ରମଣ କଲେ ଓ ଅନ୍ୟାୟ ଯୁଦ୍ଧରେ ମାରିଥିଲେ ।

ଅଭିମନ୍ୟୁ ସାମାନ୍ୟ ପିଲା ହୋଇଥିଲେହେଁ ବଡ଼ ବଡ଼ ବୀରଙ୍କୁ ପରାସ୍ତ କରିଥିଲେ । ସେହିପରି ଯେଉଁ କାମକୁ ବଡ଼ ବଡ଼ କାରିଗର-ମାନେ କରି ପାରି ନଥିଲେ ତାକୁ ବାରବରଷର ବାଳକ ଧର୍ମପଦ

କରିଥିଲା । ତେଣୁ ସେ ମହାଭାରତ ଯୁଦ୍ଧର ଅଭିମନ୍ୟୁ ସଙ୍ଗେ ତୁଳନାର ଯୋଗ୍ୟ ।

ସରଳାର୍ଥ—

ବାରଶହ ବଢ଼େଇଙ୍କ······ଅତି ତୁଚ୍ଛା । (ପୃ ୭୨)

ବାରଶହ ବଢ଼େଇ ଷୋଳବର୍ଷ ପରିଶ୍ରମ କରି କୋଣାର୍କ ଦେଉଳ ଗଢ଼ିଲେ; କିନ୍ତୁ ତାହାର ଚୂଡ଼ା ପୂର୍ଣ୍ଣ କରି ପାରିଲେ ନାହିଁ । ରାଜା ଆଦେଶ ଦେଲେ ନିର୍ଦ୍ଦିଷ୍ଟ ସମୟ ଭିତରେ ଚଡ଼ା ପୂର୍ଣ୍ଣ ନ କଲେ ବଢ଼ାଇମାନଙ୍କ ମୁଣ୍ଡକାଟ ହେବ । ଧର୍ମପଦ ଏହି କାର୍ଯ୍ୟ ପୂର୍ଣ୍ଣକଲା । ବାଲେ ରାଜା ଏହିକଥା ଜାଣିବେ ସେଥିପାଇଁ ଧର୍ମପଦକୁ ବିନାଶ କରିବା ସ୍ଥିର ହେଲା । ତାର ବାପା ସେତେବେଳକୁ ତାକୁ ପୁଅ ବୋଲି ଜାଣି ନଥିଲେ । ସେ ଯେତେବେଳେ ଧର୍ମପଦକୁ ତା କାର୍ଯ୍ୟର ଫଳ କଣ ହେବ ପଚାରିଲେ ସେତେବେଳେ ସେ କହିଲା—"ମୋତେ ମରିବାକୁ ହେବ । କିନ୍ତୁ ସେଥିପାଇଁ ମୋର ଆଦୌ ଦୁଃଖ ନାହିଁ । ମୋ ଯୋଗେ ବାରଶହ ବଢ଼ାଇଙ୍କ ଜୀବନ ରହିଲା । ପୁଣି ଏଇ ଯେଉଁ ପ୍ରକାଣ୍ଡ ମନ୍ଦିର ଅଧା ହୋଇ ରହିଥିଲା ତାକୁ ମୁଁ ପୂର୍ଣ୍ଣକଲି । ଏହି ଦୁଇଟି କାର୍ଯ୍ୟ ଯୋଗୁଁ ମୋ ମନରେ ଅଦ୍ଭୁତ ଆନନ୍ଦ ହେଉଛି । ତେଣୁ ମୁଁ ଆନନ୍ଦରେ ମରିବାକୁ ପ୍ରସ୍ତୁତ ।"

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଧର୍ମପଦ ମରିବା ଦ୍ୱାରା ବଢ଼େଇ ଜାତି ରକ୍ଷା ପାଇବେ ବୋଲି ସେ ମରଣକୁ ଗୌରବର ବିଷୟ ମନେକରି ଥିଲା ।

୨ । (ଟିପ୍ପଣୀ ଦେଖ)

୩ । ବାରଶ ବଢ଼େଇ ଯେଉଁ କାମ କରିପାରୁ ନ ଥିଲେ ଧର୍ମପଦ ତାହା ସହଜରେ କରିଦେଲା । କେବଳ ସେତିକି ନୁହେଁ; ବଢ଼େଇ ଜାତିର ମାନ ରଖିବା ପାଇଁ ନିଜ ପ୍ରାଣ ଦେବାକୁ ବାହାରିଲା ।

Digitized by srujanika@gmail.com

ଦେଶରେ କୋଣାର୍କ ପରି ସୁନ୍ଦର ମନ୍ଦିର ଥିଲେ ତାର ଯେପରି ଯଶ ଗୌରବ ଅନେକ ବ୍ୟାପିଯାଏ, ସ୍ୱାର୍ଥତ୍ୟାଗୀ, ଜାତିର ଉପକାରୀ ମହା-ପୁରୁଷଙ୍କ କାର୍ଯ୍ୟ ଯୋଗେ ମଧ୍ୟ ସେହିପରି ଦେଶର ନାଆଁ ପଡେ । ସେଥିପାଇଁ ମୁଖିଆ କାରିଗର କହିଲା ଯେ ଧର୍ମପଦ ପରି ଗୋଟିଏ ଗୁଣୀ ପିଲାର ଅଦ୍ଭୁତ ଶକ୍ତି ଓ ତ୍ୟାଗ ହେତୁରୁ କାଳେ କାଳେ ଓଡ଼ିଶାର ଯଶ ରହିବ । ଓଡ଼ିଶାରେ କୋଣାର୍କ ନ ଥିଲେ ମଧ୍ୟ ଧର୍ମପଦର କାର୍ଯ୍ୟ ଯୋଗେ ଓଡ଼ିଶାକୁ ସମସ୍ତେ ଧନ୍ୟ ଧନ୍ୟ କରନ୍ତେ ।

ଧର୍ମପଦ ଜାତିଭାଇଙ୍କର ମହତ୍ତ୍ୱ ରଖିବା ପାଇଁ ଆପଣା ପ୍ରାଣ ଦେବାକୁ ଆନନ୍ଦରେ ପ୍ରସ୍ତୁତ ଥିବାର ଦେଖି ମୁଖିଆ କାରିଗର ଏହି କଥାଟି କହିଥିଲା । ଏହି କାରିଗରଟି ପ୍ରକୃତରେ ଧର୍ମପଦର ବାପା ।

୪ । ଅପରାଧୀ—ନିରପରାଧ; ପୁରସ୍କାର—ତିରସ୍କାର; ପୂର୍ଣ୍ଣ—ଶୂନ୍ୟ; ସମର୍ଥ—ଅସମର୍ଥ; ମାନ—ଅପମାନ; ମୃତ୍ୟୁ—ଜନ୍ମ; ବିଶାଳ—ସାମାନ୍ୟ ।

---

(୧୮) ସମୁଦ୍ର ଓ ପର୍ବତ

ସାରକଥା—

ନଈ ପର୍ବତ ଗୁହାରୁ ବାହାରି ତଳକୁ ବହି ଆସେ । ଅନେକ ବିଲ, ବଣ, ପଡ଼ିଆ, ଗାଁ ବୁଲି ବୁଲି ଶେଷରେ ଗଭୀର ସମୁଦ୍ର ସଙ୍ଗରେ ମିଶିଯାଏ ଓ ସେଥିରେ ଆପଣା ପାଣିକୁ ଢାଳିଦିଏ । ସମୁଦ୍ରର ଅସୀମ ଜଳରାଶି ତୁଳନାରେ ନଈର ଜଳ କିଛି ନୁହେଁ । ସମୁଦ୍ର ଭୟଙ୍କର ଗର୍ଜନ କରି ଲହଡ଼ିମାନ ଟେକି ସର୍ବଦା ଯେପରି ନଈକୁ କ୍ରୋଧରେ କହେ, "ତୋର ମୋ ସଙ୍ଗେ କ କାମ ଅଛି ? ତୁ କଣ

Digitized by srujanika@gmail.com

ମୋର ପ୍ରତାପ, ମୋର ମହତ ଜାଣି ନାହୁଁ ? ପୃଥିବୀର ଚାରି ଭାଗରୁ ତିନି ଭାଗ ମୁଁ ମାଡ଼ି ବସିଛି। ମୋ ଭିତରେ ନାନାବିଧ ରତ୍ନ ଥିବାରୁ ମୋର 'ରତ୍ନାକର' ନାମ ହୋଇଅଛି। ମୋଠାରୁ ପୃଥିବୀର ପ୍ରାଣୀ ଓ ଉଦ୍ଭିଦ ସବୁ ସୃଷ୍ଟି ହୋଇଅଛନ୍ତି। ଯେତେବେଳେ ବୃକ୍ଷ ଲତା କିମ୍ବା କୌଣସି ପ୍ରାଣୀ ନ ଥିଲେ, ନଦୀ ପର୍ବତ ନ ଥିଲେ ସେତେବେଳେ ସମଗ୍ର ପୃଥିବୀ କେବଳ ମୋ ଦ୍ୱାରା ପୂର୍ଣ୍ଣ ଥିଲା। ମୋର ବଳ କଣ ଜଣା ନାହିଁ ଯେ ତୁ ମୋ ଉପରେ ଟୋପାଏ ଟୋପାଏ ପାଣି ଢାଳୁଛୁ ?"

ଏହା ଶୁଣି ନଈ ଧୀରେ ଧୀରେ କହିଲା ପରି ଜଣାଯାଏ, "ହେ ସମୁଦ୍ର, ତୁ ଖୁବ୍ ପ୍ରକାଣ୍ଡ, ତୁ ପୃଥିବୀକୁ ଅନେକ ଜଥା ଦେଇଛୁ ମୁଁ ଜାଣେ। ମୁଁ ଅତି ଛୋଟ, ମୁଁ ତୋପରି ଧନ ରାଶି ଓ ଭୟଙ୍କର ଗର୍ଜନ କରି ପାରେନାହିଁ। ତେବେ ମୁଁ ଏତିକି ଜାଣେ ଯେ ତୋତେ ମନୁଷ୍ୟ ଜାତି ଶାସନ କରୁଛନ୍ତି। ସେ ତୋର ଗର୍ଜନ କିମ୍ବା ଝଡ଼ ବର୍ଷା ତୋଫାନକୁ ନ ମାନି ତୋ ଉପରେ ଜାହାଜ ଚଳାଉଅଛନ୍ତି; ତୋ ଗଭୀର ଜଳରେ ବୁଡ଼ି ରତ୍ନ ସଂଗ୍ରହ କରୁଅଛନ୍ତି। କିନ୍ତୁ ତୋଠାରେ ଯେଉଁ ଗୋଟିଏ ଜିନିଷର ଅଭାବ ସେହି ଜିନିଷଟି ମୋର କ୍ଷୁଦ୍ର ଦେହରେ ବହି ମୁଁ ତୋ ପାଖକୁ ଆସେ। ତୋର ଏତେ ବଡ଼ ଭଣ୍ଡାରରେ ଯାହା ନାହିଁ ମୁଁ ସେହି ଜିନିଷଟି ନେଇ ଆସେ। ସେ ହେଉଛି ମଧୁର ପାଣି ଟିକିଏ। ତାହାକୁ ପିଇ ମନୁଷ୍ୟ ପ୍ରାଣ ରଖେ।"

କଠିନ ଶବ୍ଦମାନଙ୍କର ଅର୍ଥ—

ସରିତ୍—ନଈ; କନ୍ଦର—ଗୁହା; ପ୍ରାନ୍ତର—ପଡ଼ିଆ; ଜଳଧି—ସମୁଦ୍ର; ପୃଷ୍ଠେ—ପଛରେ; ପ୍ରତାପ—କ୍ଷମତା; ରତ୍ନାକର—ସମୁଦ୍ରର ଅନ୍ୟ ନାମ; ଉଦ୍ଭିଦ—ଯାହା ମାଟିକୁ ଭେଦ କରି ବାହାରେ

Digitized by srujanika@gmail.com

ଅର୍ଥାତ୍ ବୃକ୍ଷଲତା; ବରିଷ୍ଠ—ଅତି ବଡ଼; ବିଶାଳ—ବଡ଼; ପୋତ—ନୌକା; ଜଳନିଧି—ସମୁଦ୍ର; କୃଶ—କ୍ଷୀଣ, ସରୁ;

ପଦ୍ୟରେ ବ୍ୟବହୃତ କେତେକ ଶବ୍ଦର ଗଦ୍ୟରେ ଆକାର—

ଭେଟଇ—ଭେଟେ; ଢାଳଇ—ଢାଳେ; ଗରଜି—ଗର୍ଜି ବା ଗର୍ଜନ କରି; ସରବେ—ସର୍ବେ; ଗରବେ—ଗର୍ବରେ; ଶକତି—ଶକ୍ତି; ଶାସଇ—ଶାସନ କରେ; ବକ୍ଷେ—ବକ୍ଷରେ ।

ଟିପ୍ପଣୀ—

ସମୁଦ୍ରକୁ ଶଙ୍ଖେ—ସମୁଦ୍ରରେ ଯେ କେତେ ପାଣି ଅଛି ତାହା କହି ହେବ ନାହିଁ । ଶଙ୍ଖରେ ଅତି ଅଳ୍ପ ପାଣି ଧରେ । ସମୁଦ୍ରର ଅସୀମ ପାଣି ତୁଳନାରେ ଶଙ୍ଖରେ ଥିବା ପାଣି କିଛି ନୁହେ । ତେଣୁ କୌଣସି ପ୍ରକାଣ୍ଡ ଅଭାବ ସଙ୍ଗେ ଅତି ସାମାନ୍ୟ ସାହାଯ୍ୟର ସମ୍ବନ୍ଧ ଦେଖାଇବା ପାଇଁ ଆମ୍ଭେମାନେ କହୁଁ, 'ସମୁଦ୍ରକୁ ଶଙ୍ଖେ ।'

ମୋହର ବରିଷ୍ଠ······ଜଗତ । (ପୃ ୭୬)

ଏକ ସମୟରେ ସମଗ୍ର ପୃଥିବୀ ଜଳରେ ବୁଡ଼ିଥିଲା । ସେତେବେଳେ ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷ ଲତା ପ୍ରଭୃତି କିଛି ନ ଥିଲା । ବହୁକାଳ ପରେ ଜଳରେ ଅତି କ୍ଷୁଦ୍ର ପ୍ରାଣୀମାନଙ୍କର ସୃଷ୍ଟି ହେଲା ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । (ସାର କଥା ଦେଖ)

୨ । ନଦୀ—ସରିତ, ତଟିନୀ, ସ୍ରୋତସ୍ୱିନୀ, ସ୍ରୋତସ୍ୱତୀ ।

ସମୁଦ୍ର—ସାଗର, ଜଳନିଧି, ପୟୋଧି, ଅର୍ଣ୍ଣବ ।

୩ । ନଦୀ ମନୁଷ୍ୟର ପିଇବା ପାଇଁ ପାଣି ଦିଏ, କିନ୍ତୁ ସମୁଦ୍ର ତାହା ଦେଇ ପାରେ ନାହିଁ ।

Digitized by srujanika@gmail.com

୪ । କୋପେ—କ୍ରିୟାଂ ବିଶେଷଣ,
ଧୀରେ ଧୀରେ—କ୍ରିୟା ବିଶେଷଣ,
ମହା ଭୟଙ୍କର—କ୍ରିୟା ବିଶେଷଣ,
ଉଚ୍ଚେ—କ୍ରିୟା ବିଶେଷଣ,
ଅତି—ବିଶେଷଣର ବିଶେଷଣ,
ବିଶାଳ—ବିଶେଷ୍ୟର ବିଶେଷଣ ।

———

(୧୯) ଆମର ସାଧାରଣ ଖାଦ୍ୟ

ମନୁଷ୍ୟ ବଞ୍ଚି ରହିବା ପାଇଁ ଖାଦ୍ୟ ଦରକାର । ଖାଦ୍ୟଦ୍ୱାରା ମନୁଷ୍ୟ ଦେହରେ ତାପ ଓ ଶକ୍ତି ପାଏ ।

ଖାଦ୍ୟରେ ଥିବା ରାସାୟନିକ ପଦାର୍ଥ ସବୁ ଶରୀର ଗଠନରେ ସାହାଯ୍ୟ କରେ । ଚାଉଳ, ଗହମ, ଡାଲି, ପରିବା, ଫଳମୂଳ, ମାଛ ମାଂସ ପ୍ରଭୃତିରେ ଏହି ସବୁ ରାସାୟନିକ ପଦାର୍ଥ ଅଛି ।

ପୃଥିବୀର ପ୍ରାୟ ଅଧେ ଲୋକ ଚାଉଳ ଖାଆନ୍ତି । ଭାରତର କେତେକ ଲୋକ ଚାଉଳ ଖାଆନ୍ତି ଓ କେତେକ ଗହମ ଖାଆନ୍ତି । ଆମର ଦେହ ପାଇଁ ଯେଉଁ ସବୁ ରାସାୟନିକ ପଦାର୍ଥ ଦରକାର, ସେ ସବୁ କେବଳ ଭାତରେ ନ ଥିବାରୁ ଭାତ ସଙ୍ଗେ ଡାଲି, ପରିବା, ମାଛ ମାଂସ, ଦୁଧ ଦହି ପ୍ରଭୃତି ଖାଇବା ଦରକାର ।

ଦୁଇ ପ୍ରକାର ଚାଉଳ ହୁଏ; ଅରୁଆ ଓ ଉଷୁନା । ଉଷୁନା ଚାଉଳ ଖାଇବା ଭଲ । କିନ୍ତୁ ଭାତରୁ ପେଜ ଗାଳିଲେ ଅନେକ ସାର ପଦାର୍ଥ ଚାଲିଯାଏ । ତେଣୁ ପେଜ ଗାଳିବା ଉଚିତ ନୁହେଁ । ଚାଉଳ ଉପରେ ଗୋଟିଏ ପାତଳା ଚୋପା ଥାଏ । ଏହା ଦେହ ପକ୍ଷରେ ଉପକାରୀ । କଳ ଚାଉଳରେ ଏହି ଚୋପାଟି ନଷ୍ଟ ହୋଇ

Digitized by srujanika@gmail.com

ଯାଇଥାଏ । ତେଣୁ କଳ ଚାଉଳ ନ ଖାଇ ଢିଙ୍କିକୁଟା ଚାଉଳ ଖାଇଲେ ବେଶି ଉପକାର ହୁଏ ।

ଆମ୍ଭେମାନେ ଭାତ ସଙ୍ଗେ ମୁଗ, ହରଡ଼, ବିରି ପ୍ରଭୃତିର ଡାଲି ଖାଉଁ । ଡାଲି ଦେହକୁ ପୁଷ୍ଟ କରେ । ମୁଗକୁ କେତେକ ଘଣ୍ଟା ବତୁରାଇ ଦେଲେ ସେଥିରୁ ଗଜା ବାହାରିଥାଏ । ମୁଗ ଗଜା ଖାଇଲେ ଦେହର ବଳ ଖୁବ ବଢ଼େ ।

ଭାତ ଓ ଡାଲି ସଙ୍ଗେ ପନି ପରିବା ମଧ୍ୟ ଖାଇବା ଉଚିତ । ଶାଗ ଜାତୀୟ ଜିନିଷ ପ୍ରତିଦିନ ପ୍ରାୟ ଏକ ଛଟାଙ୍କି ଖାଇଲେ ଦେହ ଭଲ ରହେ ।

ଆମ୍ଭେମାନେ ଯେଉଁ ଭଜା, ତରକାରି ପ୍ରଭୃତି ଖାଉଁ ସେଥିରେ କିଛି ତେଲ ମିଶିଥାଏ । ସୋରିଷ, ରାଶି, ନଡ଼ିଆ, ବାଦାମ ପ୍ରଭୃତିରୁ ତେଲ ବାହାରେ । ତେଲ ଜାତୀୟ ଜିନିଷ ଖାଇବା ଦ୍ୱାରା ଦେହର ଉପକାର ହୋଇଥାଏ ।

ଆମ ଦେଶରେ ଖୁବ୍ କମ ଲୋକ ଦୁଧ ଖାଇବାକୁ ପାଇଥାନ୍ତି । କିନ୍ତୁ ଦୁଧ ଗୋଟିଏ ଉତ୍କୃଷ୍ଟ ଖାଦ୍ୟ । ଦେହର ବୃଦ୍ଧି ପାଇଁ ଯେଉଁସବୁ ରସାୟନିକ ପଦାର୍ଥ ଦରକାର ସେ ସବୁରୁ ଅଧିକାଂଶ ଦୁଧରେ ଅଛି । ଶିଶୁମାନଙ୍କ ପକ୍ଷରେ ଦୁଧ ନିହାତି ଦରକାରି ।

କୁକୁଡ଼ା, ହଂସ ପ୍ରଭୃତିଙ୍କ ଅଣ୍ଡା ଦେହ ପକ୍ଷରେ ଉପକାରୀ । ଅନେକ ଲୋକ ମାଂସ ଖାଇଥାନ୍ତି । ଏହା ଦେହକୁ ବଳ ଦିଏ । ନାନା ଜାତି ମାଛ ଲୋକେ ଖାଆନ୍ତି । ମହୁରାଳି ପ୍ରଭୃତି ଛୋଟ ମାଛ ଖାଇଲେ ବେଶି ଉପକାର ହୁଏ ।

ଖାଦ୍ୟକୁ ରୁଚିକର କରିବା ପାଇଁ ମସଲା ବ୍ୟବହାର କରାଯାଏ । କେତେକ ମସଲା କ୍ଷୁଧା ବଢ଼ାନ୍ତି । କିନ୍ତୁ ବେଶି ମସଲା ଖାଇଲେ ଜୀର୍ଣ୍ଣ-ଶକ୍ତି କମିଯାଏ, ସମୟେ ସମୟେ ପାକସ୍ଥଳୀରେ ଘାଆ ହୋଇଯାଏ ।

Digitized by srujanika@gmail.com

ଯେଉଁମାନେ ଉପଯୁକ୍ତ ଖାଦ୍ୟ ଖାଆନ୍ତି ସେମାନେ ବଳୁଆ ହୁଅନ୍ତି ଓ ବେଶି କାମ କରି ପାରନ୍ତି । ୟୁରୋପ, ଆମେରିକା ପ୍ରଭୃତି ଦେଶର ଲୋକେ ଆମ ଦେଶର ଲୋକଙ୍କଠାରୁ ବେଶି ବଳୁଆ ଓ କାମିକା । ତାର କାରଣ ସେମାନେ ଉପଯୁକ୍ତ ଖାଦ୍ୟ ଖାଆନ୍ତି ।

ଆମ୍ଭେମାନେ ପ୍ରତିଦିନ ଭାତ, ରୁଟି, ଡାଲି, ଦୁଧ, ଦହି, ଲହୁଣୀ, ଘିଅ, ଗଜାମୁଗ, ମାଛ, ମାଂସ ବା ଅଣ୍ଡା, ପନିପରିବା, ଶାଗ ଓ ଫଳ ଖାଇବା ଉଚିତ ।

କଠିନ ଶବ୍ଦମାନଙ୍କର ଅର୍ଥ—

ସଞ୍ଚାର କର—ଦେଇ; ସିଦ୍ଧ କରିବା—ସିଝେଇବା; ପୁଷ୍ଟିକର—ଯାହା ପୁଷ୍ଟିକରେ; ଶକ୍ତି ବର୍ଦ୍ଧନ—ବଳ ବଢ଼ାଇବା; ଟାଟକା—ସଜ; ସ୍ନେହସାର—ଚିକ୍କଣ କରିବା ଗୁଣ; ଶକ୍ତି ବର୍ଦ୍ଧକ—ଯାହା ବଳ ବଢ଼ାଏ; ଦୁର୍ଭାଗ୍ୟବଶତଃ—ମନ୍ଦ କପାଳକୁ; କର୍ମଠ—କାମିକା; ପ୍ରୟୋଜନୀୟ—ଦରକାରୀ; ନିହିତ ଅଛି—ରହିଅଛି; ଉପାଦାନ—ଉପକରଣ ।

ସନ୍ଧି—

ଖାଦ୍ୟ + ଅଭାବ = ଖାଦ୍ୟାଭାବ; ଯଥା + ଇଷ୍ଟ = ଯଥେଷ୍ଟ; ପରି + ଈକ୍ଷା = ପରୀକ୍ଷା; ଦୁଃ + ଭାଗ୍ୟ = ଦୁର୍ଭାଗ୍ୟ; ନିଃ + ରୋଗ = ନୀରୋଗ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ମୁଁ ସାଧାରଣତଃ ଭାତ ଡାଲି ଖାଏଁ । କେବେ କେବେ ପରିବା ବା ମାଛର ତରକାରୀ ଖାଏଁ ।

୨ । ମୋ ଦେହର ପୁଷ୍ଟି ପାଇଁ ଦୁଧ, ଦହି, ଲହୁଣୀ, ଘିଅ, ଅଣ୍ଡା, ମାଂସ, ଶାଗ, ଫଳମୂଳ ମଧ୍ୟ ଖାଇବା ଦରକାର ।

Digitized by srujanika@gmail.com

୩। ଉପଯୁକ୍ତ ଖାଦ୍ୟ ଖାଇଲେ ଦେହ ପୁଷ୍ଟ ହୁଏ ଓ ପରିଶ୍ରମ କରିବାର ଶକ୍ତି ବଢ଼େ । ଆମ୍ଭେମାନେ ଅନେକେ ଗରିବ ହୋଇଥିବାରୁ ଉପଯୁକ୍ତ ଖାଦ୍ୟ ଖାଇବାକୁ ପାଉନାହିଁ । ତେଣୁ ଆମ୍ଭମାନଙ୍କ ଦେହ ପୁଷ୍ଟ ହୁଏ ନାହିଁ ଏବଂ ଅଳ୍ପ ପରିଶ୍ରମରେ ଆମ୍ଭେମାନେ କ୍ଲାନ୍ତ ହୋଇ ପଡ଼ୁ । ୟୁରୋପ ଓ ଆମେରିକାର ଲୋକେ ଉପଯୁକ୍ତ ଖାଦ୍ୟ ଖାଉଥିବାରୁ ସେମାନେ ଆମଠାରୁ ବଳୁଆ ଓ ବେଶି କାମ କରି ପାରନ୍ତି । ଯାହା କିଛି ଆମେ ଖାଉଁ ତାକୁ ଠିକ୍‌ରୂପେ ଖାଉ ନ ଥିବାରୁ ଆମର ବଳ ଅଧିକ କମି ଯାଉଛି । ଚାଉଳ ରାନ୍ଧି ଭାତରୁ ପେଜ କାଢ଼ି ଦେବାରୁ ବହୁତ ବଳକର ପଦାର୍ଥ ଚାଲି ଯାଉଛି । ସାମାନ୍ୟ ଚେଷ୍ଟା କଲେ ପ୍ରତିଦିନ ଶାଗ ଖାଇବାକୁ ମିଳି ପାରନ୍ତା । ଦୁଧ ଦେହ ପକ୍ଷରେ ବଡ଼ ଉପକାରୀ ହେଲେହେଁ ଖୁବ୍ କମ ଲୋକ ଦୁଧ ଖାଇବାକୁ ପାଆନ୍ତି । ଅନ୍ତତଃ ପିଲାମାନଙ୍କୁ ପ୍ରତିଦିନ ଦୁଧ ଖାଇବାକୁ ଦେବା ଉଚିତ । ତାହା ନ ହେଲେ ଆମ ଜାତି ଦିନକୁ ଦିନ ଦୁର୍ବଳ ଓ ଅକର୍ମଣ୍ୟ ହୋଇଯିବ ।

୪। (କ) ଦୁଗ୍ଧ ମନୁଷ୍ୟ ଶରୀର ପକ୍ଷରେ ଅତ୍ୟନ୍ତ ଉପକାରୀ ।

(ଖ) କୁକୁଡ଼ା, ହଂସ ପ୍ରଭୃତିର ଅଣ୍ଡା ଗୋଟିଏ ଉପାଦେୟ ଖାଦ୍ୟ ପଦାର୍ଥ ।

(ଗ) ଆମ୍ଭେମାନେ ସାଧାରଣତଃ ଯଥେଷ୍ଟ ଶାକସବଜି ଆହାର କରୁନାହିଁ ।

(ଘ) ପୁଷ୍ଟିକର ଖାଦ୍ୟ ନ ଖାଇଲେ ଦେହ ଦୁର୍ବଳ ହୋଇଯାଏ ।

(ଙ) ବିଭିନ୍ନ ଖାଦ୍ୟରେ ବିଭିନ୍ନ ରାସାୟନିକ ଉପାଦାନ ଥାଏ ।

(ଚ) ଅରୁଆ ଚାଉଳଠାରୁ ଉଷୁନା ଚାଉଳର ଗୁଣ ଅଧିକ ।

Digitized by srujanika@gmail.com

(ଛ) ଶିଶୁମାନଙ୍କ ଶରୀରର ପୁଷ୍ଟି ନିମନ୍ତେ ସେମାନଙ୍କୁ ପ୍ରତ୍ୟହ କଞ୍ଚା ଦୁଧ ଦେବାକୁ ହେବ ।

୫ । ଦେହ—ଦୈହିକ; ମାଂସ—ମାଂସଳ; ଧନ—ଧୈନିକ; ଶରୀର—ଶାରୀରିକ; ବର୍ଷ—ବାର୍ଷିକ, ମୁଖ—ମୌଖିକ ।

---

(୨୦) ସହଯୋଗ ଓ ଗ୍ରାମ ପଞ୍ଚାୟତ

ସାରକଥା—

ହରିପୁର ଗ୍ରାମର ଅଧିକାଂଶ ଲୋକ ଚାଷୀ । ସେମାନେ ବଡ଼ କଷ୍ଟରେ ଚଳୁଥିଲେ । ଚାଷରୁ ଯାହା ପାଉଥିଲେ ସେଥିରେ ବର୍ଷକ ଖର୍ଚ୍ଚ ଚଳୁ ନଥିବାରୁ ସେମାନେ ମହାଜନଠାରୁ ଚଢ଼ା ସୁଧରେ ଟଙ୍କା ବା ଧାନ କରଜ ଆଣୁଥିଲେ । ବର୍ଷକୁ ବର୍ଷ ସୁଧ ବଢ଼ି ଖୁବ୍ ବେଶି ହୋଇ ଯାଉଥିଲା । ଅନେକ ଚାଷୀଙ୍କର ଜମି ଏହିପରି ମହାଜନ ନିଲାମ କରିନେଲେ ।

ସେ ଗ୍ରାମର ନରେନ୍ଦ୍ର ବୋଲି ଜଣେ ଲୋକ ଗୋଟିଏ ଦୂର ଗାଁରେ ଶିକ୍ଷକ ଥିଲେ । ବର୍ଷେ ଗ୍ରାମରେ ଫସଲ ଆଦୌ ହେଲା ନାହିଁ । ନରେନ୍ଦ୍ର ଗ୍ରାମର ଦଶଜଣ ଲୋକଙ୍କୁ ନେଇ ଗୋଟିଏ ସହଯୋଗ ସମିତି ଗଢ଼ାଇ ସରକାରରେ ରେଜେଷ୍ଟ୍ରି କରାଇ ଦେଲେ । ନରେନ୍ଦ୍ରଙ୍କ ସହିତ ପାଞ୍ଚଜଣ ସଭ୍ୟଙ୍କୁ ନେଇ ଗୋଟିଏ ପଞ୍ଚାୟତ ଗଢ଼ା ହେଲା ।

ବ୍ୟାଙ୍କ ସମିତିକୁ ଟଙ୍କା ଦେଲା । ସମିତିର ସଭ୍ୟମାନେ ସେହି ଟଙ୍କାରେ ରବି ଫସଲ ପନିପରିବା କରି ବେଶ୍ ଲାଭ ପାଇ ସେ ବର୍ଷଟି ସୁଖରେ ଚଳାଇଲେ ।

Digitized by srujanika@gmail.com

ସମିତିର ସଭ୍ୟସଂଖ୍ୟା ବଢ଼ିଲା । ସେମାନେ ସମିତିରୁ ଟଙ୍କା ନେଇ ଅନାବାଦୀ ଜମି ଉଠିଆ କଲେ । ଭଲ ବାହନ ଓ ବଳଦ କିଣି ନାନା ପ୍ରକାର ଫସଲ କଲେ । ଦୁଇ ତିନି ବର୍ଷ ଭିତରେ ସମିତିର ସମସ୍ତ ଟଙ୍କା ସୁଝା ହୋଇଗଲା ।

ସଭ୍ୟମାନେ ସମିତିର ନିୟମ ମାନି ଚଳିଲେ । ଶୁଦ୍ଧି ଶ୍ରାଦ୍ଧ, ବାହାଘର ଆଦିରେ ଆଡ଼ମ୍ବର କରି ବୃଥା ଖରଚ କଲେ ନାହିଁ । ଯେ ଏପରି ଅପବ୍ୟୟ କଲା ତାକୁ ସମିତିର ଦାତବ୍ୟ ପାଣ୍ଠିକୁ କିଛି ଦେବାକୁ ହେଲା ।

କ୍ରମେ ସଭ୍ୟମାନେ ସମିତିରେ ଟଙ୍କା ଜମା ରଖିବାକୁ ଲାଗିଲେ । ଆଗେ ଜିଲା ବ୍ୟାଙ୍କରୁ ଯେଉଁ ଟଙ୍କା ହରିପୁର ସମିତି ଆଣୁଥିଲା ସେଥିପାଇଁ ଶତକଡ଼ା ପାଞ୍ଚଟଙ୍କା ସୁଧ ଦେବାକୁ ହେଉଥିଲା ଏବଂ ସଭ୍ୟମାନେ ସମିତିରୁ ଟଙ୍କା ନେଲେ ଶତକଡ଼ା ନଅ ଟଙ୍କା ସୁଧ ଦେଉଥିଲେ । ହରିପୁର ସମିତିର ପାଣ୍ଠି ବେଶି ହୋଇ ଯିବାରୁ ଜିଲା ବ୍ୟାଙ୍କରୁ ଟଙ୍କା ନେବା ଦରକାର ହେଲା ନାହିଁ । ସମିତିର ଗଚ୍ଛିତ ପାଣ୍ଠି ଓ ଦାତବ୍ୟ ପାଣ୍ଠିରେ ବେଶି ଜମା ହୋଇଗଲା ।

ଦାତବ୍ୟ ପାଣ୍ଠିରୁ ଗୋଟିଏ ପ୍ରାଇମେରୀ ସ୍କୁଲ ବସିଲା । ସେଥିରେ ଗ୍ରାମର ଗୃହସ୍ଥମାନଙ୍କ ପିଲା ପଢ଼ିଲେ । ଲୋକେ ମିଳି ଗ୍ରାମ ଦାଣ୍ଡକୁ ଚଉଡ଼ା କରି ଦେଲେ ଓ ପୋଖରୀରୁ ଦଳ ପଙ୍କ କାଢ଼ି ସଫା କରି ଦେଲେ । ଏହା ଫଳରେ ଗ୍ରାମରୁ ମେଲେରିଆ ଲୋପ ପାଇଲା ।

ସମିତି ପକ୍ଷରୁ ଗୋଟିଏ ଟୋଲ ଓ ଗୋଟିଏ ଗୋଦାମ ଖୋଲିଛି । ଗ୍ରାମବାସୀମାନେ ଦରକାର ବେଳେ ଟୋଲରୁ ଧାନ କରଜ ନିଅନ୍ତି ଓ ଅଳ୍ପସୁଧ ସହିତ ଅମଳ ବେଳେ ସୁଝି ଦିଅନ୍ତି । ଗୋଦାମରେ ସବୁ ଜିନିଷ ଶସ୍ତାରେ ଓ ସୁବିଧାରେ ମିଳେ ।

Digitized by srujanika@gmail.com

ହରିପୁର ଗ୍ରାମର ଲୋକେ ଢୋଠ ଚାଷ କରି ଆଖୁ, କୋବି, ଆଳୁ ପ୍ରଭୃତି ଚାଷ କରି ଖୁବ୍ ଲାଭ ପାଉଅଛନ୍ତି । ଲୋକଙ୍କର ଅବସ୍ଥା ଖୁବ୍ ଭଲ ହୋଇଯାଇଛି ।

ଗ୍ରାମର କଳି କଜିଆ ତୁଟାଇବାକୁ ଆଉ ଲୋକେ କଚେରୀକୁ ଦଉଡ଼ୁ ନାହାନ୍ତି । ପଞ୍ଚାୟତ ସବୁ ଆପୋଷରେ ମେଣ୍ଟାଇ ଦେଉଅଛନ୍ତି । ଆଖପାଖର ଗ୍ରାମମାନେ ମିଳି ଗୋଟିଏ ଗ୍ରାମ ପଞ୍ଚାୟତ ଗଢି ଅଛନ୍ତି । ସେ ଅଞ୍ଚଳର କଳି କଜିଆ ଏହି ଗ୍ରାମ ପଞ୍ଚାୟତ ତୁଟାଇ ଦିଅନ୍ତି ।

ହରିପୁର ଏବେ ଗୋଟିଏ ଆଦର୍ଶ ଗ୍ରାମ ହୋଇଯାଇଛି ।

କଠିନ ଶବ୍ଦମାନଙ୍କର ଅର୍ଥ—

ସହଯୋଗ—ଆପଣା ମଧ୍ୟରେ ମିଳିମିଶି ଚଳିବା ସହଯୋଗ ସମିତିକୁ ଇଂରେଜୀରେ 'କୋ-ଅପରେଟିଭ ସୋସାଇଟି' କହନ୍ତି । ପଞ୍ଚାୟତ—କେତେକ ଲୋକ ମିଳି ଗୋଟିଏ ସମିତି କରିଥାନ୍ତି । ଏମାନେ ଆପୋଷରେ କଳିକଜିଆ ତୁଟାଇ ଦିଅନ୍ତି । ଏହାର ନାମ ପଞ୍ଚାୟତ । ମହାଜନ—ଯେ କରଜ ଦିଏ; ଖାତକ—ଯେ କରଜ ନିଏ; କାଳାମାଟି—ବିହାରର ଜାମସେଦପୁର; ସେଠାରେ ଲୁହା କାରଖାନା ଅଛି । ଅନାବାଦୀ—ଚାଷ ନହୋଇ ପଡ଼ିଥିବା; ଲାଭଜନକ—ଯହିଁରୁ ବେଶି ଲାଭ ମିଳେ । ପରିଶୋଧ କରିବା—ସୁଝିବା; ଅଯଥା ଖର୍ଚ୍ଚ—ବେଦରକାରୀ ଖର୍ଚ୍ଚ । ଦାତବ୍ୟପାଣ୍ଠି—ଯେଉଁ ପାଣ୍ଠିରୁ ଦାନ ଦିଆଯାଏ; ଅମାନତ ଟଙ୍କା—ଜମା ରଖାଯାଇଥିବା ଟଙ୍କା; ଗୁଜରାଣ—ଅଭାବ; ଗଚ୍ଛିତ ପାଣ୍ଠି—ମୂଳ ଜମା; ବଦ୍ଧ ପୁଷ୍କରିଣୀ—ମଇଳା ଜମିଥିବା ପୋଖରୀ; ଖୋଦିତ—ଖୋଳା; ଆପୋଷରେ—ଆପଣା ଆପଣା ଭିତରେ ।

ବିପରୀତ ଅର୍ଥ ବୁଝାଉ ଥିବା ଶବ୍ଦ—

କ୍ଷୁଦ୍ର—ବୃହତ୍; ଖର୍ଚ୍ଚ—ଜମା; ଅଭାବ—ସଦ୍ଭାବ; ଋଣ—ମହାଜନ, ମହାଜନ—ଖାତକ, ବଢ଼ିବା—କମିବା; ଧନିକ—ଗରିବ;

Digitized by srujanika@gmail.com

ବିପଦ—ସମ୍ପଦ; ଗଢ଼ିବା—ଭାଙ୍ଗିବା; ଲାଭବାନ୍—କ୍ଷତଗ୍ରସ୍ତ; ସବାଧୀ—ଅନାବଧୀ; ଉନ୍ନତ—ଅବନତ; ଅଭ୍ୟସ୍ତ—ଅନଭ୍ୟସ୍ତ; ଅସ୍ପୃ—ବଂସ୍ପୃ; ଚଉଡ଼ା—ଅଣଓସାରିଆ; ଲାଭ—କ୍ଷତି ।

ପଦପରିବର୍ତ୍ତନ—ବିଶେଷ୍ୟକୁ ବିଶେଷଣରେ :

ଲାଭ—ଲାଭବାନ୍; ଉନ୍ନତି—ଉନ୍ନତ; ଉତ୍ସାହ—ଉତ୍ସାହିତ; ନିୟମ—ନିୟମିତ; ଦଣ୍ଡ—ଦଣ୍ଡିତ; ଦାନ—ଦାତବ୍ୟ; ଆବଶ୍ୟକତା—ଆବଶ୍ୟକ; ବିନୟ—ବିନୀତ ।

ପୁସ୍ତକଗତ ପ୍ରଶ୍ନ ମାନଙ୍କର ଉତ୍ତର—

୧ । ହରିପୁରର ଚାଷୀମାନେ ଋଣରେ ବୁଡ଼ିଥିଲେ । ମହାଜନ ସେମାନଙ୍କ ଜମି ନେଇ ଯାଉଥିଲା । ଅନେକେ କୁଲିଗିରି କରିବାକୁ ବିଦେଶ ଚାଲି ଯାଉଥିଲେ । ବର୍ଷେ ସେ ଅଞ୍ଚଳରେ ଫସଲ ହେଲା ନାହିଁ । ଲୋକେ ମହାଜନ ଦୁଆରକୁ ଦୌଡ଼ିବାକୁ ବାହାରି ଥିଲେ । ସେହି ଗ୍ରାମର ନରେନ୍ଦ୍ର ବୋଲି ଜଣେ ଶିକ୍ଷିତ ଲୋକ ସେମାନଙ୍କୁ ମହାଜନ ହାତରୁ ରକ୍ଷା କରିବାକୁ ପ୍ରଥମେ ସହଯୋଗ ସମିତି ଗଢ଼ିବାକୁ ସେମାନଙ୍କୁ ପରାମର୍ଶ ଦେଲେ ।

୨ । ହରିପୁର ସହଯୋଗ ସମିତିକୁ ଜିଲ୍ଲା ବ୍ୟାଙ୍କ ମୂଳଧନ ଯୋଗାଇଲା । ଏହି ଟଙ୍କାକୁ ସମିତିର ସଭ୍ୟମାନେ ଶତକଡ଼ା ନଅଟଙ୍କା ସୁଧରେ ଋଣ ନେଇ ଚାଷର ଉନ୍ନତି କଲେ । ସହଯୋଗ ସମିତି ଜିଲ୍ଲା ବ୍ୟାଙ୍କକୁ ଶତକଡ଼ା ପାଞ୍ଚ ଟଙ୍କା ସୁଧ ଦିଏ । ସୁଧରୁ ଯେଉଁ ଟଙ୍କା ବଳି ପଡ଼େ ତାହା ସମିତିର ଗଚ୍ଛିତ ପାଣ୍ଠି ଓ ଦାତବ୍ୟ ପାଣ୍ଠିରେ ରହେ । ଏହିପରି ସମିତିର ପାଣ୍ଠି ବଢ଼ିଲା ।

୩ । ସହଯୋଗ ସମିତି ନିଜ ଦାତବ୍ୟ ପାଣ୍ଠିରୁ ସାହାଯ୍ୟ ଦେଇ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ବସାଇ ପାରନ୍ତି, ଗ୍ରାମର ମଇଳା ପୋଖରୀ ସଫା କରାଇ ପାରନ୍ତି ବା ନୂଆ ପୋଖରୀ ଖୋଳି

Digitized by srujanika@gmail.com

ପ୍ରଭୃତି ଖୋଲାଇ ପାରନ୍ତି । ଏହା ଦ୍ୱାରା ଗ୍ରାମର ସ୍ୱାସ୍ଥ୍ୟର ଉନ୍ନତି ହେବ । ଗ୍ରାମବାସୀ ଶିକ୍ଷିତ ହେବେ ।

୪ । ଗୋଟିଏ ଗ୍ରାମର ଲୋକେ ମିଳି ଗ୍ରାମର ପାଞ୍ଚଜଣ ଭଦ୍ରଲୋକଙ୍କୁ ବାଛି ଗୋଟିଏ ସମିତି ଗଢ଼ନ୍ତି । ଏହାକୁ ପଞ୍ଚାୟତ କହନ୍ତି । ଗ୍ରାମ ଭିତରେ କୌଣସି ବିବାଦ ହେଲେ ଏହି ପଞ୍ଚାୟତ ତାହା ଆପୋଷରେ ମେଣ୍ଟାଇ ଦିଏ । ଗୋଟିଏ ଅଞ୍ଚଳର କେତେକ ଗ୍ରାମର ଲୋକେ ମିଳି ଏହିପରି ପଞ୍ଚାୟତ ଗଢ଼ି ପାରନ୍ତି । ପଞ୍ଚାୟତ ଦ୍ୱାରା ଲୋକେ ସହଜରେ ଘର ପାଖରେ ନ୍ୟାୟ ବିଚାର ପାଆନ୍ତି । ବୃଥା ସହରକୁ ଦଉଡ଼ି ଓକିଲ ମୁକ୍ତାରଙ୍କୁ ଟଙ୍କା ଦେଇ ହଇରାଣ ହୁଅନ୍ତି ନାହିଁ ।

୫ । ମୂଲ ଲଗିବା—ଅନ୍ୟ ଲୋକଠାରୁ କିଛି ପଇସା ପାଇ ତା ପାଇଁ ଦେହ ମିହନ୍ତ କରିବା ।

ପେଟ ପୋଷିବା—ସାମାନ୍ୟ କିଛି କମାଇ ସେଥିରେ କୌଣସି ମତେ ଖାଇବା ପିଇବା ଯୋଗାଡ଼ କରିବା ।

ଶୁଦ୍ଧି ଶ୍ରାଦ୍ଧ—ଘରୁ କେହି ମରିଗଲେ ହିନ୍ଦୁମାନେ ତା ପାଇଁ ଶୁଦ୍ଧି ହୁଅନ୍ତି । ପୁରୋହିତ ଆସି କେତେକ ମନ୍ତ୍ର ପଢ଼େ ଓ ଗୃହୀଠାରୁ ପଇସା ପ୍ରଭୃତି ନିଏ । ସେହିପରି ପ୍ରତିବର୍ଷ ମଲା ଲୋକପାଇଁ ଶ୍ରାଦ୍ଧ ହୁଏ । ଶ୍ରାଦ୍ଧରେ ମଧ୍ୟ ପୁରୋହିତ ଆସେ, ଦକ୍ଷିଣା ପ୍ରଭୃତି ନିଏ ।

ରବି ଫସଲ—ମୁଗ, ବିରି, କୋଳଥ, ହରଡ଼ ପ୍ରଭୃତିକୁ ରବି ଫସଲ କହନ୍ତି ।

କୋଠଚାଷ—କେତେଜଣ ଚାଷୀ ଆପଣାର ଜମିସବୁ ଏକାଠି ଚାଷ କରି ଫସଲ କରନ୍ତି । ଆମଦାନୀରୁ ଜମି ଓ ମଜୁରି ଅନୁସାରେ ଫସଲ ଭାଗ କରି ନିଅନ୍ତି । ଏହାକୁ କୋଠଚାଷ କହନ୍ତି ।

Digitized by srujanika@gmail.com

ଅପୋଷ ନିଷ୍ପତ୍ତି—ଲୋକଙ୍କ ଭିତରେ କଳି କଜିଆ ହେଲେ ତାହା ବୁଝି ନିଷ୍ପତ୍ତି କରିବା ପାଇଁ ସରକାର କଚେରୀ ବସାଇ ଅଛନ୍ତି । କଚେରୀରେ ମକଦ୍ଦମା କରିବାକୁ ବହୁତ ଖରଚ ପଡ଼େ । ସରକାରୀ ଫିସ ଛଡ଼ା ଓକିଲ ମୋକ୍ତାରଙ୍କୁ ଟଙ୍କା ଦେବାକୁ ହୁଏ । କଚେରୀ ସହରରେ ଥିବାରୁ ସେଠାକୁ ବାରମ୍ବାର ଦଉଡ଼ିବାକୁ ହୁଏ । କଚେରୀକୁ ନ ଯାଇ ଅପଣା ଅପଣା ଭିତରେ ଗ୍ରାମର ପାଞ୍ଚଜଣ ଭଦ୍ରଲୋକଙ୍କ ଦ୍ୱାରା ମଧ୍ୟ କଳିକଜିଆ ନିଷ୍ପତ୍ତି କରାଯାଇପାରେ । ଏହି ପ୍ରକାର ନିଷ୍ପତ୍ତିକୁ ଅପୋଷ ନିଷ୍ପତ୍ତି କହନ୍ତି ।

ସର୍ବସ୍ୱାନ୍ତ ହେବା—ଲୋକେ ଜମିବାଡ଼ି, ଗାଈ ବଳଦ ପ୍ରଭୃତି ଉପରେ ନିର୍ଭର କରି ଚଳନ୍ତି । କରଜ ସୁଝିବା ବା ସେହିପରି କିଛି ଦରକାର ପଡ଼ିଲେ ଏ ସବୁ ବିକନ୍ତି । ସେତେବେଳେ ତାଙ୍କର ଚଳିବାପାଇଁ କିଛି ଉପାୟ ରହେ ନାହିଁ । ଏପରି ଅବସ୍ଥାରେ ସେମାନେ ସର୍ବସ୍ୱାନ୍ତ ହେଲେ ବୋଲି କୁହାଯାଏ । ସର୍ବସ୍ୱ ଅର୍ଥ ନିଜର ସବୁ; ଯାହାର ନିଜର ସବୁ ସରିଯାଇଛି ସେ ସର୍ବସ୍ୱାନ୍ତ ।

୬ । ଅନାବାଦୀ ଜମିକୁ ଆବାଦ କରିବା ପାଇଁ ଅନେକଙ୍କୁ ସରକାର ସାହାଯ୍ୟ ଦେଇ ଅଛନ୍ତି ।

ମୁଁ ଋଣ କରିଥିବା ହଜାରେ ଟଙ୍କାକୁ ପାଞ୍ଚଟି କିସ୍ତିରେ ସୁଝିଦେଲି ।

ସହଯୋଗ ସମିତିର ସଭ୍ୟମାନେ ସମିତିର ଗଚ୍ଛିତ ପାଣ୍ଠିରେ ଟଙ୍କା ଅମାନତ ରଖି ପାରନ୍ତି ।

ପଞ୍ଚାୟତ ଦ୍ୱାରା ଗ୍ରାମବାସୀମାନେ ବିନା ଖର୍ଚ୍ଚରେ ନ୍ୟାୟ ବିଚାର ପାଇଥାନ୍ତି ।

Digitized by srujanika@gmail.com

(୬୧) ବାଲ୍ମୀକି ମୋଚି

ଯୁଧିଷ୍ଠିର ରାଜସୂୟ ଯଜ୍ଞ ଶେଷରେ ଭୀମଙ୍କୁ ଯଜ୍ଞ-ଶଙ୍ଖ ବଜାଇବାକୁ ଆଦେଶ ଦେଲେ । ଭୀମ ତାଙ୍କର ସମସ୍ତ ବଳପ୍ରୟୋଗ କରି ଶଙ୍ଖକୁ ଫୁଙ୍କିଲେ । ତାଙ୍କର ଦେହରୁ ଝାଳ ବହିଗଲା; କିନ୍ତୁ ଶଙ୍ଖ ବାଜିଲା ନାହିଁ । ଯୁଧିଷ୍ଠିର ଏଥିରେ ବିସ୍ମିତ ହୋଇ ଶ୍ରୀକୃଷ୍ଣଙ୍କୁ ଶଙ୍ଖ ନ ବାଜିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ହସି ହସି କହିଲେ, "ଯଜ୍ଞ ଶେଷ ହୋଇନାହିଁ; ତେଣୁ ଶଙ୍ଖ, ଘଣ୍ଟା ପ୍ରଭୃତି ବାଦ୍ୟ ବାଜୁ ନାହିଁ । ରାଜ୍ୟର ସମସ୍ତେ ଯଥେଷ୍ଟ ଭୋଜନ ପାଇଲେ, କିନ୍ତୁ ଜଣକର ପାଦଧୂଳି ଏ ଯଜ୍ଞ ଭୂଇଁରେ ପଡ଼ିନାହିଁ । ତେଣୁ ଯଜ୍ଞ ପୂର୍ଣ୍ଣ ହୋଇନାହିଁ । "ଯୁଧିଷ୍ଠିର ସେହି ମହାତ୍ମାଙ୍କର ନାମ ପଚାରିବାରୁ ଶ୍ରୀକୃଷ୍ଣ କହିଲେ, ସେ ମହାତ୍ମା ଦେଖିବାକୁ କଦାକାର; ତାର ବେଶଭୂଷା ମଳିନ । ସେ ଗୋଟିଏ ମୋଚି । ଚମଡ଼ାରେ ଜୋତା ତିଆରି କରି ଧନ କମାଏ । ନିଜର ପରିଶ୍ରମରେ ଯେତିକି ଆୟ କରେ ସେତିକିରେ ଚଳେ । କାହାଠାରୁ କଡ଼ାଏ କଉଡ଼ି ନିଏ ନାହିଁ । ତାର ନାମ ବାଲ୍ମୀକି ମୋଚି । ସେ ଭିକ୍ଷା ଗ୍ରହଣ କରେ ନାହିଁ । ଯେତିକି କମାଏ ସେତିକରେ କୁଟୁମ୍ବ ପୋଷେ । କାହା ମନରେ ସେ କଷ୍ଟ ଦିଏ ନାହିଁ । ବୃଥା ଗପ କରେ ନାହିଁ । ସର୍ବଦା ସନ୍ତୋଷରେ ଥାଏ । ପର ଦୁଃଖରେ ସେ ଦୁଃଖୀ । ପୁଣି ନିଜର ସାମାନ୍ୟ ଆୟରୁ ପର ଉପକାରରେ କିଛି ବ୍ୟୟ କରେ । ସେହି ବାଲ୍ମୀକି ମୋଚିର ଉପଯୁକ୍ତ ପୂଜା ହେଲେ ଯଜ୍ଞ ବାଦ୍ୟସବୁ ବାଜି ଉଠିବ । ତା ପରି ପୁଣ୍ୟବନ୍ତ ଲୋକ ରାଜ୍ୟ ଭିତରେ ଆଉ କେହି ନାହିଁ ।

ଯୁଧିଷ୍ଠିରଙ୍କ ଆଦେଶରେ ଭୀମ ଓ ଅର୍ଜୁନ ବାଲ୍ମୀକି ମୋଚିର ସନ୍ଧାନରେ ବାହାରିଲେ । ବହୁତ ଦୂର ବୁଲି ବୁଲି ସେମାନେ ଗୋଟିଏ

Digitized by srujanika@gmail.com

ଭଙ୍ଗା କୁଡ଼ିଆ ଦେଖିଲେ । ସେହି କୁଡ଼ିଆରେ ବାଲ୍ମୀକ ମୋଚି ବାସ କରୁଥିଲା । ଭୀମ ଓ ଅର୍ଜୁନ ତାହାର ପାଦ ପୂଜାକରି ଯଜ୍ଞସ୍ଥଳକୁ ଯିବାକୁ କହିଲେ । ବାଲ୍ମୀକ ହାତ ଯୋଡ଼ି କହିଲା, "ମୁଁ ଗରିବ ମୋଚି; ରାଜଦ୍ୱାରକୁ ଯିବି କପରି ?" ଭୀମ ତାର କଥା ନ ମାନି କାନ୍ଧରେ ବସାଇ ତାକୁ ଘେନି ଆସିଲେ ।

ସାଧୁ ବାଲ୍ମୀକ ଆସିବା ଦେଖି ନଗରର ଲୋକେ ଆନନ୍ଦିତ ହେଲେ । ସିଂହ ଦ୍ୱାରରେ ନାନା ବାଦ୍ୟ ବାଜିଉଠିଲା । ଦ୍ରୌପଦୀ ସୁବର୍ଣ୍ଣ ଥାଳୀରେ ଅନ୍ନ ବ୍ୟଞ୍ଜନ ଆଣି ବାଲ୍ମୀକଙ୍କୁ ଦେଲେ । ବାଲ୍ମୀକ ବିନୟ ପ୍ରକାଶ କରି କହିଲା, "ମୁଁ ଗରିବ ମୋଚିଟାଏ । ମୋତେ ଆଦର କରୁଛନ୍ତି କାହିଁକି ?"

ବାଲ୍ମୀକଙ୍କ ଭୋଜନ ଶେଷ ହୁଅନ୍ତେ ଭୀମ ପୁଣି ଯଜ୍ଞ ଶଙ୍ଖ ବଜାଇବାକୁ ବାହାରିଲେ । କିନ୍ତୁ ପୂର୍ବପରି ଯେତେ ବଳ ପ୍ରୟୋଗକଲେ ମଧ୍ୟ ଶଙ୍ଖ ଆଦୌ ବାଜିଲାନାହିଁ । ତହିଁ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ, "ଯଜ୍ଞ ଶଙ୍ଖ ନ ବାଜିବାର କାରଣ ଏହି ଯେ ଦ୍ରୌପଦୀ ବାଲ୍ମୀକଙ୍କୁ ମୋଚି ବୋଲି ଜାଣି ମନରେ ଘୃଣା କରି ଅଛନ୍ତି । ତେଣୁ ଯଜ୍ଞ ପୂର୍ଣ୍ଣ ହେଲା ନାହିଁ ।"

ଦ୍ରୌପଦୀ ବାଲ୍ମୀକ ନାଁ ଶୁଣି ମନେ କରିଥିଲେ ଯେ କିଏ ଜଣେ ବଡ଼ ଜ୍ଞାନୀ ଋଷି ହୋଇଥିବେ । କିନ୍ତୁ ଏହି ବାଲ୍ମୀକ ଗୋଟିଏ ମୋଚି ବୋଲି ଜାଣି ମନେ ମନେ ତାଙ୍କୁ ଘୃଣା କରିଥିଲେ । ଏବେ ସେ ନିଜର ଦୋଷ ବୁଝିପାରି ମନରେ ଦୁଃଖ କଲେ । ସେ ଲାଜରେ ବାଲ୍ମୀକଙ୍କ ପାଖକୁ ଆସି ତାଙ୍କ ପାଦ ସେବା କରି ଆକୁଳ ଭାବରେ କ୍ଷମା ମାଗିଲେ ।

Digitized by srujanika@gmail.com

ପଞ୍ଚ-ଶଙ୍ଖ ଓ ଅନ୍ୟାନ୍ୟ ବାଦ୍ୟ ବାଜି ଉଠିଲା । ସମସ୍ତେ ଜାଣିଲେ ଯଜ୍ଞ ଶେଷ ହୋଇଛି । ନଗରର ନରନାରୀ ସମସ୍ତେ ଯୁଧିଷ୍ଠିରଙ୍କ ପ୍ରଶଂସା ଗାଇଲେ ।

ବାଲ୍ମୀକି ମୋଟରର ପାଦ ଧୂଳି ଲାଗିବାରୁ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ପୂର୍ଣ୍ଣ ହେଲା ।

କଠିନ ଶବ୍ଦମାନଙ୍କର ଅର୍ଥ—

ଅନୁଜ—ସାନ ଭାଇ; ଅସୀମ—ଅଶେଷ; ସ୍ଫୁରିଲା ନାହିଁ—ବାହାରିଲା ନାହିଁ; ରବ—ଶବ୍ଦ; ବୃକୋଦର—ଭୀମ; ଶତ୍ରୁହନ୍ତା—ଶତ୍ରୁକୁ ଯେ ନାଶ କରେ; ସ୍ୱେଦ—ଝାଳ; ଧର୍ମସୁତ—ଧର୍ମପୁତ୍ର ଯୁଧିଷ୍ଠିର; ତୃପ୍ତିଭୋଜନ—ଯଥେଷ୍ଟ ଆହାର; ଚରଣରେଣୁ—ପାଦଧୂଳି; ଭବନ—ଗୃହ; ପୃଚ୍ଛିଲେ—ପଚାରିଲେ; କେଶବ—ଶ୍ରୀକୃଷ୍ଣ; ମହାମତ—ମହାତ୍ମା; କୁତ୍ସିତ—ଅସୁନ୍ଦର; ଦୀନ—ଦରିଦ୍ର; ପାଦୁକା—ଜୋତା; ସ୍ପର୍ଶ—ଛୁଇଁବା; ଅର୍ଚ୍ଚନା—ପୂଜା; ଅଗ୍ରଜ—ବଡ଼ଭାଇ; ଶ୍ରାନ୍ତପଦେ ଭ୍ରମି ଭ୍ରମି—ବୁଲି ବୁଲି ତାଙ୍କ ପାଦକୁ କଷ୍ଟ ହେଲା; ସେ ହାଲିଆ ହୋଇ ପଡ଼ିଲେ । ଭଗ୍ନ କୁଟୀର—ଭଙ୍ଗା କୁଡ଼ିଆ; ଅଭବନି—ଯାଇ ହୋଇ; ବସତି—ବାସସ୍ଥାନ, ମିନତି—ପ୍ରାର୍ଥନା; ଛାଲୁନ୍ତ—ନମ୍ର, ରାଜନନ୍ଦନ—ରାଜପୁତ୍ର; ଭାଜନ—ପାତ୍ର; ଗୀର—କଥା; ରାଜ ଦୁଲାଳୀ—ରାଜକନ୍ୟା; ବ୍ୟଞ୍ଜନ—ତରକାରି; ମନୋହର—ଭୋଜନ; ଖଟରେ—ଚଞ୍ଚଳ; ମହୋଲ୍ଲାସରେ—ଅତି ଆନନ୍ଦରେ; ଅଚ୍ୟୁତ—ଶ୍ରୀକୃଷ୍ଣ; ପାଞ୍ଚାଳନନ୍ଦିନୀ—ଦ୍ରୌପଦୀ; ଯତି—ସନ୍ନ୍ୟାସୀ, ଗୁରୁବ୍ୟଥା—ଘୋର ଦୁଃଖ; ମହିଷୀ—ରାଣୀ; ଝଟିତ—ଶୀଘ୍ର; ସଜଳ ନୟନରେ—ଆଖିରେ ଲୁହ ଭରି; ବାଦ୍ୟରାଜି—ବାଦ୍ୟ ସମୂହ; ନରେଶ—ରାଜା ।

Digitized by srujanika@gmail.com

ସନ୍ଧି:—

ମହା + ଉଲ୍ଲାସ = ମହୋଲ୍ଲାସ; ଉତ୍ + ଲସ = ଉଲ୍ଲାସ; ନର + ଈଶ = ନରେଶ; ବୃକ + ଉଦର = ବୃକୋଦର; ଭୀମ + ଅର୍ଜୁନ = ଭୀମାର୍ଜୁନ; ଯୁଧି + ସ୍ଥିର = ଯୁଧିଷ୍ଠିର ।

ଲିଙ୍ଗ ପରିବର୍ତ୍ତନ—

ସୁତ—ସୁତା; ପୁଣ୍ୟବନ୍ତ—ପୁଣ୍ୟବତୀ; ଭ୍ରାତା—ଭଗ୍ନୀ; ପୁରୁଷ—ସ୍ତ୍ରୀ; ନର—ନାରୀ; ଭିକାରୀ—ଭିକାରୁଣୀ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ବାଲ୍ମୀକି ଦେଖିବାକୁ ଅସୁନ୍ଦର । ତାହାର ବେଶ ଭୂଷା ଅତି ହୀନ; କିନ୍ତୁ ତାଠାରେ କେତେଗୁଡ଼ିଏ ଭଲ ଗୁଣ ଥିଲା । ଖୋଳା ତିଆରି କରି ଯେତକି ଯାହା ଅର୍ଜନ କରେ ତା ଛଡ଼ା କାହାଠାରୁ କଡ଼ାଏ କଉଡ଼ି ସୁଦ୍ଧା ସେ ନେଉ ନଥିଲା; ଭିକ୍ଷା ଗ୍ରହଣ କରୁ ନଥିଲା ଓ ଯାହା ମିଳୁଥିଲା ତାକୁ ସନ୍ତୋଷରେ ଖାଉଥିଲା । ସେ କାହାରି ମନରେ କଷ୍ଟ ଦେଉ ନଥିଲା; ବହୁତ କଥା କହୁ ନଥିଲା । ପରର ଦୁଃଖ ଦେଖିଲେ ତାର ମନ ତରଳି ଯାଉଥିଲା । ନିଜ ସାମାନ୍ୟ ଅବସ୍ଥାରୁ କିଛି ପର ଉପକାରରେ ବ୍ୟୟ କରୁଥିଲା ।

ରାଜସୂୟ ଯଜ୍ଞରେ ସମସ୍ତେ ଭୁରି ଭୋଜନ ପାଇଥିଲେ । କିନ୍ତୁ ସାଧୁ ବାଲ୍ମୀକିର ପୂଜା ହୋଇ ନଥିବାରୁ ଯଜ୍ଞ ଶଙ୍ଖ ବାଜିଲା ନାହିଁ । ଶ୍ରୀକୃଷ୍ଣଙ୍କଠାରୁ ଏହା ଜାଣିପାରି ଯୁଧିଷ୍ଠିର ତାହାକୁ ଆଣାଇ ପୂଜା ଅର୍ଚ୍ଚନା କରିଥିଲେ ।

୨ । ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥିଲେ । ସେ ପାଣ୍ଡବମାନଙ୍କର ପରମ ବନ୍ଧୁ ଥିଲେ ଓ ମହାଭାରତ ଯୁଦ୍ଧରେ ପାଣ୍ଡବମାନଙ୍କୁ ସାହାଯ୍ୟ କରିଥିଲେ । ଯୁଧିଷ୍ଠିର ପାଞ୍ଚ ପାଣ୍ଡବଙ୍କ ମଧ୍ୟରେ ସବୁଠାରୁ ବଡ଼ ଥିଲେ । ସେ ଧାର୍ମିକ ବୋଲି କାଳେ କାଳେ ଖ୍ୟାତ ।

Digitized by srujanika@gmail.com

ଦ୍ରୌପଦୀ ପଞ୍ଚାଳ ରାଜା ଦ୍ରୁପଦଙ୍କର କନ୍ୟା । ସ୍ୱୟମ୍ବର ସଭାରେ ଅର୍ଜୁନ ଦ୍ରୁପଦଙ୍କ ପ୍ରତିଜ୍ଞା ପୂରଣ କରିବାରୁ ସେ ପଞ୍ଚପାଣ୍ଡବଙ୍କୁ ବିବାହ କରିଥିଲେ । ସେ ପତିବ୍ରତା ଥିଲେ ଓ ପାଣ୍ଡବମାନଙ୍କ ବନବାସ କାଳରେ ସେମାନଙ୍କ ସଙ୍ଗେ ବଣକୁ ଯାଇଥିଲେ ।

୩ । ରାଜସୂୟ ଯଜ୍ଞ ଶେଷରେ ଯଜ୍ଞଶଙ୍ଖ ନ ବାଜିବାରୁ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ତାହାର କାରଣ ପଚାରିଲେ । ଶ୍ରୀକୃଷ୍ଣ କହିଲେ ଯେ ରାଜ୍ୟର ଜଣେ ମହାପୁରୁଷଙ୍କର ସେବା ପୂଜା ହୋଇ ନଥିବାରୁ ଶଙ୍ଖ ବାଜୁ ନାହିଁ । ଏହି ମହାତ୍ମାଙ୍କର ପରିଚୟ ଦେଇ ସେ କହିଲେ ଯେ ତାଙ୍କର ନାମ ବାଲ୍ମୀକ ମୋତି । ତାଙ୍କର ବହୁତ ଭଲ ଗୁଣ ଅଛି । ତାଙ୍କ ପାଦ ଏଠାରେ ପଡ଼ିଲେ ସବୁ ବାଦ୍ୟ ବାଜି ଉଠିବ । ସେ ଏହି ଯଜ୍ଞ ଭୂଇଁରେ ପାଦ ପକାଇଲେ ବାଟେ ଘାଟେ ଲୋକେ ଆନନ୍ଦରେ ମାତି ଉଠିବେ ।

୪ । ଶ୍ରୀକୃଷ୍ଣ—ଅଚ୍ୟୁତ, ମାଧବ; ଦ୍ରୌପଦୀ—ପାଞ୍ଚାଳୀ, ଯାଜ୍ଞସେନୀ; ଯୁଧିଷ୍ଠିର—ଧର୍ମ ପୁତ୍ର, ଧର୍ମରାଜ; ଝାଳ—ସ୍ୱେଦ, ଶ୍ରମବାରି; ଭୋଜନ—ଆହାର, ମଣୋହି ।

୫ । ରାଜସୂୟ ଯଜ୍ଞ—କୌଣସି ରାଜା ଅନ୍ୟ ରାଜାଙ୍କ ଉପରେ ବଡ଼ ହେଲେ ରାଜସୂୟ ଯଜ୍ଞ କରୁଥିଲେ । ଏଥିରେ ଦେବତାଙ୍କ ଉଦ୍ଦେଶ୍ୟରେ ନାନା ପଦାର୍ଥ ଦିଆ ଯାଉଥିଲା ।

ଶତ୍ରୁହନ୍ତା—ଯେ ଶତ୍ରୁକୁ ନ ମାରି ଛାଡ଼େ ନାହିଁ । ଭୂରି ଭୋଜନ—ଯଥେଷ୍ଟ ଆହାର,

ଯଜ୍ଞଶାଳ—ଯେଉଁ ସ୍ଥାନରେ ଅଗ୍ନି ପ୍ରଭୃତି ଦିଆଯାଇ ଯଜ୍ଞ କରାଯାଏ ।

ଯାଜ୍ଞସେନୀ—ପଞ୍ଚାଳରାଜା ଦ୍ରୁପଦ ଯଜ୍ଞ କରୁଥିଲେ । ସେହି ଯଜ୍ଞର ଅଗ୍ନିରୁ ଦ୍ରୌପଦୀ ବାହାରି ଥିଲେ ବୋଲି ତାଙ୍କର ଗୋଟିଏ ନାମ ଯାଜ୍ଞସେନୀ ।

Digitized by srujanika@gmail.com

ଦ୍ରୁପଦରାଜ ଦୁଲାଳୀ—ପଞ୍ଚାଳରାଜା ଦ୍ରୁପଦ ଦ୍ରୌପଦୀଙ୍କୁ ଅତି ଆଦରରେ କନ୍ୟା ରୂପେ ପାଳି ଥିଲେ । ତେଣୁ ତାଙ୍କୁ ରାଜା ଦ୍ରୁପଦଙ୍କ ଆଦରର କନ୍ୟା ବୋଲି କୁହାଯାଇଛି ।

ଭାଟ-ଭିକାରି—ଭାଟମାନେ ରାଜାମାନଙ୍କ ଗୁଣ ବର୍ଣ୍ଣନା କରି କବିତା କରନ୍ତି ଓ ରାଜସଭାମାନଙ୍କରେ ସେ ସବୁ ଗାଆନ୍ତି । ରାଜାମାନେ ସେମାନଙ୍କୁ ଏଥିପାଇଁ ପୁରସ୍କାର ଦେଇଥାନ୍ତି । ଭିକାରିମାନେ ମଧ୍ୟ ରାଜା ଓ ଧନୀ ଲୋକଙ୍କଠାରୁ ଅର୍ଥ ପାଇଥାନ୍ତି ।

---

(୨୨) ଲବଣ ଶିଳ୍ପ

ଜୀବନ ଧାରଣ ପାଇଁ ଲୁଣ ଏକାନ୍ତ ଦରକାରୀ । ମନୁଷ୍ୟମାନେ ଖାଦ୍ୟଦ୍ରବ୍ୟ ସଙ୍ଗରେ ଲୁଣ ଖାଆନ୍ତି । ଗାଈ, ମଇଁଷି, ଘୋଡ଼ା ପ୍ରଭୃତି ଗୃହପାଳିତ ପଶୁମାନଙ୍କୁ ଲୁଣ ଖାଇବାକୁ ଦିଆଯାଏ । ବନ୍ୟ ଜନ୍ତୁମାନେ ମଧ୍ୟ ଲୁଣ ଖୋଜି ଖାଇବାର ଜଣାଯାଏ ।

କ୍ଲୋରିନ୍ ନାମକ ଏକ ବିଷାକ୍ତ ବାଷ୍ପ ଓ ସୋଡ଼ିଅମ ଧାତୁ ଏହି ଦୁଇ ପଦାର୍ଥ ସମାନ ଭାଗରେ ମିଶିଲେ ଲୁଣ ହୁଏ । ସାଧାରଣତଃ ଲୁଣ ସମୁଦ୍ର ପାଣିରୁ ମିଳେ ବୋଲି ଆମ୍ଭମାନଙ୍କର ଧାରଣା । କିନ୍ତୁ ପ୍ରକୃତ ପକ୍ଷରେ ସମୁଦ୍ର ଜଳ ଛଡ଼ା କେତେକ ପର୍ବତରୁ, ପୃଥିବୀର ଗର୍ଭରୁ, କେତେକ ନଦୀ ଓ ହ୍ରଦରୁ ମଧ୍ୟ ପ୍ରଚୁର ଲୁଣ ମିଳେ ।

ସମୁଦ୍ରର ପ୍ରତି ଘନ ମାଇଲ ଜଳରେ ସତେଇଶ କୋଟି ମହଣ ଲୁଣ ଥିବାର ହିସାବ କରାଯାଇଅଛି । ସମୁଦ୍ରର ସମସ୍ତ ଲୁଣ ସଂଗ୍ରହ କରି ପୃଥିବୀରେ ବିଛାଇ ଦେଲେ ପୃଥିବୀ ସବୁଆଡ଼େ ୪୦୦ ଫୁଟ ବେଶି ଉଚ୍ଚ ହୋଇଯିବ ।

Digitized by srujanika@gmail.com

ଜର୍ମାନୀ ଓ ପୋଲଣ୍ଡରେ ବଡ଼ ବଡ଼ ଲୁଣ-ଖଣି ଅଛି । ଏହି ଖଣିଗୁଡ଼ିକ ଖୁବ ଗଭୀର । ଖଣି ଭିତରେ ନୃତ୍ୟଶାଳା, ହୋଟେଲ, ରାସ୍ତା ଏପରିକି ରେଲପଥ ମଧ୍ୟ ରହିଅଛି ।

ଭାରତରେ ସମୁଦ୍ର କୂଳ ଅଞ୍ଚଳରେ ଲୁଣ ଅମଦାନି ହୁଏ । କେତେକ ସ୍ଥାନରେ ସୂର୍ଯ୍ୟ କିରଣରେ ଲୁଣୀ ପାଣି ଶୁଖି ଲୁଣ ଜମିଯାଏ । ଅନ୍ୟ କେତେକ ସ୍ଥାନରେ ଲୁଣିଆ ପାଣିକୁ ସିଝାଇ ବା ଖରାରେ ଶୁଖାଇ ଲୁଣ ଅମଦାନୀ କରାଯାଏ । ଗଞ୍ଜାମ ଜିଲାର କେତେକ ସ୍ଥାନରେ ସମୁଦ୍ର ପାଣିକୁ କିଆରୀମାନଙ୍କରେ ମଡ଼ାଇ, ସୂର୍ଯ୍ୟ କିରଣ ଦ୍ୱାରା ଶୁଖାଇ ଲୁଣ ଅମଦାନି କରାଯାଏ ।

ଖାଦ୍ୟ ସହିତ ଲୁଣ ବ୍ୟବହାର ହୁଏ । ତା ଛଡା ଔଷଧରେ, ମାଛମାଂସ ଫଳ ପ୍ରଭୃତିକୁ ବେଶିଦିନ ରଖିବା କାମରେ ଲୁଣ ଦରକାର ହୁଏ । ଓଡ଼ିଶାରେ ମାଛକୁ ଶୁଖାଇ ଲୁଣ ଦେଇ ଶୁଖୁଆ କରାଯାଏ । ଆମ୍ବ ଲେମ୍ବୁ ପ୍ରଭୃତିର ଆଚାରରେ ଲୁଣ ଦିଆ ହୋଇଥାଏ ।

ଆମ୍ଭମାନଙ୍କ ଶରୀରର ଶିରା ପ୍ରଶିରା ପାଇଁ ମଧ୍ୟ ଲବଣ ଦରକାର । ଶିରା ରକ୍ତଶୂନ୍ୟ ହୋଇଗଲେ ରସାୟନିକ ଲବଣ ଦେଇ ତାହାକୁ ପୂରଣ କରାଯାଏ । ହଇଜା ରୋଗରେ ରସାୟନିକ ଲବଣକୁ ରୋଗୀର ଶିରାରେ ପୂରାଇବା ଦ୍ୱାରା ଅନେକ ରୋଗୀଙ୍କର ଜୀବନ ରକ୍ଷା ହୁଏ ।

କଠିନ ଶବ୍ଦମାନଙ୍କର ଅର୍ଥ :—

ନିମକ—ହିନ୍ଦୀ ଭାଷାରେ ଲୁଣର ନାମ, ମାରାତ୍ମକ—ଭୟାନକ, ପ୍ରାଣନାଶକ; ପ୍ରୟୋଗ—ବ୍ୟବହାର; ପ୍ରାଣଦାନ—ମୃତ୍ୟୁ; ଅପର୍ଯ୍ୟାପ୍ତ—ଅସୀମ; ଅଭ୍ୟନ୍ତର—ଭିତର; ଆକର—ଖଣି; ଅବସ୍ଥିତ ହୋଇଅଛି—ବାହାର ଅଛି; ନୃତ୍ୟଶାଳା—ନାଚଘର ।

Digitized by srujanika@gmail.com

ପାଇଁ ଘର; ଭୋଜନାଳୟ—ଖାଇବା ସ୍ଥାନ ବା ହୋଟେଲ; ଯାବନ୍ତୁ —ଯାହାତ; ପ୍ରାକୃତିକ କ୍ରିୟା ଦ୍ୱାରା—ସୂର୍ଯ୍ୟ ପ୍ରଭୃତିଙ୍କ କାର୍ଯ୍ୟ ଫଳରେ; ମନୁଷ୍ୟର ପରିଶ୍ରମ ବିନା; ନିରାମିଷ—ଯହିଁରେ ମାଛ ମାଂସ ନ ଥାଏ; ଆମିଷ—ଅଇଁଷ, ମାଛ ମାଂସ; ଅପରାଧୀ—ଦଣ୍ଡ ପାଇଥିବା ବ୍ୟକ୍ତି; ରୁଗ୍ଣ—ରୋଗିଣୀ; ଶିରା ପ୍ରଶିରା—ଦେହର ଯେଉଁ ସୂକ୍ଷ୍ମ ନାଳୀ ଦ୍ୱାରା ରକ୍ତ ଚଳାଚଳ ହୁଏ; ମରଣାପନ୍ନ— ଯାହା ମରଣ ନିକଟ ହୋଇ ଆସିଛି ।

ଟିପ୍ପଣୀ—

ପ୍ରଭୁର ନିମକ ଖାଇବା — ଲୁଣକୁ ହିନ୍ଦୀରେ 'ନିମକ' କହନ୍ତି । ଲୁଣ ମନୁଷ୍ୟର ଖାଦ୍ୟଦ୍ରବ୍ୟ ମଧ୍ୟରେ ପ୍ରଧାନ । କୌଣସି ଲୋକ ଅନ୍ୟର ଅନ୍ନରେ ପାଳିତ ହୋଇଥିଲେ ସେ ତାହାର ନିମକ ଖାଇଛି ବୋଲି ବୁଝାଯାଏ । ଯେ ଅନ୍ୟର ଅନ୍ନରେ ପାଳିତ ହୋଇ ତା ପ୍ରତି କୃତଜ୍ଞ ରହେ ତାହାକୁ 'ନିମକହଲାଲ କହନ୍ତି' ଓ ଯେ କୃତଜ୍ଞତା ନ ଦେଖାଏ, ତାହାକୁ 'ନିମକ-ହରାମ' ମଧ୍ୟ କହନ୍ତି ।

ସନ୍ଧି—

ଆମିଷ + ଆହାର = ଆମିଷାହାର, ନିଃ + ଆମିଷ = ନିରାମିଷ; ମରଣ + ଆପନ୍ନ = ମରଣାପନ୍ନ; ଅନୁ + ଏଷଣ = ଅନ୍ୱେଷଣ; ଘୋଟକ + ଆଦ = ଘୋଟକାଦ; ଭୋଜନ + ଆଳୟ = ଭୋଜନାଳୟ; ଯଥା + ଅର୍ଥ = ଯଥାର୍ଥ ।

ପୁସ୍ତକର୍ଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ସମୁଦ୍ରର ଲୁଣିଆ ପାଣିକୁ ଖରାରେ ଶୁଖାଇ ବା ନିଆଁରେ ସିଝାଇ ଲୁଣ ବାହାର କରାଯାଏ । କେତେକ ହ୍ରଦ, ନଦୀ ବା ଝରଣାରୁ ମଧ୍ୟ ଲୁଣ ମିଳେ । ଏହା ଛଡ଼ା କେତେକ ପର୍ବତ ଓ ପୃଥିବୀର ଅଭ୍ୟନ୍ତରରେ ଲୁଣ ଅଛି । ଏହି ଲୁଣକୁ ଖୋଳି ବାହାର କରାଯାଏ ।

Digitized by srujanika@gmail.com

ଯୁଦ୍ଧ ସମୟରେ ଶତ୍ରୁ ସୈନ୍ୟମାନଙ୍କ ଉପରେ କ୍ଲୋରିନ୍ ନାମକ ଏକ ପ୍ରକାର ବାଷ୍ପ ଛାଡ଼ି ଦିଆଯାଏ । ଏହି ବାଷ୍ପ ଭୟଙ୍କର ବିଷାକ୍ତ ପଦାର୍ଥ ହୋଇଥିବାରୁ ଶତ୍ରୁମାନେ ପ୍ରାଣ ହରାନ୍ତି ।

ଆମ୍ଭେମାନେ ଯେଉଁ ଲୁଣ ବ୍ୟବହାର କରୁଁ, ସେଥିରେ କ୍ଲୋରିନ୍ ବାଷ୍ପ ଓ ସୋଡ଼ିଅମ୍ ଧାତୁ ସମାନ ଭାଗରେ ଅଛି । କ୍ଲୋରିନ ବାଷ୍ପ ବିଷ ହେଲେ ମଧ୍ୟ ସୋଡ଼ିଅମ ସହିତ ସମାନ ଭାଗରେ ମିଶିଲେ ଏହା ମନୁଷ୍ୟର ଖାଦ୍ୟ ଲୁଣରେ ପରିଣତ ହୁଏ ।

୨ । ମନୁଷ୍ୟ ଓ ଗୃହପାଳିତ ଜୀବମାନେ ଲୁଣ ଖାଆନ୍ତି । ବଣର ଜୀବମାନେ ମଧ୍ୟ ଲୁଣ ଖାଆନ୍ତି । ରାସାୟନିକ କାର୍ଯ୍ୟରେ, ମାଛ ମାଂସ ପ୍ରଭୃତି ବେଶି ଦିନ ପାଇଁ ରଖିବାରେ, ଶୁଖୁଆ ଆଚାର ପ୍ରସ୍ତୁତ କରିବାରେ ଲୁଣ ବ୍ୟବହାର ହୁଏ । ପ୍ରତିଦିନ ଏତେ ଲୁଣ ଖର୍ଚ୍ଚ ହେଉଥିଲେ ମଧ୍ୟ ପୃଥିବୀରେ କେବେ ହେଲେ ଲୁଣର ଅଭାବ ହେବାର ଆଶଙ୍କା ନାହିଁ । କେବଳ ସମୁଦ୍ରରେ ଯେଉଁ ଲୁଣ ଅଛି ତାହା ହଜାର ହଜାର ବର୍ଷରେ ମଧ୍ୟ ସରିବ ନାହିଁ । ଏକ ଘନ ମାଇଲ ସମୁଦ୍ର ଜଳରେ ସତେଇଶ କୋଟି ମହଣ ଲୁଣ ଅଛି । ତାଛଡ଼ା ଖଣିମାନଙ୍କରେ ମଧ୍ୟ କୋଟି କୋଟି ମହଣ ଲୁଣ ଅଛି । ଏ ଲୁଣ ଭଣ୍ଡାର କି କେବେ ଶେଷ ହୋଇପାରେ ?

୩ । (ସାରକଥାର ଶେଷ ଅଂଶ ଦେଖ ।)

(୨୩) ବନ୍ଦୀଶାଳାର ଉନ୍ନତି

ସାରକଥା—

କୌଣସି ଲୋକ ସମାଜର କ୍ଷତିକାରକ କାର୍ଯ୍ୟ କଲେ, ତାହାର ସ୍ୱଭାବ ବଦଳାଇବାପାଇଁ ତାକୁ ଆଇନ ଅନୁସାରେ ଜେଲ-ଖାନାରେ ରଖାଯାଏ ।

Digitized by srujanika@gmail.com

ଆଗେ ଜେଲଖାନାରେ ବନ୍ଦୀମାନଙ୍କ ପ୍ରତି ଅତି ନିର୍ଦ୍ଦୟ ବ୍ୟବହାର କରାଯାଉଥିଲା । ଫଳରେ ସେମାନଙ୍କ ସ୍ୱଭାବ ଭଲ ନ ହୋଇ ଆହୁରି ଖରାପ ହେଉଥିଲା । ଜେଲଖାନାରୁ ଫେରି ସେମାନେ ସମାଜର ଘୋର କ୍ଷତି କରୁଥିଲେ । ପ୍ରାୟ ଦେଢ଼ଶହ ବର୍ଷ ତଳେ ବିଲାତର ଜେଲଖାନାମାନଙ୍କରେ ବନ୍ଦୀମାନଙ୍କୁ ଏହିପରି ନିର୍ଦ୍ଦୟ ବ୍ୟବହାର କରା ହେଉଥିଲା । ଏଲିଜାବେଥ ଫ୍ରାଇ ନାମରେ ଜଣେ ରମଣୀ ବହୁତ ଚେଷ୍ଟା କରି ବନ୍ଦୀମାନଙ୍କ ପ୍ରତି ବ୍ୟବହାରକୁ ଏକବାରେ ବଦଳାଇ ଦେଇଥିଲେ ।

ଏଲିଜାବେଥ ଗୋଟିଏ ଉଚ୍ଚ ପରିବାରରେ ଜନ୍ମିଥିଲେ । ଥରେ ସେ ନିଜ ଭଉଣୀମାନଙ୍କ ସଙ୍ଗରେ ଗୋଟିଏ ସଭାକୁ ଯାଇଥିଲେ । ସେହି ସଭାରେ ଦେଶର ଦୁଃଖୀ ଦରିଦ୍ରଙ୍କ ବିଷୟରେ ଗୋଟିଏ ବକ୍ତୃତା ଶୁଣି ତାଙ୍କର ମନ ବଦଳି ଗଲା । ସେ ନିଜର ଆଡ଼ମ୍ବରପୂର୍ଣ୍ଣ ଜୀବନ ଛାଡ଼ି ଦେଇ ଅତି ସରଳ ଭାବରେ ଚଳିଲେ ଓ ଲୋକଙ୍କ ସେବାରେ ଲାଗି ପଡ଼ିଲେ ।

ପ୍ରଥମେ ସେ ଗରିବ ପିଲାଙ୍କ ପାଇଁ ଗୋଟିଏ ପାଠଶାଳା ଖୋଲିଲେ । ସେଠାରେ ଗରିବ ପିଲାମାନେ ପାଠ ପଢ଼ି ପାରିଲେ ।

ଲଣ୍ଡନ ସହରର ନିଉଗେଟ୍ ଜେଲଖାନାର ଅବସ୍ଥା ଅତି ଭୟଙ୍କର ଥିଲା । ଏହି ଜେଲଖାନା ମାଟିତଳେ ତିଆରି ହୋଇଥିଲା । ସେଥିରେ ମୂଷା ପ୍ରଭୃତି ଜନ୍ତୁ ପୂରି ରହିଥିଲେ । କଏଦୀମାନଙ୍କୁ ଦୁଇ ଧାଡ଼ିରେ ଲୁହା ବାଡ଼ରେ ବାନ୍ଧି ରଖା ଯାଉଥିଲା । ହାତକଡ଼ି, ଗୋଡ଼କଣ୍ଠ ବା ଶିକୁଳିରେ ବନ୍ଦୀମାନଙ୍କୁ ବାନ୍ଧି ପାହାର ଦିଆ-ଯାଉଥିଲା ।

ଏଲିଜାବେଥ୍ ନିଉଗେଟ ଜେଲଖାନାକୁ ଯାଇ କଏଦୀମାନଙ୍କ ଅବସ୍ଥା ଦେଖିଲେ । ସେ ଜାଣି ପାରିଲେ ଯେ ଏ ପ୍ରକାର ବ୍ୟବହାରରେ

Digitized by srujanika@gmail.com

ସେମାନଙ୍କ ସ୍ୱଭାବ **ଆଦୌ** ବଦଳୁ ନାହିଁ । ବରଂ ସେମାନଙ୍କ ହିଂସା ଭାବ ବଢ଼ୁଛି । ଅନେକେ ଲୁଚାଇ ନିଶାଦ୍ରବ୍ୟ ଆଣାଇ ଖାଉଛନ୍ତି । ଏଲିଜାବେଥ୍ ଏହି ବନ୍ଦୀମାନଙ୍କ ମନ ବଦଳାଇବାକୁ ଚେଷ୍ଟା କଲେ ।

ସମୟେ ସମୟେ ବନ୍ଦୀଙ୍କଠାରୁ ସେ ଗାଳି ଶୁଣିଲେ; ଅପମାନ ପାଇଲେ । କିନ୍ତୁ ସେଥିରେ ସେ ସାହସ ଛାଡ଼ିଲେ ନାହିଁ । ଜେଲ-ଖାନାରେ କେତେକ ସ୍ତ୍ରୀଙ୍କ ସଙ୍ଗେ ତାଙ୍କ ପିଲାମାନେ ମଧ୍ୟ ଥିଲେ; ସେ ଏହି ଛୋଟ ପିଲାଙ୍କ ପାଇଁ ଜେଲଖାନାରେ ଗୋଟିଏ ସ୍କୁଲ ବସାଇଲେ ଓ ତାଙ୍କୁ ଜାମା କୁର୍ତ୍ତା ପ୍ରଭୃତି ଯୋଗାଇଦେଲେ । ସେ ପ୍ରତିଦିନ ଦୁଷ୍ଟା ସ୍ତ୍ରୀ-କଏଦୀମାନଙ୍କୁ ଧର୍ମଶାସ୍ତ୍ର ଶୁଣାଇଲେ । କିଛିଦିନ ପରେ ସେମାନଙ୍କ ସ୍ୱଭାବ ବଦଳିଗଲା । ସେ ସେମାନଙ୍କୁ ସିଲାଇ କାମ କରିବାର ସୁବିଧା କରାଇ ଦେଲେ । ମିଆଦ ଶେଷ ପରେ ଏହି କାମର **ଅର୍ଥ** ସେମାନେ ପାଇଲେ ।

ସରକାର ଦେଖିଲେ ଯେ ଏଲିଜାବେଥ୍ଙ୍କ କାର୍ଯ୍ୟ ଦ୍ୱାରା ଭଲ ଫଳ ହୋଇଛି । ତାଙ୍କ ପରାମର୍ଶରେ ସରକାର ଜେଲଖାନା ଆଇନକୁ ବଦଳାଇ ଦେଲେ । କଏଦୀମାନଙ୍କ ପ୍ରତି କୋମଳ ବ୍ୟବହାର କରାଗଲା । ଜେଲଖାନାରେ ପାଠଶାଳା ଓ ସିଲେଇ କାମ ରହିଲା ।

ୟୁରୋପର ଅନ୍ୟାନ୍ୟ ଦେଶର ସରକାରମାନେ କ୍ରମେ ଇଂଲଣ୍ଡ ସରକାରଙ୍କୁ ଅନୁକରଣ କରି ଜେଲଖାନା ନିୟମ ବଦଳାଇ ଦେଲେ । ବନ୍ଦୀମାନେ କୋମଳ ବ୍ୟବହାର ସଙ୍ଗେ ଉପଯୁକ୍ତ ଶିକ୍ଷା ମଧ୍ୟ ପାଇଲେ ।

ଏଲିଜାବେଥ୍ଙ୍କ ଚେଷ୍ଟାରେ ବନ୍ଦୀଶାଳାରେ ଅଦ୍ଭୁତ ପରିବର୍ତ୍ତନ **ଆସିଅଛି** ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ—

ଅମାନୁଷିକ—ପଶୁପରି; ରୁକ୍ଷ—କଠୋର; ନୃଶଂସ—ନିର୍ଦ୍ଦୟ; ଅଯାଚାର—ଷଣ୍ଡ; ମହୀୟସୀ—ଉଦାର-ହୃଦୟା; ମହିଳା—ଭଦ୍ର ପରିବାରର ସ୍ତ୍ରୀ; ସମ୍ଭ୍ରାନ୍ତ ପରିବାର—ଉଚ୍ଚ, ଭଦ୍ର ପରିବାର; ଲଜ୍ଜାଶୀଳା—ଲଜକୁଳୀ; ବକ୍ତା—ଯେ ଭଲ କହିପାରନ୍ତି; ପରିଚ୍ଛଦ—ପୋଷାକ; ଲୁଗାପଟା; ଜନସେବା—ଲୋକଙ୍କର ଉପକାର କରିବା; ପ୍ରତିଷ୍ଠା—ସ୍ଥାପନ; ଗୃହିଣୀ—ଘରଣୀ; ଆବଦ୍ଧ—ବନ୍ଧା; କ୍ରୂର—ନିଷ୍ଠୁର; ବିବରଣୀ—ଘଟଣା; ବିଚଳିତା—ଅସ୍ଥିର; ନିର୍ଯ୍ୟାତନା—କଷ୍ଟ; କର୍କଶ—କଠୋର; ଗୋପନରେ—ଲୁଚିଭ; କୁଭାଷା—ମନ୍ଦକଥା, ଗାଳି; ଆଗନ୍ତୁକ—ଅତିଥି, ବାହାରୁ ଆସିଥିବା ଲୋକ; ଭୟାବହ—ଭୟଙ୍କର; ନୃଶଂସ-ପ୍ରକୃତିକ—ଯେଉଁମାନଙ୍କ ସ୍ୱଭାବ ନିଷ୍ଠୁର; ତିରସ୍କାର—ଗାଳି; ହତଭାଗ୍ୟ—ଅଭାଗା; କକ୍ଷ—କୋଠରୀ; ମୁକ୍ତ—ଖଲାସ; ମାତୃବତ୍—ମାଆ ପରି; ପ୍ରତିଷ୍ଠିତ—ସ୍ଥାପିତ; ଅଙ୍ଗ—ଅଂଶ; ଶିଥିଳ—ହୁଗୁଳା ।

ଲିଙ୍ଗପରିବର୍ତ୍ତନ—ପୁଂଲିଙ୍ଗକୁ ସ୍ତ୍ରୀ ଲିଙ୍ଗରେ:—

ବନ୍ଦୀ—ବନ୍ଦିନୀ; ମହୀୟାନ—ମହୀୟସୀ; ଭଦ୍ରବ୍ୟକ୍ତି—ମହିଳା; ଭ୍ରାତା—ଭଗିନୀ; ପତି—ପତ୍ନୀ; ଜନକ—ଜନନୀ; ଅପରାଧୀ—ଅପରାଧିନୀ; କ୍ରୂର—କ୍ରୂରା ।

ପଦ ପରିବର୍ତ୍ତନ—ବିଶେଷ୍ୟକୁ ବିଶେଷଣରେ:—

ରୋଗ—ରୁଗ୍ଣ; ଚିକିତ୍ସା—ଚିକିତ୍ସିତ; ସଂଶୋଧନ—ସଂଶୋଧିତ; କଠୋରତା—କଠୋର; ଅବିଶ୍ୱାସ—ଅବିଶ୍ୱାସୀ; ଘୃଣା—ଘୃଣ୍ୟ; ଅପମାନ—ଅପମାନିତ; ତିରସ୍କାର—ତିରସ୍କୃତ; ସ୍ଥାପନ—ସ୍ଥାପିତ; ପ୍ରତିଷ୍ଠା—ପ୍ରତିଷ୍ଠିତ; ଶିକ୍ଷା—ଶିକ୍ଷିତ; ପରିବର୍ତ୍ତନ—ପରିବର୍ତ୍ତିତ; ନିଷ୍ଠୁରତା—ନିଷ୍ଠୁର ।

Digitized by srujanika@gmail.com

ସରଳାର୍ଥ—

(କ) ସେତେବେଳେ ଇଂଲଣ୍ଡରେ···ଚାର୍ଯ୍ୟ ହୋଇଥିଲା । (ପୃ୯୭)

ପ୍ରାୟ ଦେଢ଼ଶହବର୍ଷ ତଳେ ସବୁଶ୍ରେଣୀର ପିଲାଙ୍କପାଇଁ ପଢ଼ିବାର ବ୍ୟବସ୍ଥା ନ ଥିଲା । କେବଳ ଧନୀ ଘରର ପିଲାମାନେ ପାଠ ପଢ଼ି ପାରୁଥିଲେ । ଏଲିଜାବେଥ୍ ଭାବିଲେ, "ପୃଥିବୀରେ ବାୟୁ ରହିଛି; ତା ଉପରେ ସମସ୍ତଙ୍କର ସମାନ ଅଧିକାର । ଧନୀ ଲୋକ ଯେପରି ବାୟୁରୁ ନିଃଶ୍ୱାସ ନେଉଛନ୍ତି; ଗରିବ ଲୋକ ମଧ୍ୟ ସେହିପରି ନେଇ ପାରୁଛନ୍ତି । ପାଠପଢ଼ି ଜ୍ଞାନ ଲାଭ କରିବାର ଅଧିକାର ସେହିପରି ସମସ୍ତଙ୍କର ରହିବା ଉଚିତ । ଧନୀ ପିଲାମାନେ ପଢ଼ିବେ, ଗରିବ ପିଲାମାନେ ମୂର୍ଖ ହୋଇ ରହିବେ ଏହା ଘୋର ଅନ୍ୟାୟ ।" ଏହିପରି ବିଚାରି ଏଲିଜାବେଥ ଗରିବ ଘର ପୁଅଝିଅଙ୍କ ପଢ଼ିବା ପାଇଁ ପ୍ରଥମେ ଗୋଟିଏ ପାଠଶାଳା ବସାଇ ଥିଲେ ।

(ଖ) ସ୍ୱାମୀ ଓ ପୁତ୍ରକନ୍ୟାଙ୍କର······· ହୋଇପାରିଥିଲେ । (ପୃ୯୭)

ସ୍ତ୍ରୀମାନଙ୍କର କର୍ତ୍ତବ୍ୟ ପୁରୁଷମାନଙ୍କର କର୍ତ୍ତବ୍ୟଠାରୁ ଭିନ୍ନ । ସ୍ୱାମୀ ଓ ପୁଅ ଝିଅଙ୍କର ସେବା କରିବା ସ୍ତ୍ରୀର କର୍ତ୍ତବ୍ୟ । ଯେଉଁ ସ୍ତ୍ରୀ ସ୍ୱାମୀର ସେବା ନ କରେ ସେ ଭଲ ଘରଣୀ ହୋଇ ନ ପାରେ । ସେହିପରି ଯେଉଁ ସ୍ତ୍ରୀ ପୁଅଝିଅଙ୍କର ଉପଯୁକ୍ତ ଯତ୍ନ ନ ନିଏ ସେ ଉତ୍ତମ ମାଆ ହୋଇ ନ ପାରେ । ଏଲିଜାବେଥ ପ୍ରାଇ ବିବାହ କରିଥିଲେ ଓ ତାଙ୍କର ପୁଅ ଝିଅ ଥିଲେ । ସେ ଯେ କେବଳ ଗରିବ ଲୋକଙ୍କ ଉପକାରରେ ଲାଗିଥିଲେ ତା ନୁହେଁ । ତା ସଙ୍ଗେ ସଙ୍ଗେ ସେ ସ୍ୱାମୀଙ୍କର ଓ ପୁଅଝିଅଙ୍କର ଯତ୍ନ ନେଇ ଉପଯୁକ୍ତ ଘରଣୀ ଓ ମାଆହୋଇ ପାରିଥିଲେ ।

Digitized by srujanika@gmail.com

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଏଲିଜାବେଥ ଧନେ ଭଉଣୀମାନଙ୍କ ସଙ୍ଗେ ଗୋଟିଏ ସଭାକୁ ଯାଇଥିଲେ । ସେହି ସଭାରେ ଜଣେ ବକ୍ତା ଦୀନ-ଦରିଦ୍ରମାନଙ୍କ ଅବସ୍ଥା ବିଷୟରେ ବକ୍ତୃତା ଦେଲେ । ତାହା ଶୁଣି ଏଲିଜାବେଥ୍‌ଙ୍କର ମନ ବଦଳି ଗଲା । ସେ ଭୋଗବିଳାସ ଛାଡି ଦେଲେ । ସାମାନ୍ୟ ଆହାର କରି, ସାଧାରଣ ପୋଷାକ ପିନ୍ଧି ସେ ଦୀନଦୁଃଖୀଙ୍କର ଉପକାର କରିବାକୁ ଜୀବନର ପ୍ରଧାନ କାମ ବୋଲି ଧରି ନେଲେ ।

୨ । (ସାରକଥା ଦେଖ ।)

୩ । କର୍କଶ—ନୃଶଂସ, କଠୋର, କଠିନ, କ୍ରୂର, ଦାରୁଣ । ଚେଷ୍ଟା—ବୃତ୍ତି, ଉଦ୍ୟମ, କାର୍ଯ୍ୟ । କଷ୍ଟ—ଦୁଃଖ । ବିଶିଷ୍ଟ—ବିଖ୍ୟାତ ।

---

(୨୪) ତିନିଗୋଟି ପ୍ରଧାନ ନଦୀ

ସାରକଥା—

ହିମାଳୟରୁ ବାହାରି ଉତ୍ତର ଭାରତ ଓ ପାକିସ୍ଥାନରେ ବହିଯାଉଥିବା ନଦୀମାନଙ୍କ ମଧ୍ୟରେ ଗଙ୍ଗା ଓ ସିନ୍ଧୁ ପ୍ରଧାନ । ଗଙ୍ଗାନଦୀ ହିନ୍ଦୁମାନଙ୍କ ପକ୍ଷରେ ଅତି ପବିତ୍ର । ପୁରାଣରେ ଅଛି ଯେ ଗଙ୍ଗା ବିଷ୍ଣୁଙ୍କ ନଖ କୋଣରେ ଥିଲେ । ଭଗୀରଥ ତାଙ୍କ ପୂର୍ବପୁରୁଷଙ୍କୁ ଉଦ୍ଧାର କରିବା ପାଇଁ ଗଙ୍ଗାଙ୍କୁ ସ୍ୱର୍ଗରୁ ଆଣିଥିଲେ । ତେଣୁ ଗଙ୍ଗାର ଅନ୍ୟ ନାମ ଭାଗୀରଥୀ ।

Digitized by srujanika@gmail.com

ଗଙ୍ଗାନଦୀ ହରଦ୍ୱାରଠାରୁ ପାର୍ବତ୍ୟ ପ୍ରଦେଶ ତ୍ୟାଗ କରି ସମତଳ ଭୂମିରେ ପ୍ରବେଶ କରିଅଛି । ଯମୁନା, ଗୋମତୀ ଓ ଘର୍ଘରା ଏହାର ଉପନଦୀ । ଅଲ୍ଲାହାବାଦଠାରୁ ଗଙ୍ଗାର ଓସାର ବଢ଼ି ଯାଇଅଛି । ଏହାର ଅନେକ ଶାଖା ନଦୀ ମଧ୍ୟ ଅଛି । କେନାଲ୍ ଦ୍ୱାରା ଏହାର ଜଳ ବିଭିନ୍ନ ସ୍ଥାନକୁ ନିଆଯାଇ କୃଷି କାର୍ଯ୍ୟର ସୁବିଧା କରାଯାଇଅଛି । ଗଙ୍ଗାର ଲମ୍ବା ପ୍ରାୟ ଦେଢ଼ଶହ ମାଇଲ ।

ଗ୍ରୀଷ୍ମ ସମୟ ଅପେକ୍ଷା ବର୍ଷା ସମୟରେ ଗଙ୍ଗାର ଓସାର ଖୁବ ବଢ଼ିଯାଏ । ବଢ଼ି ସମୟରେ ଏଥିରେ କେତେକ ସ୍ଥାନରେ ଅଶୀ ଫୁଟ ଗଭୀର ଜଳଥାଏ ।

ହରଦ୍ୱାର, ଅଲ୍ଲାହାବାଦ, କାଶୀ ପ୍ରଭୃତି ତୀର୍ଥ ଓ ପାଟନା,ଭାଗଲ-ପୁର କଲିକତା ପ୍ରଭୃତି ପ୍ରସିଦ୍ଧ ନଗର ଏହା କୂଳରେ ଅଛି । କାଶୀ ବା ବାରାଣସୀ ଗୋଟିଏ ଅତି ପୁରୁଣା ସହର । ଏଠାକୁ ଅନେକ ତୀର୍ଥ ଯାତ୍ରୀ ଆସନ୍ତି । ପ୍ରାଚୀନ ଯୁଗରେ ଏହା ହିନ୍ଦୁ ଶିକ୍ଷା ଓ ସଭ୍ୟତାର କେନ୍ଦ୍ର ଥିଲା । ଏବେ ସେଠାରେ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅବସ୍ଥିତ । ଏହି ବିଶ୍ୱବିଦ୍ୟାଳୟ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଯତ୍ନରେ ସ୍ଥାପିତ ହୋଇଅଛି । ଗଙ୍ଗାନଦୀର ଜଳ ପାଇ ଭାରତର ପଶ୍ଚିମବଙ୍ଗଳା, ବିହାର ଓ ଉତ୍ତର ପ୍ରଦେଶ ଏବଂ ପାକିସ୍ଥାନର ପୂର୍ବ ବଙ୍ଗଳାର କୃଷି ଓ ବାଣିଜ୍ୟରେ ଯଥେଷ୍ଟ ଉନ୍ନତି ହୋଇ ପାରିଛି ।

ସିନ୍ଧୁନଦୀ ହିମାଳୟରୁ ବାହାରି କାଶ୍ମୀର ଓ ପଶ୍ଚିମ ପାକିସ୍ଥାନ ମଧ୍ୟଦେଇ ବହି ଯାଇଅଛି । ପାଞ୍ଚଟି ଉପନଦୀ ଏହାକୁ ଜଳ ଯୋଗାଉ-ଅଛନ୍ତି । ଏହି ଉପନଦୀଗୁଡ଼ିକ ଯେଉଁ ପ୍ରଦେଶରେ ପ୍ରବାହିତ ତାହାର ନାମ ପଞ୍ଜାବ । ପଞ୍ଜାବ ଶବ୍ଦଟି 'ପଞ୍ଚ ଅପ୍' (ଅର୍ଥାତ୍ ପାଞ୍ଚୋଟି ଜଳସ୍ରୋତ)ରୁ ଆସିଅଛି । ଯୁରୋପୀୟମାନେ ସିନ୍ଧୁ ପାର ହୋଇ ଭାରତକୁ ଆସିଥିଲେ । ସିନ୍ଧୁକୁ ସେମାନେ 'ଇଣ୍ଡସ୍' ଉଚ୍ଚାରଣ

Digitized by srujanika@gmail.com

କରୁଥିଲେ । ତେଣୁ ସେମାନେ ଭାରତକୁ 'ଇଣ୍ଡିଆ' ନାମ ଦେଇଅଛନ୍ତି। ପଶ୍ଚିମ ପଞ୍ଜାବ ଓ ସିନ୍ଧୁ ରାଜ୍ୟ ପାକିସ୍ଥାନର ଅନ୍ତର୍ଗତ । ଏ ଦୁଇ ରାଜ୍ୟ ସିନ୍ଧୁନଦୀଦ୍ୱାରା ଧନଶାଳୀ ହୋଇଅଛି । ସିନ୍ଧୁ ରାଜ୍ୟର ସୁକ୍କୁରଠାରେ ଗୋଟିଏ ଅନିକଟ ତିଆରି କେନାଲ୍ ଦ୍ୱାରା ରାଜ୍ୟରେ କୃଷିର ଉନ୍ନତି କରାଯାଇଅଛି ।

ଦାକ୍ଷିଣାତ୍ୟରେ କାବେରୀ ନଦୀ ପ୍ରସିଦ୍ଧ । ଏହା ପଶ୍ଚିମ ଘାଟ ପର୍ବତମାଳାରୁ ବାହାରି ଅଛି । କିଛି ଦୂର ଗଲାପରେ ଏହା ଗୋଟିଏ ଅଳ୍ପ ଗଭୀର ଜଳାଶୟରେ ମିଶିଯାଇଛି । ସେଠାରୁ କିଛି ଦୂରରେ ଭୂଗର୍ଭରେ ଗଲା ପରେ ପୁଣି ଏହା ଦେଖା ଦେଇଛି ।

କାବେରୀ ନଦୀର ଉତ୍ପତ୍ତି ବିଷୟରେ ପୌରାଣିକଗଳ୍ପ ଅଛି ଯେ କାବେରୀ କାବେର ଋଷିଙ୍କର ଝିଅ । ସେ ବ୍ରହ୍ମଗିରିରେ ରହି ପିତାଙ୍କ ସେବା କରୁଥିଲେ । ପଶ୍ଚିମ ଘାଟ ପର୍ବତରେ ଅଗସ୍ତ୍ୟ ଋଷି ମଧ୍ୟ ଥିଲେ । ଅଗସ୍ତ୍ୟ କାବେରୀଙ୍କୁ ବିବାହ କଲେ; କିନ୍ତୁ କଥା ରହିଲା ଯେ ଯଦି କେବେ ଅଗସ୍ତ୍ୟ ତାଙ୍କୁ ଏକୁଟିଆ ଛାଡ଼ି ଯିବେ ତେବେ ସେ ମଧ୍ୟ ଅଗସ୍ତ୍ୟଙ୍କୁ ଛାଡ଼ି ଚାଲିଯିବେ । ଦିନେ ଅଗସ୍ତ୍ୟ କାବେରୀଙ୍କୁ ଛାଡ଼ି ଦେଇ ବ୍ରହ୍ମଗିରିରେ ଥିବା ହ୍ରଦକୁ ସ୍ନାନ କରି ଗଲେ । ତହୁଁ କାବେରୀ ସେହି ହ୍ରଦକୁ ଡେଇଁ ପଡ଼ିଲେ । ଅଗସ୍ତ୍ୟଙ୍କ ଶିଷ୍ୟମାନେ ତାଙ୍କୁ ବାଧା ଦେଲାରୁ ସେ ପାତାଳରେ ପ୍ରବେଶ କରି କିଛି ଦୂରରେ ବାହାରି ପୁଣି ଚାଲିଗଲେ ।

କାବେରୀ ଗର୍ଭରେ କେତେକ ଛୋଟ ଦ୍ୱୀପ ଅଛି । ଶ୍ରୀରଙ୍ଗପତ୍ତନ ଏହିପରି ଗୋଟିଏ ଦ୍ୱୀପ । ଏଠାରେ ହାଇଦର ଅଲି ଓ ଟିପୁ ସୁଲତାନଙ୍କର ଦୁର୍ଗ ଅଛି । ଶିବସମୁଦ୍ରମ୍ ଆଉ ଗୋଟିଏ ଦ୍ୱୀପ ।

ତ୍ରିଚିନୋପଲ୍ଲୀ ନିକଟରେ କାବେରୀ ଗର୍ଭର ଆଉ ଗୋଟିଏ ଦ୍ୱୀପରେ ଶ୍ରୀରଙ୍ଗମ୍ ନାମକ ପୁରୁଣା ମନ୍ଦିର ଅଛି । କାବେରୀ ନଦୀର

Digitized by srujanika@gmail.com

ଜଳ କେନାଲ ଦ୍ୱାରା ନିଆଯାଇ ବହୁ କୃଷିକ୍ଷେତ୍ର ଉର୍ବର କରାଯାଇଅଛି ।

କଠିନ ଶବ୍ଦମାନଙ୍କର ଅର୍ଥ—

ପରମ—ଶ୍ରେଷ୍ଠ; ପବିତ୍ର—ପୁଣ୍ୟ; ସଂକୀର୍ଣ୍ଣ—ଅଣଓସାରିଆ; ପୁଷ୍ଟ ହେବା—ବୃଦ୍ଧି ପାଇବା; କୃତ୍ରିମ—ମନୁଷ୍ୟ ନିର୍ମିତ, ଯାହା ପ୍ରାକୃତିକ ନୁହେଁ; ପୟଃପ୍ରଣାଳୀ—କେନାଲ; ପ୍ରସ୍ଥ—ଓସାର; ପ୍ରାଚୀନ—ପୁରୁଣା; ପୀଠ—କ୍ଷେତ୍ର; ପ୍ରତିଷ୍ଠା—ଖ୍ୟାତି; ଉଦ୍ୟମ—ଚେଷ୍ଟା; ଦୀର୍ଘତର—ଅଧିକ ଲମ୍ବ; ଅଗଭୀର—ଯାହା ଗଭୀର ନୁହେଁ; ଦୁଃସାଧ୍ୟ—କଷ୍ଟକର; ଅପ୍—ଜଳ; ଶୈଳଶ୍ରେଣୀ—ପାହାଡ଼ମାଳା; ରୂପବତୀ—ସୁନ୍ଦରୀ; ଦମ୍ପତି—ସ୍ତ୍ରୀ ଓ ସ୍ୱାମୀ; ସୁବିସ୍ତୃତ—ଖୁବ୍ ଓସାରିଆ; ଦୁର୍ଗ—ଗଡ଼; ଉଦ୍ୟାନ—ବଗିଚା ।

ବିପରୀତ ଅର୍ଥବୋଧକ ଶବ୍ଦ—

ସଂକୀର୍ଣ୍ଣ—ପ୍ରଶସ୍ତ; ମିଳିତ—ବିଭକ୍ତ; ପ୍ରବେଶ—ପ୍ରସ୍ଥାନ; ଅଧିକ—ଊଣା; ପ୍ରାଚୀନ—ଅର୍ବାଚୀନ; ଦୁଃସାଧ୍ୟ—ସୁସାଧ୍ୟ; ଗଭୀର—ଅଗଭୀର; ପ୍ରଶଂସା—ନିନ୍ଦା; ବୃଦ୍ଧି—ହ୍ରାସ; ଉର୍ବର—ଅନୁର୍ବର ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । [ସାରକଥା ଦେଖ ।]

୨ । [ସାର କଥା ଦେଖ ।]

୩ । [ସାର କଥା ଦେଖ ।]

୪ । ଅନେକ ଶାଖାନଦୀ ଗଙ୍ଗାର ଜଳକୁ ଦେଶର ନାନା ସ୍ଥାନକୁ ବହି ନେଉଅଛନ୍ତି । ଯମୁନା ଗଙ୍ଗାର ଉପନଦୀମାନଙ୍କ ମଧ୍ୟରେ ପ୍ରଧାନ । ଖୁବ୍ ଲମ୍ବଠାରେ ଗୋଟିଏ ଅଣିକଟ ନିର୍ମାଣ କରାଯାଇ କେନାଲ ଦ୍ୱାରା ସିନ୍ଧୁ ନଦୀର ଜଳକୁ କୃଷି କାର୍ଯ୍ୟରେ ଲଗା ଯାଉଅଛି ।

Digitized by srujanika@gmail.com

ବହୁସଂଖ୍ୟକ ପଯ୍ୟଃପ୍ରଣାଳୀ ଢାବେଶ୍ୱର ଜଳକୁ ନେଇ ବିସ୍ତୃତ ଭୂମିଖଣ୍ଡମାନ ଉର୍ବର କରୁଅଛି । ବନ୍ୟା କାଳରେ ଗଙ୍ଗାର ଗଭୀରତା ଷାଠିଏ ଫୁଟ ପର୍ଯ୍ୟନ୍ତ ହୁଏ ।

୫ । ବିବେଚିତ (ବିଶେଷଣ)—ବିବେଚନା (ବିଶେଷ୍ୟ), ଜଳ (ବିଶେଷ୍ୟ)—ଜଳୀୟ (ବିଶେଷଣ); ମୃତ୍ୟୁ (ବିଶେଷ୍ୟ)—ମୃତ (ବିଶେଷଣ); ପାର୍ବତ୍ୟ (ବିଶେଷଣ)—ପର୍ବତ (ବିଶେଷ୍ୟ); ବନ (ବିଶେଷ୍ୟ)—ବନ୍ୟ (ବିଶେଷଣ); ତ୍ୟକ୍ତ (ବିଶେଷଣ)—ତ୍ୟାଗ (ବିଶେଷ୍ୟ); ବ୍ୟବହାର (ବିଶେଷ୍ୟ)—ବ୍ୟବହୃତ (ବିଶେଷଣ); ଗଭୀରତା (ବିଶେଷ୍ୟ)—ଗଭୀର (ବିଶେଷଣ); ବିସ୍ତାର (ବିଶେଷ୍ୟ)—ବିସ୍ତୃତ (ବିଶେଷଣ); ଅବସ୍ଥାନ (ବିଶେଷ୍ୟ)--ଅବସ୍ଥିତ (ବିଶେଷଣ); ପ୍ରତିଷ୍ଠିତ (ବିଶେଷଣ)—ପ୍ରତିଷ୍ଠା (ବିଶେଷ୍ୟ); ଉନ୍ନତ—(ବିଶେଷଣ)—ଉନ୍ନତି (ବିଶେଷ୍ୟ); ପ୍ରବାହ [ବିଶେଷ୍ୟ]—ପ୍ରବାହିତ [ବିଶେଷଣ] ।

———

(୬୪) କରିବି ଧରାକୁ ନିଜ ଗୁଣେ ସୁଖମୟ

ସାର କଥା—

ଏ ପୃଥିବୀ ଆନନ୍ଦର ମୂର୍ତ୍ତି । ପୃଥିବୀରେ ମନୁଷ୍ୟ ଜୀବନ ଅମୂଲ୍ୟ; ଏଥିରେ ଦୁଃଖ ନାହିଁ, ଭୟ ନାହିଁ । ମୁଁ ଯାହା ସବୁ ଦେଖୁଛି ବା ଶୁଣୁଛି; ଯାହା ଖାଇ ପ୍ରାଣ ଧରୁଛି; ସେ ସବୁ ପୃଥିବୀ ଆନନ୍ଦରେ ଦେଉଛି । ମାଆ ପେଟରୁ ଜନ୍ମ ହେଲାଦିନୁ ଏହି ପୃଥିବୀ ଉପରେ ମୁଁ ବଢ଼ି ଆସିଛି । ବାପା, ମାଆ, ଭାଇ, ଭଉଣୀଙ୍କ ଅପୂର୍ବ ସ୍ନେହରେ ମୋର ଦେହ ଓ ମନ ପୁଷ୍ଟ ହୋଇଅଛି । ବେଗରେ ପଢ଼ିଲା,

Digitized by srujanika@gmail.com

ବେଳେ ମୁଁ ସେମାନଙ୍କର ଆଦର, ଯତ୍ନ, ଓ କୋମଳ କଥା ପାଇଛି । 'ପୃଥିବୀର ଆଲୁଅ, ପାଣି, ପବନ ମୁଁ ନ ମାଗୁଣୁ ବଳେ ବଳେ ପାଇଛି । ଗଛମାନେ ଆନନ୍ଦରେ ଫୁଲ ଫଳ ଯୋଗାଉଅଛନ୍ତି ।' ମୁଁ ଏତେ ସୁଖ, ଏତେ ଆନନ୍ଦ ପାଇ କାହିଁକି ନିଜକୁ ଦୁଃଖୀ ମନେ କରିବି ? ପ୍ରକୃତି ସବୁବେଳେ ଦାନ କରିବାରେ ଲାଗିଛି; କାହାକୁ କିଛି ମାଗୁନାହିଁ । ମୁଁ ପ୍ରକୃତିଠାରୁ ଏହି ଶିକ୍ଷା ଗ୍ରହଣ କରିବି । କାହାରିକୁ କିଛି ନ ମାଗି ଯେତେ ପାରେଁ ସବୁ ଦେବି । ଫୁଲ ଫୁଟି ସୁଗନ୍ଧ ବାଣ୍ଟି ଦେଲା ପରି ମୁଁ ଭଲ ଗୁଣ ପ୍ରକାଶ କରି ଅନ୍ୟ-ମାନଙ୍କୁ ଆନନ୍ଦିତ କରିବି । ଗଛ ନିଜ ମୁଣ୍ଡରେ ଖରାତେଜ ସହି ଅନ୍ୟମାନଙ୍କୁ ଛାୟା ଦେଇଥାଏ । ମୁଁ ତାରି ପରି ଦୁଃଖ ସହି ଅନ୍ୟ-ମାନଙ୍କୁ ସୁଖ ଦେବି । ଯାହାର ମୋଠାରୁ ବେଶୀ ଧନ ଅଛି ତାଠାରୁ କିଛି କାଢ଼ି ନେବାକୁ ମନ କରିବି ନାହିଁ । ମୋଠାରୁ ସୁଖୀ ଲୋକଙ୍କୁ ହିଂସା କରିବି ନାହିଁ କି ପରର ଅମଙ୍ଗଳ ଚିନ୍ତା କରିବି ନାହିଁ । ଯଦି ଦରିଦ୍ରକୁ କିଛି ଦେଇ ନ ପାରିବି, ତେବେ ତାକୁ ଘୃଣାରେ ତଡ଼ି ଦେବି ନାହିଁ, ବରଂ ମଧୁର କଥା କହି ତା ମନକୁ ସନ୍ତୋଷ କରିବି ।

ଏହିପରି ଜୀବନ କଟାଇ ପାରିଲେ ମୋ ଗୁଣରେ ପୃଥିବୀ ସୁଖର ସ୍ଥାନ ହୋଇ ଉଠିବ ।

କଠିନ ଶବ୍ଦର ଅର୍ଥ—

ଅମୂଲ୍ୟ—ଅତି ମୂଲ୍ୟବାନ୍; ଆଳୟ—ଘର, ସ୍ଥାନ; ଅକାତରେ —ଅକୁଣ୍ଠିତ; ଉର୍ବୀ—ପୃଥିବୀ; ଧାତ୍ରୀ—ଧାଈ; ନିଦାଘ-ତାପିତ—ଗ୍ରୀଷ୍ମରେ ତାତିଥିବା; ଅପାର୍ଥିବ—ସ୍ୱର୍ଗୀୟ, ଯାହା ଏ ପୃଥିବୀର ନୁହେଁ; ଯନ୍ତ୍ରଣା—କଷ୍ଟ, ଗିରି—କଥା; ବାରି—ଜଳ; ତରୁ—ବୃକ୍ଷ; ବନଶ

Digitized by srujanika@gmail.com

—ଗୁଣ୍ଠି; ବାଣିବ—ବାଣ୍ଟିଦେବ; ବ୍ୟଥା—କଷ୍ଟ, ମୋ ଡହୁଁ—ମୋଠାରୁ ।

ପଦ୍ୟରେ ବ୍ୟବହୃତ ପଦମାନଙ୍କର ଗଦ୍ୟରେ ଆକାର—

ଭୁଞ୍ଜଇଁ—ଭୁଞ୍ଜେ, ଭୋଜନ କରେଁ । ଗର୍ଭୁଁ—ଗର୍ଭରୁ । ବରଣା—ବର୍ଣ୍ଣା । କରଇ—କରେ । ଲଭି—ଲଭିକରି । ଅନ—ଅନ୍ୟ । ମୋଡହୁଁ—ମୋଠାରୁ । ଦରବ—ଦ୍ରବ୍ୟ ।

ପ୍ରତିଶବ୍ଦ—ଧରା—ପୃଥିବୀ, ଧରଣୀ, ଧରଣୀ । ବ୍ୟଥା—ବେଦନା, ଯନ୍ତ୍ରଣା, ଯାତନା । ବୃକ୍ଷ—ତରୁ, ପାଦପ, ମହୀରୁହ । ଜଳ—ବାରି, ଅମ୍ବୁ, ପୟ । ଗୃହ—ଆଳୟ, ସଦନ, ଭବନ ।

ସରଳାର୍ଥ—

(କ) ଜନନୀ ଗର୍ଭୁଁ ·········· ଧାରଣୀ ଧରା । (ପୃ ୧୦୭)

ଧାଈ ପିଲାକୁ କୋଳରେ ଧରି ଖୁଆଇ ପିଆଇ ବଢ଼ାଏ । ମୁଁ ମାଆ ପେଟରୁ ଜନ୍ମ ହେଲା ବେଳୁ ଏଇ ପୃଥିବୀରେ ରହୁଛି, ଏଇ ପୃଥିବୀରୁ ଆହାର ଖାଇ ବଞ୍ଚୁଛି । ତେଣୁ ପୃଥିବୀ ମୋତେ ଜନ୍ମବେଳୁ ଧାଈ ପରି ରଖିଛି ।

(ଖ) ଆଲୋକ, ପବନ········ ସେମାନ । (ପୃ ୧୦୭)

ମନୁଷ୍ୟର ଜୀବନ ରକ୍ଷା ପାଇଁ ଆଲୁଅ, ପବନ ଓ ପାଣି ନିତାନ୍ତ ଦରକାର । ଏସବୁ ଜିନିଷ ପ୍ରକୃତି ସବୁବେଳେ ମନୁଷ୍ୟକୁ ଦାନ କରୁଛି । ଏସବୁ ପାଇବା ପାଇଁ ମନୁଷ୍ୟକୁ ପ୍ରକୃତିକୁ ମାଗିବାକୁ ପଡ଼େ ନାହିଁ । ପ୍ରକୃତି ବଳେ ବଳେ ଯାଚି ଏସବୁ ମନୁଷ୍ୟକୁ ଦେଉଥାଏ ।

(ଗ) ଖରାତାପ ସହି··········ନିଜ ଦେହ । (ପୃ ୧୦୮)

ଗଛ ଉପରେ ସୂର୍ଯ୍ୟ କିରଣ ପଡ଼ି ତାକୁ ତ ... ଛ ପୋଡ଼ି ଦେଉଥାଏ । କିନ୍ତୁ ବାଟୋଇ ଖରାରୁ ରକ୍ଷା ପାଇବାକୁ ଗଲେ ଗଛ ତାକୁ ଆନନ୍ଦରେ

Digitized by srujanika@gmail.com

ଧୁଇ ଦେଇଥାଏ । ନିଜେ କଷ୍ଟ ସହି ଅନ୍ୟର କଷ୍ଟ ଦୂର କରିବା ଗୋଟିଏ ମହତ୍ କାମ । ଗଛଠାରୁ ଆମର ଏହି ଗୁଣଟି ଶିଖିବା ଦରକାର ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଆମେ ଯାହାସବୁ ଦେଖୁଁ, ଶୁଣୁଁ ବା ଯାହା ଖାଇ ଜୀବନ ରଖୁଁ ସେ ସବୁ ପୃଥିବୀ ଆନନ୍ଦରେ ଦେଇଛି । ଜନ୍ମ ହେଲା ଦିନୁ ପୃଥିବୀରେ ଆମେ ବଢ଼ି ଆସିଛୁ । ପୃଥିବୀରେ ଭାଇ, ଭଉଣୀ, ବାପ, ମାଆ ପ୍ରଭୃତିଙ୍କର ସ୍ନେହ ପାଇ ଆମ ଦେହ ବଢ଼ିଛି, ମନ ସରସ ହୋଇଛି । ରୋଗକଷ୍ଟରେ ପଡ଼ିଲେ ସେମାନେ ଆଦର କରି, ଯତ୍ନକରି, ମଧୁର କଥା କହି ଦୁଃଖ ହରି ନିଅନ୍ତି । ଆମର ଜୀବନ ରକ୍ଷା ପାଇଁ ଯେଉଁ ପାଣି ପବନ ଓ ଆଲୁଅ ଦରକାର, ସେ ସବୁ ବିନେ ବିନେ ମିଳୁଛି । ଗଛ ଲତା ଆମକୁ ଓ ଅନ୍ୟ ଜୀବମାନଙ୍କୁ ଆହାର ଦେଉଛନ୍ତି । ତେବେ ଆମର ଦୁଃଖ କଅଣ ? ପ୍ରକୃତରେ ଏ ପୃଥିବୀ ସୁଖର ସ୍ଥାନ ।

୨ । ପୃଥିବୀର ବୃକ୍ଷଲତାମାନେ ମନୁଷ୍ୟ ଓ ଜୀବଜନ୍ତୁଙ୍କୁ ଆହାର ଯୋଗାଉଅଛନ୍ତି । ପ୍ରକୃତି ବିନେ ବିନେ ସମସ୍ତଙ୍କୁ ପବନ, ଆଲୁଅ ଓ ପାଣି ଦେଉଅଛି । ପ୍ରକୃତି ସବୁବେଳେ କେବଳ ଦେଉଅଛି, କେବେ କାହାରଠାରୁ କିଛି ମାଗୁନାହିଁ । ମନୁଷ୍ୟ ସବୁବେଳେ ପ୍ରକୃତିର ଦାନରେ ବଢ଼ିଛି । ଏଥିରୁ ଶିକ୍ଷା ମିଳୁଛି ଯେ ଆମ୍ଭେମାନେ ନିଃସ୍ୱାର୍ଥପର ଭାବରେ ଦାନ କରିବା, କାହାରିକୁ କିଛି ମାଗିବା ନାହିଁ ।

୩ । ସୂଚନା —ନିଜଗୁଣରେ ଅନ୍ୟମାନଙ୍କରେ ଆନନ୍ଦ ଦେବା, ନିଜେ ଦୁଃଖ ସହି ପରର ଦୁଃଖ ହରିବା, କାହାର ଧନ ପ୍ରତି ଲୋଭ ନ କରିବା, କାହାକୁ ହିଂସା ନ କରିବା, ପରର ଅମଙ୍ଗଳ ନ ଚାହିଁବା, ଦୁଃଖୀକୁ ଦାନ କରିବା ଓ ମଧୁର କଥା କହିବା ଦ୍ୱାରା ।

Digitized by srujanika@gmail.com

୪ । ମାନବ ଜୀବନ ପୃଥିବୀରେ ଅମୂଲ୍ୟ । ବାଳକର ଅକୁଳ କ୍ରନ୍ଦନ ଶୁଣି ମୁଁ ଅସ୍ଥିର ହୋଇ ପଡ଼ିଲି । ପୃଥିବୀ ଅକାତର ଭାବରେ ଖାଦ୍ୟ, ଜଳ, ବାୟୁ, ଅଲୋକ ପ୍ରଭୃତି ଦାନ କରୁଛି । ପିତାମାତାଙ୍କର ଅପାର୍ଥିବ ସ୍ନେହ ଲାଭ କରି ଅନେକେ ଧନ୍ୟ । ବିପଦରେ ଅଧୀର ହେବା ଉଚିତ ନୁହେଁ । ମାତାଙ୍କର ସୁକୋମଳ କୋଳରେ ଆଶ୍ରୟ ନେଇ ଶିଶୁ ସବୁ ଦୁଃଖ ଭୁଲିଯାଏ । ଗ୍ରୀଷ୍ମ ତାପିତ ପୃଥିବୀ ବର୍ଷା ଜଳ ପାଇ ଶୀତଳ ହୁଏ ।

ସମାପ୍ତ

କଟକ କୃଷକ ପ୍ରେସରେ ଶ୍ରୀ ...ନେଶ୍ୱର ମିଶ୍ରଙ୍କ
ଦ୍ୱାରା ମୁଦ୍ରିତ—୧୯

Digitized by srujanika@gmail.com